




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୮ ଜୁନ୍ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 18 JUNE 2020

Vol.No. 30 ■ No. 151 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chaiman


# ଅନଲକ ୧.୦ ପରବର୍ତ୍ତୀ ସ୍ଥିତି ସମୀକ୍ଷା ଲାଗି ମୁଖ୍ୟମନ୍ତ୍ରୀମାନଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ଦ୍ୱିତୀୟ ବୈଠକ



ନୂଆଦିଲ୍ଲୀ,୧୭।୬ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଅନଲକ ୧.୦ ପରବର୍ତୀ ସ୍ଥିତି ସମୀକ୍ଷା ଏବଂ କୋଭିଡ-୧୯ ମହାମାରୀ ମୁକାବିଲା ଲାଗି ଯୋଜନା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଆଜି ପୁଣିଥରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହିତ ଆଲୋଚନା କରିଛନ୍ତି । ଭିଡିଓ କନଫରେନ୍ସିଂ ଜରିଆରେ ଦୁଇ ଦିନିଆ ଆଲୋଚନା କାର୍ଯ୍ୟକ୍ରମର ଏହା ଥିଲା ଦ୍ୱିତୀୟ ପର୍ଯ୍ୟାୟ ।କେତେକ ବଡ଼ ରାଜ୍ୟ ଏବଂ ସହରରେ ଭୂତାଣୁ ସଂକ୍ରମଣ ଅଧିକ ରହିଥିବା ପ୍ରଧାନମନ୍ତ୍ରୀ ହୃଦବୋଧ କରିଥିଲେ । ଅଧିକ ଜନସାଂଖ୍ୟିକ ସାନ୍ଦ୍ରତା କାରଣରୁ ସାମାଜିକ ଦୂରତା ବଜାୟ ରଖିବାରେ ସମସ୍ୟା ଦେଖାଦେଉଛି । ଦୈନିକ ବହୁସଂଖ୍ୟାରେ ଜନସାଧାରଣ ଯାତାୟାତ କରୁଥିବା କାରଣରୁ ସ୍ଥିତି ବେଶ ସମସ୍ୟାବହୁଳ ହୋଇପଡ଼ିଛି । ତଥାପି ନାଗରିକମାନଙ୍କ ଧୈର୍ଯ୍ୟ, ପ୍ରଶାସନର ପ୍ରସ୍ତୁତି ଏବଂ କରୋନା ଯୋଦ୍ଧାମାନଙ୍କର ସମର୍ପଣ କାରଣରୁ ସଂକ୍ରମଣକୁ ନିୟନ୍ତ୍ରଣ କରାଯାଇପାରିଛି । ଠିକଣା ସମୟରେ ରୋଗୀଙ୍କୁ ଚିହ୍ନଟ, ଚିକିତ୍ସା ଏବଂ ରିପୋର୍ଟିଂ କାରଣରୁ ଆରୋଗ୍ୟ ହାର ବୃଦ୍ଧି ପାଉଛି ବୋଲି ସେ କହିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ଲକଡାଉନ ସମୟରେ ଲୋକମାନେ ପ୍ରଦର୍ଶନ କରିଥିବା ଶୃଙ୍ଖଳା କାରଣରୁ ଭୂତାଣୁର ବ୍ୟାପକ ସଂକ୍ରମଣକୁ ରୋକାଯାଇପାରିଛି । ସ୍ୱାସ୍ଥ୍ୟ ଭିତିଭୂମି ବୃଦ୍ଧି: ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା କରିବା ଲାଗି ଉନ୍ନତ ସ୍ୱାସ୍ଥ୍ୟ ଭିତିଭୂମି ଏବଂ ତାଲିମପ୍ରାପ୍ତ କର୍ମଶକ୍ତିର ଉପଲବ୍ଧତା ବିଷୟରେ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ । ପିପିଇ, ମାସ୍କର ଘରୋଇ ଉତ୍ପାଦନ ବୃଦ୍ଧି, ଯଥେଷ୍ଟ ପରିମାଣରେ ନିଦାନ କିଟ ଉପଲବ୍ଧତା, ପିଏମ କେୟାର୍ସ ପାଣ୍ଠିର ଉପଯୋଗ କରି ଭାରତରେ ପ୍ରସ୍ତୁତି ଭେଣ୍ଟିଲେଟର ଯୋଗାଣ, ପରୀକ୍ଷାଗାର ଉପଲବ୍ଧତା, ଲକ୍ଷାଧିକ ସଂଖ୍ୟାରେ କୋଭିଡ ସ୍ୱତନ୍ତ୍ର ଶଯ୍ୟା, ହଜାର ହଜାର ସଂଖ୍ୟକ ସଙ୍ଗରୋଧ ଓ ଏକାନ୍ତବାସ କେନ୍ଦ୍ର ଏବଂ ପ୍ରଶିକ୍ଷଣ ମାଧ୍ୟମରେ ଯଥେଷ୍ଟ ମାନବ ସମ୍ବଳ ସୃଷ୍ଟି ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ । ସ୍ୱାସ୍ଥ୍ୟ ଭିତିଭୂମି, ସୂଚନା ବ୍ୟବସ୍ଥା, ମାନସିକ ସହାୟତା ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ଉପରେ ନିରନ୍ତର ଗୁରୁତ୍ୱାରୋପ କରିବାର ଆବଶ୍ୟକତା ଉପରେ ସେ ଆଲୋକପାତ କରିଥିଲେ । ସଂକ୍ରମିତଙ୍କୁ ତୁରନ୍ତ ଚିହ୍ନଟ, ଠାବ ଏବଂ ସଙ୍ଗରୋଧ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ବର୍ତମାନର ପରୀକ୍ଷଣ କ୍ଷମତାକୁ ବଢ଼ାଇବା ସହିତ ଏହାକୁ ସମ୍ପୂର୍ଣ୍ଣ ରୂପେ ଉପଯୋଗ କରିବାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ସେ ଟେଲିମେଡ଼ିସିନର ଲାଭ ବିଷୟରେ କହିବା ସହିତ ଏହି ମାଧ୍ୟମରେ ଅସୁସ୍ଥମାନଙ୍କୁ ▶▶ପୃଷ୍ଠା ୭

## ଲଦାଖ ସଂଘର୍ଷ ଘଟଣା

# ଶତ୍ରୁକୁ କଡା ଜବାବ୍ ଦିଆଯିବ : ମୋଦୀ



ନୂଆଦିଲ୍ଲୀ,୧୭।୬ (ନି.ପ୍ର): ଭାରତର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ସର୍ବୋଚ୍ଚ ଏବଂ ଏହାକୁ ସୁରକ୍ଷା ଦେବାରେ ଆମକୁ କେହି ରୋକି ପାରିବ ନାହିଁ ବୋଲି ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଏବଂ ଚୀନ୍ ମଧ୍ୟରେ ତିକ୍ତତା ସମ୍ପର୍କରେ ଦେଶକୁ ଆଶ୍ୱାସନା ଦେଇ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବୁଧବାର ଦିନ ୧୫ ଟି ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ମୋଦୀ ଗଲୱାନ ଉପତ୍ୟକାରେ ସହିଦ ହୋଇଥିବା ସାହସୀ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ସହ ଏକ ଭିଡିଓ କନଫରେନ୍ସିଂ ବୈଠକରେ ଦୁଇ ମିନିଟର ନୀରବ ପ୍ରାର୍ଥନା କରି ଶହୀଦ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ବୈଠକ ଆରମ୍ଭରେ ପ୍ରଧାନମନ୍ତ୍ରୀ କହିଥିଲେ, ’ମୁଁ ଦେଶକୁ ନିଶ୍ଚିତ କରିବାକୁ ଚାହୁଁଛି ଯେ ଆମର ସୈନିକମାନଙ୍କ ବଳିଦାନ ବୃଥା ହେବ ନାହିଁ। ଭାରତର ▶▶ପୃଷ୍ଠା ୭

# ଆଉ ୧୭୫ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ ମାମଲା ୪୩୩୮କୁ ବୃଦ୍ଧି

ଭୁବନେଶ୍ୱର,୧୭।୬ (ନି.ପ୍ର): ରାଜ୍ୟରେ ଆଜି ଆଉ ୧୭୫ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୪୩୩୮ କୁ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୭୫ ଜଣଙ୍କ ମଧ୍ୟରୁ ୧୪୫ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୩୦ ଜଣ ସ୍ଥାନୀୟ ଲୋକ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୫ ଟି ଜିଲ୍ଲାର ହୋଇଥିବା ବେଳେ ପଶ୍ଚିମ ବଙ୍ଗରେ ଅମ୍ପାନ ଡ୍ୟୁଟିରେ ଯାଇଥିବା ଅଗ୍ନିଶମ ବିଭାଗର ୨୧ ଜଣ ଜବାନ ଆଜି କରୋନା ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ଗଜପତି ଜିଲ୍ଲାରୁ ସର୍ବାଧିକ ୫୭ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଭାବେ ମୟୁରଭଂଜ ଜିଲ୍ଲାରୁ ୫ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୨୫ ଜଣ, ସୁନ୍ଦରଗଡ ଜିଲ୍ଲାରୁ ୫ ଜଣ. କଟକ ଜିଲ୍ଲାରୁ ୩ ଜଣ, ଜଗତସିଂହପୁର ଜିଲ୍ଲାରୁ ୭ ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ଝାରସୁଗୁଡାରୁ ଜଣେ, ବାଲେଶ୍ୱରରୁ ୬ ଜଣ, କେନ୍ଦ୍ରାପଡାରୁ ଜଣେ, ନୂଆପଡାରୁ ୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ୭ ଜଣ, ବରଗଡ ଜିଲ୍ଲାରୁ ୧୧ ଜଣ, ପୁରୀ ଜିଲ୍ଲାରୁ ୧୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୫୭ ଜଣ, ବଲାଙ୍ଗୀର ଜିଲ୍ଲାରୁ ୩ ଜଣ ଓ ଗଂଜାମ ଜିଲ୍ଲାରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ପରଲୋକରେ ବାଲେଶ୍ୱର ସଦର ବିଧାୟକ ମଦନ ମୋହନ ଦତ୍ତ

## ଜଣେ ଦକ୍ଷ ସଂଗଠକ-ଲଢୁଆ ନେତାଙ୍କୁ ହରାଇଲେ ଜିଲ୍ଲାବାସୀ



ବାଲେଶ୍ୱର,୧୭।୬ (ନି.ପ୍ର) : ଜିଲ୍ଲା ବିଜେପିର ଦକ୍ଷ ସଂଗଠକ, ଲୋକପ୍ରିୟ ନେତା ତଥା ବାଲେଶ୍ୱର ସଦର ବିଧାୟକ ମଦନ ମୋହନ ଦତ୍ତଙ୍କର ଆଜି ଆକାଳ ବିୟୋଗ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା । ଗତ କିଛିଦିନ ଧରି ସେ ଯକୃତ ରୋଗରେ ପୀଡ଼ିତ ଥିଲେ । ପ୍ରାୟ ୬ ମାସ ପୂର୍ବରୁ ଦିଲ୍ଲୀସ୍ଥିତ ଏମ୍ସ ହସପିଟାଲରେ ମାସାଧିକ କାଳ ଚିକିତ୍ସା ପରେ ସେ ସୁସ୍ଥ ହୋଇ ଫେରିଥିଲେ । ମାତ୍ର କେଇ ସପ୍ତାହ ପୂର୍ବରୁ ସେ ମେରୁଦଣ୍ଡରେ ଯନ୍ତ୍ରଣା ଅନୁଭବ କରିଥିଲେ । ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଆଜି ସକାଳ ପ୍ରାୟ ୯ଟା ୪୫ ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଶେଷ ସମ୍ମାନ ପ୍ରଦାନ ପାଇଁ ହସପିଟାଲରୁ ତାଙ୍କର ମର ଶରୀରକୁ ଭୁବନେଶ୍ୱରସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ନିଆଯାଇଥିଲା । ବିଜେପିର ରାଜ୍ୟସ୍ତରୀୟ ନେତାମାନେ ପୁଷ୍ପଗୁଚ୍ଛ ଦେଇ ଶେଷ ଦର୍ଶନ କରିବା ସହିତ ଅମର ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସଂଧ୍ୟାରେ ତାଙ୍କର ମରଶରୀର ବାଲେଶ୍ୱର ପହଞ୍ଚିଥିଲା । ବାଲେଶ୍ୱର ଆସିବା ବେଳେ ରାସ୍ତାର ସ୍ଥାନେ ସ୍ଥାନେ ଅଟକାଇ କର୍ମୀ ଓ ସମର୍ଥକମାନେ ଶେଷ ସମ୍ମାନ ଜଣାଇଥିଲେ । ମରଶରୀରକୁ କୁରୁଡ଼ାଠାରୁ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା ସହ ଦଳୀୟ କାର୍ଯ୍ୟାଳୟକୁ ଅଣାଯାଇଥିଲା । ସହର ରାସ୍ତାରେ ବି ଶୋଭାଯାତ୍ରାକୁ ଅଟକାଇ ବିଶିଷ୍ଟ ବ୍ୟକ୍ତିମାନେ ଶେଷ ସମ୍ମାନ ପ୍ରଦାନ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲେଶ୍ୱର ଉପ-ଜିଲ୍ଲାପାଳ ନୀଲୁ ମହାପାତ୍ର ଷ୍ଟେସନଛକଠାରେ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନ ଜଣାଇଥିଲେ । ମରଶରୀର ପାର୍ଟି ଅଫିସରେ ପହଞ୍ଚିବା ବରେ ଦଳୀୟ କର୍ମକର୍ତ୍ତା, ସହଯୋଗୀ ଓ ସମର୍ଥକଙ୍କ କ୍ରନ୍ଦନରୋଳରେ ସେଠାରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ▶▶ପୃଷ୍ଠା ୭

## ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ଶୋକ

ବାଲେଶ୍ୱର,୧୭।୬ (ନି.ପ୍ର): ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତଙ୍କର ହୃଦଘାତରେ ପରଲୋକ ହୋଇଛି । ଯାହା ବାଲେଶ୍ୱର ଜିଲ୍ଲା ପାଇଁ ଅପୂରଣୀୟ କ୍ଷତି । ସେ ଥିଲେ ଜଣେ ଅହଂକାରୀଶୂନ୍ୟ ଜନସେବକ ଓ ଦୃଢ଼ସଂଗଠକ । ତାଙ୍କର ଅକାଳ ବିୟୋଗରେ ମୁଁ ଗଭୀର ଦୁଃଖ ପ୍ରକାଶ କରୁଛି । ତାଙ୍କର ସ୍ମୃତି ମୋ ମନରେ ସବୁଦିନ ପାଇଁ ଅଲିଭା ହୋଇ ରହିବ । ଏହି ଦୁଃଖ ସମୟରେ ଭଗବାନ ତାଙ୍କ ପରିବାରକୁ ଧୈର୍ଯ୍ୟ ଏବଂ ଶକ୍ତି ଦିଅନ୍ତି ଏବଂ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଅଛି ।

## କୋଭିଡ୍ ନିୟନ୍ତ୍ରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ପ୍ରତି ପଂଚାୟତରେ କୋଭିଡ୍ କେୟାର ହୋମ୍, ଗଠନ ହେବ ୱାର୍ଡ଼ ସ୍ତରୀୟ କମିଟି



ଭୁବନେଶ୍ୱର,୧୭।୬ (ନି.ପ୍ର): ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏକ ବାର୍ତା ପ୍ରଦାନ କରିବା ସହିତ କୋଭିଡ୍‌ର ମୁକାବିଲା ପାଇଁ ୨ଟି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ୩ ମାସରୁ ଅଧିକ ସମୟ ଧରି କରୋନା ଆମ ଜନଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଆସିଛି । ସବୁ ବର୍ଗ ଓ ସବୁ କ୍ଷେତ୍ର ଏହାଦ୍ୱାରା ପ୍ରଭାବିତ ହୋଇଛି । ଯେହେତୁ ଏ ରୋଗର ଚିକିତ୍ସା ପାଇଁ ନିର୍ଦ୍ଦିଷ୍ଟ ଚିକିତ୍ସା ପଦ୍ଧତି ବାହାରି ନାହିଁ ତେଣୁ ସତର୍କତା ହିଁ ଆମପାଇଁ ଶ୍ରେଷ୍ଠ ଉପାୟ । ସାମାଜିକ ଦୂରତ୍ୱ, ମାସ୍କ ବ୍ୟବହାର ଏବଂ ସାବୁନ୍‌ରେ ବାରମ୍ବାର ହାତ ଧୋଇବା ଦ୍ୱାରା ହିଁ ଏ ରୋଗକୁ ଆମେ ନିୟନ୍ତ୍ରଣ କରିପାରିବା । ସେ ଆହୁରି କହିଛନ୍ତି ଯେ, ଓଡ଼ିଶାବାସୀଙ୍କ ସହଯୋଗ ଯୋଗୁଁ ଆମେ କରୋନା ରୋଗ ନିୟନ୍ତ୍ରଣରେ ଅନ୍ୟ ରାଜ୍ୟଠାରୁ ଭଲ ସ୍ଥିତିରେ ଅଛୁ । ଇତିମଧ୍ୟରେ ଆମ ରାଜ୍ୟରେ ଅନେକ କୋଭିଡ୍ ହସ୍ପିଟାଲ୍ କରାଯାଇଛି । ୧୦ହଜାର ଶଯ୍ୟାର ବ୍ୟବସ୍ଥା କରାଯାଇଛି । ଚିକିତ୍ସା ଉପକରଣ ପ୍ରସ୍ତୁତ ରଖାଯାଇଛି । ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଉପଯୁକ୍ତ ତାଲିମ ଦିଆଯାଇଛି । ଏସବୁ ପଦକ୍ଷେପ ଫଳରେ ଆମ ରାଜ୍ୟରେ କରୋନା ଆରୋଗ୍ୟ ହାର ଏବଂ କରୋନା ମୃତ୍ୟୁହାର ଉଭୟରେ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ଠାରୁ ଭଲ ସ୍ଥିତିରେ ଅଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ବାହାରେ ରହୁଥିବା ଆମର ୫ଲକ୍ଷରୁ ଅଧିକ ପ୍ରବାସୀ ଇତିମଧ୍ୟରେ ଓଡ଼ିଶା ଫେରିଛନ୍ତି । ସେମାନଙ୍କ ▶▶ପୃଷ୍ଠା ୭

# ଶହୀଦ ଯବାନଙ୍କ ନିକଟରେ ଦେଶ ଋଣୀ ରହିବ : ଅମିତ୍ ଶାହା



ନୂଆଦିଲ୍ଲୀ,୧୭।୬ (ନି.ପ୍ର): ଲଦାଖର ଗଲୱାନ୍ ଉପତ୍ୟକାରେ ଚୀନ୍ ସୈନ୍ୟଙ୍କ ସହ ସଂଘର୍ଷରେ ନିହତ ହୋଇଥିବା କମାଣ୍ଡିଂ ଅଫିସରଙ୍କ ସମେତ ଶହୀଦ ହୋଇଥିବା୨୦ ଭାରତୀୟ ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା । ଶାହା କହିଛନ୍ତି ଯେ ଦେଶ ଏହି ସୈନିକମାନଙ୍କ ନିକଟରେ ସର୍ବଦା ଋଣୀ ରହିବ । ବୁଧବାର ଶାହା ତାଙ୍କ ଟ୍ୱିଟରେ ଲେଖିଛନ୍ତି ଯେ ମୁଁ ଭାରତୀୟ ସେନାକୁ ଏପରି ମହାନ ପୁତ୍ର ଦେଇଥିବା ପରିବାରମାନଙ୍କୁ ନମସ୍କାର କରୁଛି । ତାଙ୍କର ସର୍ବୋଚ୍ଚ ବଳିଦାନ ପାଇଁ ଭାରତ ସର୍ବଦା ତାଙ୍କ ନିକଟରେ ଋଣୀ ରହିବ । ଏହି ଦୁଃଖଦ ସମୟରେ ଶହୀଦ ଯବାନଙ୍କ ପରିବାର ସହ ସମଗ୍ର ଦେଶ ଏବଂ ମୋଦୀ ସରକାର ଦୃ ଢ ଭାବରେ ଠିଆ ହୋଇଛନ୍ତି ବୋଲି ଶାହା ଟ୍ୱିଟ୍ କରିଛନ୍ତି । ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯବାନମାନଙ୍କ ଶହୀଦତା ସମ୍ପର୍କରେ ଏକ ବିବୃତି ଦେଇ କହିଛନ୍ତି ଯେ ସେମାନଙ୍କ ବଳିଦାନ ବୃଥା ହେବ ନାହିଁ । ଦେଶର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ସର୍ବୋଚ୍ଚ ଏବଂ ଏହାକୁ ସୁରକ୍ଷା ଦେବାକୁ କେହି ଅଟକାଇ ପାରିବ ନାହିଁ । ସେହିପରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି ଯେ ଯବାନମାନଙ୍କ ସାହସିକତା ଏବଂ ବଳିଦାନକୁ ଦେଶ କେବେବି ଭୁଲି ପାରିବ ନାହିଁ । ଶହୀଦ ସୈନିକମାନଙ୍କ ପରିବାର ପାଇଁ ମୋର ହୃଦୟ ବ୍ୟଥିତ । ଏହି କଷ୍ଟ ସମୟରେ ଦେଶ ତାଙ୍କ ସହ କାନ୍ଧରେ କାନ୍ଧ ମିଳାଇ ଠିଆ ହୋଇଛି । ଭାରତର ବୀରତ୍ୱଏବଂ ସାହସ ପାଇଁ ଆମେ ଗର୍ବିତ । ଉଲ୍ଲେଖଯୋଗ୍ୟ ଯେ ପ୍ରକୃତରେ, ପୂର୍ବ ଲଦାଖରେ ଥିବା ଲାଇନ ଅଫ୍ ଆକ୍ଚୁଆଲ୍ କଂଟ୍ରୋଲ୍ (ଏଲଏସି) ନିକଟରେ ସୋମବାର ରାତିରେ ଚୀନ୍ ଏବଂ ଭାରତୀୟ ସୈନ୍ୟ ବାହିନୀ ମୁହାଁମୁହିଁ ହୋଇଥିଲେ । ଏଥିରେ ଜଣେ କର୍ଣ୍ଣେଲଙ୍କ ସମେତ ୨୦ ଜଣ ଭାରତୀୟ ସୈନିକ ଶହୀଦ ହୋଇଥିଲେ ।

# ମଦନ ମୋହନ ଦତ୍ତଙ୍କ ପରଲୋକରେ ଶୋକ ପ୍ରକାଶ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର,୧୭।୬ (ନି.ପ୍ର): ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ ଟ୍ୱିଟ କରି କହିଛନ୍ତି ଯେ ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ ପ୍ରିୟ ମଙ୍ଗୁ ଭାଇଙ୍କ ଅକାଳ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଶ୍ରୀ ଦତ ମୋର ଭାଇ ଭଳି ଥିଲେ । ଅତ୍ୟନ୍ତ ଖୋଲା, ଆମାୟିକ ତଥା ଲୋକଙ୍କ ପାଇଁ ସମର୍ପିତ ଥିଲେ । ସେ କହିଛନ୍ତି ଯେ ମଙ୍ଗୁ ଭାଇଙ୍କ ପୁଅ ମାନସ କୁମାର ଦତଙ୍କ ସହ କଥା ହେଲି । ଏପରି ଦାରୁଣ ଦୁଃଖ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପରିବାରକୁ ଅସୀମ ଧୈର୍ଯ୍ୟ ଓ ସାହାସ ଦିଅନ୍ତୁ । ଅମର ଆତ୍ମାର ସଦଗତି କାମନା କରୁଛି ବୋଲି ସେ କହିଛନ୍ତି ।

# ବଳିଦାନ ଦେଇଥିବା ଯବାନ ମାନଙ୍କ ପରିବାର ପ୍ରତି ସମବେଦନା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୬ (ନି.ପ୍ର) : ଗଲବାନ ଭ୍ୟାଲୀରେ ବଳିଦାନ ଦେଇଥିବା ଭାରତୀୟ ଯବାନ ମାନଙ୍କ ପରିବାର ପ୍ରତି ସମବେଦନା ବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସେ ଟ୍ୱିଟ କରି କହିଛନ୍ତି ଯେ ଦେଶର ଏକତା ଓ ଅଖଣ୍ଡତା ରକ୍ଷା କରିବା ପାଇଁ ଭାରତୀୟ ସେନାର ବୀର ଯବାନ ମାନଙ୍କ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି । ସେମାନଙ୍କୁ ଦେଶ ଜଣାଉଥିବା ସମ୍ମାନରେ ସାମିଲ ହୁଅନ୍ତୁ ବୋଲି ସେ ଟ୍ୱିଟ କରି କହିଛନ୍ତି ।

# ଫୁଲବାଣୀ ସହରରେ ୪ ଲେନ୍ ବିଶିଷ୍ଟ ବାଇପାସ୍ ନିର୍ମାଣ ଦାବୀ

କନ୍ଧମାଳ,୧୭/୬ (ନି.ପ୍ର): ଫୁଲବାଣୀ ସହରରେ ଦିନକୁ ଦିନ ଗାଡିମଟର ସଂଖ୍ୟା ବଢିବା ସହ ଭଙ୍ଗା ଦଦରା ଗାଡି ସବୁ ବର୍ଷ ବର୍ଷ ଧରି ରାସ୍ତାକଡରେ ପକାଇ ରଖିବା, ତା'ସାଙ୍ଗକୁ ଦୋକାନ ବଜାର କରିବା ଫଳରେ ମାଦିକୁନ୍ଦା ଛକରୁ ଗାନ୍ଧୀଛକ ଯାଏଁ ବାଇପାସ ରାସ୍ତା ସର୍ବଦା ଜାମ୍ ରହୁଛି। ଯିବା ଆସିବା ମଧ ମୁସ୍କିଲ ହୋଇପଡୁଛି। ଏହି ରାସ୍ତାରେ ବହୁ ସ୍କୁଲ, ମହିଳା ମହାବିଦ୍ୟାଳୟ ମାନ ରହିବା ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ମଧ ରହିଛି। ଦିନ ୧୦ଟା ସମୟରେ ଟ୍ରାଫିକ ସମସ୍ୟା ବଢିଯାଉଛି। ଏଣୁ, ଏହି ବାଇପାସ ରାସ୍ତାକୁ ୪ ଲେନ୍ ବିଶିଷ୍ଟ କରିବାଲାଗି ସ୍ଥାନୀୟ ଜନସାଧାରଣ ଦାବୀ କରିଛନ୍ତି। ୪ ଲେନ୍ ବିଶିଷ୍ଟ ରାସ୍ତା ହେଲେ ଗାଡିମଟର ବେଶ୍ ସୁବିଧାରେ ଯା'ଆସ କରିବ ଦୁର୍ଘଟଣା ମଧ ହ୍ରାସ ପାଇବ। ଏନେଇ କନ୍ଧମାଳ ପିପୁଲ୍ସ ଫରୋମ, ଜାଗ୍ରତ ଓଡିଶା ସମେତ ଅନେକ ସଂଗଠନ ଜାତୀୟ ରାଜପଥ କର୍ତୃପକ୍ଷଙ୍କୁ ପତ୍ର ଲେଖି ଦାବୀ କରିଛନ୍ତି। ଏହି ରାସ୍ତାକୁ ୪ ଲେନ ବିଶିଷ୍ଟ କରିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣର ଲକ୍ଷ୍ୟ ରହିଛି। ଏନେଇ ପ୍ଲାନ ପ୍ରସ୍ତୁତ ହେଉଛି, ଅର୍ଥ ମଂଜୁର ହେଲେ ଏହି ରାସ୍ତା ପ୍ରଶସ୍ତିକରଣ କରାଯିବ ବୋଲି ଏନ.ଏଚ ର ଜଣେ ବରୀଷ୍ଟ ଅଧିକାରୀ ସୂଚନା ଦେଇଛନ୍ତି। ତୁରନ୍ତ ଏହି ରାସ୍ତା ପ୍ରଶସ୍ତିକରଣ ନକରାଗଲେ ଆନ୍ଦୋଳନ ଧମକ ଦିଆଯାଇଛି।

## ରଥଖଳାରେ ରକ୍ତଛିଟା

ପୁରୀ,୧୭/୬ (ନି.ପ୍ର): ରଥଖଳାରେ ଅକ୍ଷୟତୃତୀୟା ଦିନଠାରୁ ରଥକାମ ଆରମ୍ଭ ନହୋଇ ୧୨ଦିନ ପରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରୀଗୁଣ୍ଡିଚା ୫ ଦିନ ଆଗରୁ ରଥ କାମ ଶେଷ ହେବା ଉପରେ। ରଥଖଳା ଛାମୁଁଡିଆ ଖୋଲି ଦିଆଗଲାଣି। ମଙ୍ଗଳବାର ଦିନ ତାଳଧ୍ୱଜ ରଥରେ ପଟା କଟରରେ କାଟୁଥିବା ସମୟରେ କାଳୁଚରଣ ମହାରଣା (୪୫)ଙ୍କ ବାମହାତ ପାପୁଲିରେ ବାଜିଯିବାରୁ ପାପୁଲି କଟିଯାଇ ରକ୍ତଛିଟା ରଥଖଳାରେ ପଡିଥିଲା। ଯାହା ଅଶୁଭ ଲକ୍ଷଣ ବୋଲି ସହରରେ ଚର୍ଚ୍ଚା ହେଉଛି। ସୋମବାର ବିଜୁଳି ମାଡରେ ନୀଳଚକ୍ର ବାଉଁଶ ଓ ବାନା ଖଣ୍ଡ ଖଣ୍ଡ ହୋଇ ଉଡିଯାଇଥିଲା।

# ଯୋଡାରେ ଚିହ୍ନଟ ହେଲେ ପ୍ରଥମ କରୋନା ଆକ୍ରାନ୍ତ

କେନ୍ଦୁଝର,୧୭/୬ (ନି.ପ୍ର): ଖଣି ଉପତ୍ୟକା ଭାବେ ବିଦିତ କେନ୍ଦୁଝର ଜିଲ୍ଲାର ଯୋଡାର ପୌର ପାଳିକାଞ୍ଚଂଚଳରେ ସୋମବାର ଦିନ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଅଛି। ଏବଂ କରୋନା ଚିହ୍ନଟ ହେବା ପରେ ସମ୍ପୃକ୍ତ ଆକ୍ରାନ୍ତ ବ୍ୟକ୍ତି ଜଣଙ୍କୁ ମଧରାତ୍ରୀରେ ସଙ୍ଗେ ସଙ୍ଗେ ସଙ୍ଗେ ଭୁବନେଶ୍ୱର କୋଭିଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇ ଦିଆଯାଇ ଥିବା ସୂଚନା ମିଳିଛି। ସମ୍ପୃକ୍ତ ଆକ୍ରାନ୍ତ ବ୍ୟକ୍ତି ଜଣଙ୍କ ଜଣେ ସଫ୍ଟୱେୟାର ଇଞ୍ଜିନିୟର ହୋଇଥିବା ବେଳେ ଗତ ୫ ତାରିଖ ଦିନ ସେ ଦିଲ୍ଲୀରୁ ବିମାନ ଯୋଗେ ଭୁବନେଶ୍ୱର ଏବଂ ଭୁବନେଶ୍ୱର ଠାରୁ ନିଜ ବୋଲେରୋ ଗାଡିରେ ଯୋଡା ଆସିଥିଲେ। ଖବର ପାଇ ସ୍ଥାନୀୟ ପ୍ରଶାସନ ତାଙ୍କୁ ୬ ତାରିଖ ଦିନ ଯୋଡା ଇଷ୍ଟ ନୋଡାଲ ୟୁପି ସ୍କୁଲରେ ଥିବା ସଂଗରୋଧ କେନ୍ଦ୍ରରେ ରଖିଥିଲେ। ୨ ଦିନ ସଂଗରୋଧ କେନ୍ଦ୍ରରେ ରହିବା ପରେ ଏହାର ପରିଷ୍କାର ପରିଚ୍ଛନ୍ନତା ତଥା ପରିବେଶ ଉପରେ ଅସନ୍ତୋଷ ପ୍ରକାଶ କରି ସେ ପ୍ରଶାସନକୁ ଅଭିଯୋଗ କରିବା ପରେ ଓ ଡାକ୍ତର ତାଙ୍କର କରୋନା ରୋଗର କୌଣସି ଲକ୍ଷଣ ନଥିବା ଦେଖି ନିଜ ଘରେ ସଂଗରୋଧ ହୋଇ ରହିବା ପାଇଁ ଅନୁମତି ଦେଇଥିଲେ। ସମ୍ପୃକ୍ତ ଯୁବକଙ୍କର ବାପା ସ୍ଥାନୀୟ ଟାଟା କମ୍ପାନୀର ଜଣେ ଠିକାଦାରଙ୍କ ଅଧିନରେ ଲିଆସନିଙ୍ଗ ଅଫିସର ଭାବେ କାର୍ଯ୍ୟ କରିଥାନ୍ତି। ସେହି ଦୃଷ୍ଟିରୁ ତାଙ୍କୁ ଟାଟା କମ୍ପାନୀ ତରଫରୁ ଫେରୋ ଆଲଏଜଣ୍ଟ (ଏଫ୍ ଏ ପି) କଲୋନୀରେ ଏକ କ୍ୱାଟର ପ୍ରଦାନ କରାଯାଇଛି। ସେହି କ୍ୱାଟରରେ ସମ୍ପୃକ୍ତ ଯୁବକ ଏବଂ ତାଙ୍କ ବାପା, ମା, ଭାଇ, ଭଉଣୀ ଓ ତାଙ୍କ ପିଲାମାନେ ଏହିପରି ୧୦ଜଣ ପରିବାର ୨ଟି ଶୟନ କକ୍ଷରେ ଅବସ୍ଥାନ କରିଥାନ୍ତି। ତେବେ ୧୪ ତାରିଖ ଦିନ ତାଙ୍କ ସ୍ୱାବ ଗ୍ରହଣ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ୧୫ ତାରିଖ ରାତିରେ ତାଙ୍କର ରିପୋର୍ଟ ପଜିଟିଭ୍ ଥିବା ଜଣାପଡିଥିଲା। ତେବେ ଏହି ଘଟଣାଟି ପରେ ପ୍ରଶାସନ ପକ୍ଷରୁ ଏଫଏପି କଲୋନୀକୁ ସଂକ୍ରମିତ ଅଂଚଳ ଭାବେ ଘୋଷଣା କରାଯାଇ ଏହାର ସମସ୍ତ ରାସ୍ତାକୁ ସିଲ୍ କରିଦିଆଯାଇଛି। ଟାଟା କମ୍ପାନୀ ଏବଂ ପୌରପାଳିକା ପକ୍ଷରୁ ସମ୍ପୃକ୍ତ କଲୋନୀକୁ ସମ୍ପୂର୍ଣ୍ଣ ଭାବେ ସାନିଟାଇଜ କରାଯାଉଥିବା ଦେଖିବାକୁ ମିଳିଛି। ଏହି ଯୁବକଙ୍କ ଘରେ କାର୍ଯ୍ୟ କରୁଥିବା ଜଣେ ଯୁବତୀକୁ ବାତ୍ୟ ହାଟିଂରେ ଥିବା ବୃଦ୍ଧାଶ୍ରମ ସଂଗରୋଧ କେନ୍ଦ୍ରକୁ ପଠାଇଦିଆଯାଇଛି। ସମ୍ପୃକ୍ତ ଯୁବକଙ୍କ ପରିବାର ସଦସ୍ୟଙ୍କୁ ଘରୁ ନବାହାରିବା ପାଇଁ ନିର୍ଦ୍ଦେଶ ଦିଆଯିବା ସହ ପ୍ରଶାସନ ନିଜ ନଜରରେ ରଖିଛି। ବିଶେଷ ସୂତ୍ରରୁ ଜଣାପଡିଛି ଯେ, ସୋମବାର ଦିନ ସମ୍ପୃକ୍ତ ପରିବାରର କୌଣସି ସଦସ୍ୟଙ୍କ ଜନ୍ମଦିନ ପାଳନ କରାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ଥିବା ତାଙ୍କ ସମ୍ପର୍କୀୟ ମାନଙ୍କୁ ମଧ ଏଥିରେ ନିମନ୍ତ୍ରଣ କରାଯାଇଥିବା ସୂଚନା ମିଳିଛି। ତେବେ ଏହି ପରିବାର ସହ ଅନ୍ୟ କେତେ ଜଣ ସଂସ୍ପର୍ଶରେ ଆସିଛନ୍ତି ପ୍ରଶାସନ ପକ୍ଷରୁ ଏହାର ଅନୁଧ୍ୟାନ କରାଯାଉଛି ବୋଲି ପୌର ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ ସୂଚନା ଦେଇଛନ୍ତି। ଏହି ଘଟଣା ପରଠାରୁ ଅନ୍ୟ ରାଜ୍ୟରୁ ଆସୁଥିବା କୌଣସି ପ୍ରବାସୀଙ୍କୁ ଘରେ ସଂଗରୋଧ ଭାବେ ରହିବାକୁ ଅନୁମତି ନଦେଇ ପ୍ରଶାସନର ସଂଗରୋଧ କେନ୍ଦ୍ରରେ ରଖାଯିବ ବୋଲି ସେ କହିଛନ୍ତି। ସମଗ୍ର ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଅଦ୍ୟାବଧି ୭୫ ରେ ପହଂଚିଥିବା ବେଳେ ବେଳେ ଯୋଡା ପୌରାଚଂଳରେ ପ୍ରଥମ ଆକ୍ରାନ୍ତ ଚିହ୍ନଟ ଘଟଣାକୁ ନେଇ ସମଗ୍ର ଅଂଚଳରେ ଏକ ଅଜଣା ଭୟ ପ୍ରକାଶ ପାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏନେଇ ବ୍ୟାପକ ସତର୍କତା ଅବଲମ୍ବନ କରାଯାଉଅଛି।

# ସହାୟତା ପ୍ରଦାନ ନାମରେ ଚାନ୍ଦା ଆଦାୟକୁ ଜିଲ୍ଲା ଶ୍ରମିକ ସଂଗଠନ ସମନ୍ୱୟ ସମିତିର ବିରୋଧ

ଭଦ୍ରକ, ୧୭/୬ (ହି.ସ.) - କରୋନା ସହାୟତା ପାଇଁ ନିର୍ମାଣ ଶ୍ରମିକଙ୍କ ଠାରୁ ଚାନ୍ଦା ଆଦାୟ ହେବା ଭଳି ଘଟଣା ନଜରକୁ ଆସିବା ପରେ ଏହାକୁ ଘୋର ବିରୋଧ କରିଛି ଭଦ୍ରକ ଜିଲ୍ଲା ଶ୍ରମିକ ସମନ୍ୱୟ ସମିତି। ଏ ସଂକ୍ରାନ୍ତରେ ସମିତିର ଏକ ଜରୁରୀ ବୈଠକ ଆଜି ସମିତିର ସଭାପତି ନାରାୟଣ ନାୟକଙ୍କ ସଭାପତିତ୍ୱରେ ଭଦ୍ରକ ଜିଲ୍ଲା ଭାରତୀୟ ମଜଦୁର ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତଥା ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ସୂଚନା ନ ଥାଇ ଜିଲ୍ଲାର ନିର୍ମାଣ ଶ୍ରମିକଙ୍କୁ ୩ହଜାର ଟଙ୍କା ସହାୟତା ଦେବା ନାମରେ କାଗଜପତ୍ର ସହିତ ଅର୍ଥ ଆଦାୟକୁ ବୈଠକରେ ଘୋର ନିନ୍ଦା କରାଯାଇଥିଲା। ନିର୍ମାଣ ଶ୍ରମିକମାନେ ଏଥିରେ ପ୍ରଲୋଭିତ ନ ହେବାକୁ ବୈଠକରେ ନିବେଦନ କରାଯାଇଛି। ଏତଦ୍ ବ୍ୟତୀତ ୨୦୧୭ ମସିହା ଠାରୁ ବିଭିନ୍ନ ଶ୍ରମ କାର୍ଯ୍ୟାଳୟରେ ପଡ଼ି ରହିଥିବା ନିର୍ମାଣ ଶ୍ରମିକ ସହାୟତା ଦରଖାସ୍ତ ଗୁଡ଼ିକୁ ତୁରନ୍ତ ସମାଧାନ କରିବାକୁ ବୈଠକରେ ପ୍ରଶାସନକୁ ନିବେଦନ କରାଯାଇଛି। ପଞ୍ଜିକରଣ କ୍ଷେତ୍ରରେ ଆଜକୁ ଦୀର୍ଘଦିନ ଧରି ପଡିରହିଥିବା ଦରଖାସ୍ତଗୁଡ଼ିକୁ ତନଖି କରାଯିବା ସହ ପଞ୍ଜିକରଣ କରିବାକୁ ଅନୁରୋଧ କରାଯାଇଥିଲା। ସଂଗଠନ ମାନଙ୍କର ସମସ୍ତ କାର୍ଯ୍ୟ ବନ୍ଦ ହୋଇଥିବା ବେଳେ ଦଲାଲମାନଙ୍କ ଜରିଆରେ ପଞ୍ଜିକରଣ ବାବଦକୁ କାଗଜପତ୍ର ଆଦାୟକୁ ମଧ ଘୋର ବିରୋଧ କରାଯାଇଥିଲା। ଏହାକୁ ବନ୍ଦ କରିବା ଦିଗରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରିବାକୁ ସମିତି ପକ୍ଷରୁ ଅନୁରୋଧ କରାଯାଇଥିଲା। ଏ ସଂକ୍ରାନ୍ତ ସମିତିର ଏକ ପ୍ରତିନିଧି ଦଳ ଜିଲ୍ଲା ପ୍ରଶାସନକୁ ଭେଟି ସମସ୍ତ ବିଷୟ ଅବଗତ କରାଇବାକୁ ପ୍ରସ୍ତାବ ସର୍ବ ସମ୍ମତିରେ ଗୃହୀତ ହୋଇଥିଲା। ଉକ୍ତ ବୈଠକରେ ଅମୂଲ୍ୟ କୁମାର ଭୋଇ, ଅକ୍ଷୟ କୁମାର ପଣ୍ଡା, ଅମୀୟ ନାୟକ, ରଥ ଯେନା, ମନୋଜ କୁମାର ନାୟକ, କମଳାକାନ୍ତ ସାହୁ, ଶ୍ରୀଧର ମଳିକ, ରାମଚନ୍ଦ୍ର ଶଙ୍ଖୁଆ, ଦୁର୍ଯ୍ୟୋଧନ ବେହେରା, ଶାନ୍ତିଲତା ରାଉତଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ। କରୋନା ସହାୟତା ୧୫୦୦ ଟଙ୍କା ତ୍ରୁଟି ଯୋଗୁ ପାଇ ନଥିବା ଶ୍ରମିକଙ୍କୁ ତୁରନ୍ତ ପ୍ରଦାନ ସହ ପ୍ରବାସୀ ଶ୍ରମିକଙ୍କୁ ତୁରନ୍ତ କାର୍ଯ୍ୟ ଯୋଗାଇଦେବାକୁ ନିବଦେନ କରାଯାଇଛି।

# ଭୁଷୁଡି ପଡିଛି ରାଜ୍ୟ ମାପ ଓଜନ ବ୍ୟବସ୍ଥା : କର୍ମଚାରୀ, ଅଫିସର ଅଭାବ ମୁଖ୍ୟ ସମସ୍ୟା

## ଜଣେ ଅଫିସର ଅଧିନରେ ୨ରୁ ଅଧିକ ଜିଲ୍ଲା ; ଲୋକେ ସେବା ପାଇବାରୁ ବଂଚିତ

ରାଉରକେଲା,୧୭/୬ (ନି.ପ୍ର): ମାପ ଓଜନରେ ଠକେଇରୁ ବଂଚିତ କରିବା ଲାଗି ଲୋକଙ୍କୁ ଏଭଳି ଠକେଇରୁ ରକ୍ଷା କରିବା ଲାଗି ସରକାରଙ୍କର ମାପ ଓଜନ (ବୈଧମାପ ବିଜ୍ଞାନ) ବିଭାଗ ରହିଛି। ହେଲେ ଏହି ବିଭାଗରେ ଅଫିସର ଠାରୁ କର୍ମଚାରୀ ଏ ସବୁଥିରେ ଲୋକ ଅଭାବ ଥିବାରୁ କେବଳ ନାମକୁ ମାତ୍ର ଏହି ବିଭାଗ ଚାଲିଛି। ଜଣେ ଅଧିକାରୀଙ୍କ ଅଧିନରେ ୨ରୁ ୩ଟି ଜିଲ୍ଲା ରହିଛି। ଫଳରେ ସାଧାରଣ ଜନତା ଠକେଇର ଶିକାର ହୋଇଚାଲିଥିଲେ ମଧ ସରକାରଙ୍କ ଏହି ବିଭାଗ ଲୋକଙ୍କୁ ନ୍ୟାୟ ଦେଇପାରୁନଥିବା ଅଭିଯୋଗ ହୋଇଛି। ଏହି ବିଭାଗରେ ବର୍ତମାନ ୩୦ ଜିଲ୍ଲା ଓ ମୁଖ୍ୟାଳୟ ଲାଗି ମୋଟ ୩୧ଜଣ ସହକାରୀ ନିୟନ୍ତ୍ରକ ରହିବା କଥା ହେଲେ ଅଛନ୍ତି ମାତ୍ର ୧୪ରୁ ୧୬ ଜଣ। ଏମାନଙ୍କ ଭିତରୁ ଜଣକା ୨ରୁ ୩ ଜିଲ୍ଲା ଦାୟିତ୍ୱ ଦିଆଯାଇଛି। ଫଳରେ ଏମାନେ ପ୍ରତି ଜିଲ୍ଲା ଲାଗି ୫ ଦିନ ସମୟ ଦେଇ ଅବଶିଷ୍ଟ ଦିନ ଗୁଡିକ ନିଜ ଅଂଚଳ କିମ୍ବା ଭୁବନେଶ୍ୱରରେ କଟାଉଥିବା ଖବର ମିଳିଛି। ସେହିଭଳି ରାଜ୍ୟରେ ମୋଟ୍ ୭୨ଟି ସେଂଟର ଲାଗି ଇନ୍ସପେକ୍ଟର ନଥିବା ବେଳେ ୪୦ ଜଣରେ କାମ ଚାଲିଛି ୨୫ ପଦବୀ ଖାଲି ରହିଛି। ପିଅନ, ଚଉକିଦାର ପଦବୀ ନଥିବାରୁ ନାହିଁନଥିବା ସମସ୍ୟା ୟୁନିଟ ଗୁଡିକରେ ଲାଗି ରହିଛି। ଇନ୍ସପେକ୍ଟର ପଦବୀ ଖାଲିଥିବାରୁ କଣେ ଲେଖା ଇନ୍ସପେକ୍ଟରଙ୍କୁ ୨ରୁ ୩ଟି ସେଂଟର ଦାୟିତ୍ୱରେ ରଖାଯାଇଛି। ଏଭଳି ଅବସ୍ଥାରେ ରାଜ୍ୟ ମାପ ଓଜନ ବିଭାଗ ଚାଲିଥିବା ବେଳେ ଚୋରା ବେପାରୀ, ପେଟ୍ରୋଲ ପମ୍ପ, ୱେବ୍ରିଜ, ସୁନା ଦୋକାନ ଗୁଡିକରେ ଠକେଇ ବଢିବା ସହ ମାଛ, ମାଂସ, ପରିବା ଦୋକାନ ଗୁଡିକରେ ଓଜନରେ ଠକେଇ ନିତିଦିନିଆ କାମ ହୋଇଯାଇଛି। ନୂଆ ଇନ୍ସପେକ୍ଟର ମାନେ ସହକାରୀ ନିୟନ୍ତ୍ରକ ମାନଙ୍କ ଠାରୁ ଉପଯୁକ୍ତ ସହାୟତା ପାଉନଥିବା ବେଳେ ସେମାନେ କାମ କରିବାକୁ ରାସ୍ତା ନପାଇ ନାନା ସମସ୍ୟାରେ ପଡୁଥିବା ଖବର ମିଳିଛି। ଏହି ବିଭାଗର କିଛି ଅଧିକାରୀ ମାନଙ୍କୁ ଭିଜିଲାନ୍ସ ଧରିବା ଘଟଣାରୁ ଜଣା ପଡିଛି ଯେ, ଆର.ସି. ଦଳେଇ ସହକାରୀ ନିୟନ୍ତ୍ରକଙ୍କ ଘରେ ଚଢଉ ପରେ ସେଠାରୁ ପାଖା ପାଖି ୨କୋଟି ବାହାରଥିଲା। ଜଣେ ପିଅନ ନବଘନ ସ୍ୱାଇଁଙ୍କ ଘରୁ ବାହାରିଛି ୨କୋଟି। ବିଦ୍ୟାଧର ବିଶ୍ୱାଳ ଏସିଙ୍କ ଘରୁ ବାହାରିଥିଲା ୨କୋଟି, ଡେପୁଟୀ କଂଟ୍ରୋଲର ଶ୍ରୀ ବାରୀ ରାସ୍ତାରେ ଧରାପଡିଲେ ୧ ଲକ୍ଷ ୪୫ ହଜାର ସହ, ତାଙ୍କ ଘରୁ ପାଖା ପାଖି ୧.୫ କୋଟି ଟଙ୍କା ବାହାରିଥିବା ଖବର ମିଳିଛି। ଜଣେ ସିନିଅର ଇନ୍ସପେକ୍ଟରଙ୍କୁ ରାସ୍ତାରୁ ୧ ଲକ୍ଷ ୭୫ ହଜାର ସହ ମଧ ଧରାଯାଇଥିଲା। ଏ ସମସ୍ତ ମାମଲା ଭିଜିଲାନ୍ସ ପକ୍ଷରୁ ବିଗତ ୨ ବର୍ଷ ଭିତରେ କରାଯାଇଛି ଓ ଏହି ସବୁ ମାମଲା ବର୍ତମାନ ବିଚାରଧିନ ମଧ ରହିଛି। ତେଣୁ ଏହିଠାରୁ ଏହି ବିଭାଗର କାରନାମା ଓ ଲୋକଙ୍କୁ ଦିଆଯାଉଥିବା ସେବାକୁ ଆକଳନ କରାଜିବା ସହ ଏମାନଙ୍କ ଉପର ଅଧିକାରୀ ମାନେ କେତେ ଆରାମ ପାଉଥିବେ ତାହା ବିଚାର କରାଯାଇପାରେ। ବିଭାଗରେ ଯଦି ଏଭଳି ଅଳିଆ ତେବେ ଲୋକେ ଏଥିରୁ କିପ୍ରକାର ସେବା ପାଇବେ ତାହା ମଧ ଚିନ୍ତା କରାଯାଇପାରେ।

## ମୟୂରଭଞ୍ଜ : ଚିକିତ୍ସାଧୀନ ଥିବା ୭୮ କରୋନା ସଂକ୍ରମିତ ମଧରୁ ସୁସ୍ଥ ହୋଇ ଫେରିଲେ ୧୩

ବାରିପଦା,୧୭/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଆଜି ପୁଣି ୧୩ ଜଣ ସୁସ୍ଥ ହୋଇ ଫେରିଛନ୍ତି ବୋଲି ରାଜ୍ୟ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲାରୁ ୬୫ ଜଣ କରୋନା ସଂକ୍ରମିତମାନେ କୋଭିଡ୍ ହସପିଟାଲରେ ଚିକିତ୍ସା ହେଉଥିଲେ। ଏମାନଙ୍କ ମଧରୁ ଆଜି ୧୧ ଜଣ ସୁସ୍ଥ ହୋଇ ଫେରି ଆସିଥିବା ବେଳେ ଅବଶିଷ୍ଟ ୫୪ ଜଣଙ୍କର ଚିକିତ୍ସା ଜାରି ରହିଛି। ତେବେ ଜିଲ୍ଲାରେ ଦୁଇ ଦିନ ଧରି କୌଣସି ନୂଆ ପଜିଟିଭ କେଶ ସାମନାକୁ ଆସି ନଥିବା ବେଳେ ବର୍ତମାନ ପର୍ଯ୍ୟନ୍ତ ଜିଲ୍ଲାରୁ ୧୨୧ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଏମାନଙ୍କ ମଧରୁ ୬୭ ଜଣ ସୁସ୍ଥ ହୋଇ ଫେରିଥିବାର ଜଣାପଡ଼ିଛି।

# ରାଉରକେଲା ଏସପିଙ୍କ ନାମରେ ଫେକ୍ ଆଇଡି ଖୋଲି ଚାଟିଂ କରିବା ଅଭିଯୋଗ : ନାବାଳକକୁ ଧରିଲା ପୋଲିସ

ରାଉରକେଲା,୧୭/୬ (ନି.ପ୍ର): ରାଉରକେଲା ଏସପିଙ୍କ ନାମରେ ଫେକ୍ ଆଇଡି ଖୋଲି ଚାଟିଂ କରିବା ଅଭିଯୋଗରେ ଆଜି ଉଦିତ ନଗର ପୋଲିସ ଜଣେ ନାବାଳକକୁ ଧରିଛି। ସମ୍ପୃକ୍ତ ନାବାଳକର ଘର ବଲାଙ୍ଗିର ଅଂଚଳରେ। ସେ ଏଭଳି ଏକାଉଂଟ ଖୋଲି ଗତ କିଛି ଦିନ ଧରି ଏସପି ରାଉରକେଲା କେ. ଶିବା ସୁବ୍ରମଣିଙ୍କ ନାମରେ ନାନା ପ୍ରକାର ଅପପ୍ରଚାର ଜାରୀ ରଖିଥିଲା। ସେପଟେ ନାଲାରୋଡ ଘଟଣାକୁ ନେଇ ରାଉରକେଲା ଏସପି ପୂର୍ବରୁ ବିବାଦୀୟ ହୋଇପଡିଥିବା ବେଳେ ଏଭଳି ମିଥ୍ୟା ଆକାଉଂଟ ଖୋଲି ଚାଟିଂ ନିଆଁରେ ଘିଅ ଢ଼ାଳିବା ସଦୃଶ ହୋଇଛି। ତେବେ କୌଣସି ସୂତ୍ରରୁ ପୋଲିସ ଏ ସମ୍ପର୍କରେ ଖବର ପାଇ ତିନି ଦିନ ତଳେ ନାବାଳକ ଜଣକୁ ବଲାଙ୍ଗିରରୁ ଆଣି ପଚରା ଉଚୁରା କରିବା ସହ ଏଭଳି ମିଥ୍ୟା ଏକାଉଂଟ ଖୋଲିବାର ଉଦ୍ଦେଶ୍ୟ କ'ଣ ଏବଂ ତା' ସହିତ ଘଟଣାରେ ଆଉ କେଉଁ ମାନେ ସମ୍ପୃକ୍ତ ରହିଛନ୍ତି, ପୋଲିସ ସେନେଇ ସବିଶେଷ ବିବରଣୀ ସଂଗ୍ରହ କରିବା ସହ ଘଟଣାର ତଦନ୍ତ ଜାରୀ ରଖିଛି। ଅଭିଯୁକ୍ତ ନାବାଳକକୁ ଖୁବ୍ ଶୀଘ୍ର ଜୁଭେନାଇଲ୍ କୋର୍ଟରେ ହାଜର କରାଯିବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି।

# କନ୍ଧମାଳରେ କରୋନା ରୋଗୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ଘରକୁ ଘର ବୁଲି ସଚେତନତା

କନ୍ଧମାଳ,୧୭/୬ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ହୁ ହୁ ହୋଇ ବଢି ଚାଲିଥିବା ଯୋଗୁଁ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଜିଲ୍ଲାରେ କାଳେ ଗୋଷ୍ଠୀ ସଂକ୍ରମଣ ହୋଇଯିବ ବୋଲି କେତେକ ଆଶଙ୍କା କଲେଣି। ହେଲେ ବର୍ତମାନ ସୁଦ୍ଧା ଜିଲ୍ଲାରେ ୧୩୭ କରୋନା ରୋଗୀ ଚିହ୍ନଟ ହୋଇଥିଲେ ମଧ ସମସ୍ତେ ସଙ୍ଗରୋଧ କେନ୍ଦ୍ରରେ ଥିଲେ ବୋଲି ପ୍ରଶାସନ କହୁଛି। ଭୟଭୀତ ନହେବାଲାଗି ଜିଲ୍ଲାପାଳ ଡା.ବୃନ୍ଦା ଡି. ପରାମର୍ଶ ଦେଇଛନ୍ତି। ବର୍ତମାନ ଜିଲ୍ଲାର ଦାରିଙ୍ଗବାଡି, ଜି.ଉଦୟଗିରି, ରାଇକିଆରେ ଘର ଘର ବୁଲି ସଚେତନତା ସୃଷ୍ଟି କରାଯାଉଛି। ଯେଉଁ ପ୍ରବାସୀ ମାନେ ଘରେ ୭ ଦିନିଆ କ୍ୱାରେଂଟାଇନରେ ରହୁଛନ୍ତି ସେମାନେ ଯେପରି ବାହାରକୁ ନବାହାରିବେ ଓ ଅନ୍ୟମାନଙ୍କ ସହ ମିଳାମିଶା ନକରିବେ ସେ ଉପରେ ମଧ ଗୁରୁତ୍ୱ ଦିଆଯାଉଛି। ଏଥିସହିତ ଲକଡାଉନ୍ ଯୋଗୁଁ ଅନେକ ରୋଜଗାର ହରାଇ ବସିଥିବା ବେଳେ ସେମାନେ ଯେପରି ମନରେଗା ଯୋଜନାରେ ସାମିଲ ହୋଇପାରିବେ ସେନେଇ ମଧ ଆରମ୍ଭ ହୋଇଛି ସଚେତନତା। ସେହିପରି ଥଣ୍ଡା, ଜ୍ୱର, କାଶ ଆଦି ଲକ୍ଷଣ ଥିବା ଲୋକମାନଙ୍କୁ ମଧ ଚିହ୍ନଟ କରାଯାଉଛି। ଆବଶ୍ୟକ ପଡିଲେ ସ୍ୱାବ୍ ସଂଗ୍ରହ କରାଯାଇ ଟେଷ୍ଟିଂ ପାଇଁ ପଠାଯିବ ବୋଲି ଜଣାପଡିଛି। ବାହାରକୁ ବାହାରିଲେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା କରିବା ପାଇଁ କୁହାଯାଇଛି।

# ବାଲେଶ୍ୱରରେ ଆରମ୍ଭ ବର୍ଷାଋତୁକାଳୀନ ରୋଗ ଲକ୍ଷଣ ଚିହ୍ନଟ ସର୍ଭେ

ବାଲେଶ୍ୱର,୧୭/୬ (ନି.ପ୍ର): କରୋନା ସହିତ ଅନ୍ୟାନ୍ୟ ବର୍ଷାଋତୁକାଳୀନ ରୋଗର ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ ପାଇଁ ରାଜ୍ୟ ସରକାରଙ୍କ ଆଜିଠାରୁ ସମଗ୍ର ଓଡ଼ିଶାରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସର୍ଭେ କାର୍ଯ୍ୟ। ବିଶେଷ କରି ବର୍ଷାଋତୁରେ ଲୋକଙ୍କଠାରେ ବିଭିନ୍ନ ପୁରୁଣା ରୋଗର ଲକ୍ଷଣ ଦେଖାଯିବା ସହ ଶରୀରର ରୋଗ ପ୍ରତିରୋଧ ଶକ୍ତି ହ୍ରାସ ପାଇଥାଏ। ସେହି ବ୍ୟକ୍ତିଙ୍କୁ କରୋନା ସଂକ୍ରମଣର ଆଶଙ୍କାକୁ ଦୃଷ୍ଟିରେ ରେଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପରିବାରଓ୍ୱାରୀ ସର୍ଭେ ପାଇଁ ନିଷ୍ପତି ନିଆଯାଇଥିବା ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବାନାର୍ଜୀ ପ୍ରସାଦ ଛୋଟରାୟ ପ୍ରକାଶ କରିଛନ୍ତି। ଏଏନଏମ, ଆଶା କର୍ମୀ, ଅଙ୍ଗନଓ୍ୱାଡ଼ି କର୍ମୀଙ୍କ ସମେତ ମେଡିକାଲ କର୍ମଚାରୀ ଏମିତିକି ଡାକ୍ତରମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ଏହି ସର୍ଭେ ଆରମ୍ଭ କରିଥିବା ସେ ସୂଚନା ଦେଇଛନ୍ତି। ପୂର୍ବରୁ କେବଳ କରୋନା ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଠାବ କରିବା ପାଇଁ ଆଶାକର୍ମୀ, ଅଙ୍ଗନଓ୍ୱାଡ଼ି କର୍ମୀ ଓ ଏଏନଏମଙ୍କୁ ନେଇ ଗଠିତ ଟିମ୍ ଥଣ୍ଡା କାଶ ପ୍ରଭୃତି ଥିବା ବ୍ୟକ୍ତିଙ୍କ ଚିହ୍ନଟ କରୁଥିଲେ। ମାତ୍ର ଏବେ ଏହି ଟିମ୍ ଜିଲ୍ଲାର ଉଭୟ ପୌରାଞ୍ଚଳ ଓ ଗ୍ରାମାଞ୍ଚଳରେ ଘରକୁ ଘର ବୁଲି ପ୍ରତି ପରିବାରର ଲୋକଙ୍କର ମେଲେରିଆ, ଡେଙ୍ଗୁ, ଡାଇରିଆ ସାଙ୍ଗକୁ ଲକ୍ଷଣ ସାଙ୍ଗକୁ କାଶ, ଥଣ୍ଡା, ଜ୍ୱର ପ୍ରଭୃତି ଲକ୍ଷଣ ଚିହ୍ନଟ ପାଇଁ ସର୍ଭେ କରୁଛନ୍ତି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଛୋଟରାୟ ପ୍ରକାଶ କରିଛନ୍ତି। ବର୍ଷାଋତୁରେ ସାଧାରଣତଃ ଓଡ଼ିଶ ଲୋକଙ୍କ ରୋଗପ୍ରତିରୋଧ ଶକ୍ତି ହ୍ରାସ ପାଉଥିବା ବେଳେ ଏହାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ପ୍ରଥମେ ଏଭଳି ସର୍ଭେ କରାଯାଉଥିବା ସେ କହିଛନ୍ତି। ପ୍ରତ୍ୟେକ ପରିବାର ଏହି ଟିମ୍‌ର ସଦସ୍ୟଙ୍କୁ ସହଯୋଗ କରିବା ପାଇଁ ସେ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି।

# ମାଲକାନଗିରି ଜିଲ୍ଲାରେ ୨୧ କରୋନା ପଜିଟିଭ୍ ଚିହ୍ନଟ

## ଜିଲ୍ଲାରେ ମୋଟ୍ ଆକ୍ରାନ୍ତ ସଂଖ୍ୟା ୪୭ କୁ ବୃଦ୍ଧି

ମାଲକାନଗିରି,୧୭/୬ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଆଜି ରାଜ୍ୟର ସର୍ବାଧିକ ୨୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହ ଜିଲ୍ଲାର ମୋଟ୍ ଆକ୍ରାନ୍ତ ସଂଖ୍ୟା ୪୭ କୁ ବୃଦ୍ଧି ପାଇଛି। ଇତିମଧରେ ୨୧ ଜଣ ସୁସ୍ଥ ହୋଇ କୋଭିଡ୍ ହସ୍ପିଟାଲରୁ ଘରକୁ ଫେରିଛନ୍ତି। ନୂଆ ଚିହ୍ନଟ ହୋଇଥିବା ସମସ୍ତେ କ୍ୱାରେଂଟାଇନ ସେଂଟରର। ଏମାନଙ୍କ ମଧରୁ ୧୯ ଜଣ ପୂର୍ବରୁ ତିନି ଜଣ ଚିହ୍ନଟ ହୋଇଥିବା କୋରକୁଣ୍ଡା ବ୍ଲକ୍ ତାରଲାକୋଟା ହାଇସ୍କୁଲ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରୁ ଏବଂ ଅନ୍ୟ ଦୁଇ ଜଣଙ୍କ ମଧରୁ ଜଣେ ମାଲକାନଗିରି ବ୍ଲକ୍ ପଦ୍ମଗିରି ସଙ୍ଗରୋଧ କେନ୍ଦ୍ର ଓ ଅନ୍ୟ ଜଣେ ଗୌଡ଼ଗୁଡା ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଛନ୍ତି। ଏହି ୨୧ ଜଣଙ୍କ ମଧରେ ୧୪ ଜଣ ତାମିଲନାଡୁ ଫେରନ୍ତା, ୩ ଜଣ ମହାରାଷ୍ଟ୍ର, ଜଣେ ଦିଲ୍ଲୀ, ଜଣେ ଛତିଶଗଡ଼ ଓ ଦୁଇ ଜଣ ଆନ୍ଧ୍ରପ୍ରଦେଶରୁ ଫେରନ୍ତା ପ୍ରବାସୀ ଶ୍ରମିକ ରହିଛନ୍ତି। ପୂର୍ବରୁ କାଲିମେଲା ବ୍ଲକ୍ ନାଲାଗୁଣ୍ଡି ପଚାଂୟତ ଏମଭି-୭୨ ସଙ୍ଗରୋଧ କେନ୍ଦ୍ରରୁ ୧୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏହା ପରେ ଆଜିର ଆକ୍ରାନ୍ତଙ୍କୁ ମିଶାଇ ତାରଲାକୋଟା ସଙ୍ଗରୋଧ କେନ୍ଦ୍ରରୁ ସର୍ବାଧିକ ୨୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହେଲେଣି। ଯାହାକି ଜିଲ୍ଲା ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି। ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ ସଙ୍ଗରୋଧ କେନ୍ଦ୍ରରୁ ମାଲକାନଗିରି କୋଭିଡ୍ ହସ୍ପିଟାଲରେ ଭର୍ତି କରାଯାଇଛି।

# ସିନେ ଶ୍ରମିକଙ୍କୁ ରାସନ୍ ପ୍ରଦାନ କଲେ ଅଭିନେତା ଚନ୍ଦନ କର

ଭୁବନେଶ୍ୱର,୧୭/୬ (ନି.ପ୍ର): ଅଭିନେତା ତଥା ସ୍ୱେଚ୍ଛାସେବୀ ସଂଗଠନ 'କର ଫାଉଣ୍ଡେସନ୍'ର ଅଧ୍ୟକ୍ଷ ଚନ୍ଦନ କରଙ୍କ ଦ୍ୱାରା ସାମ୍ପ୍ରତିକ କୋଭିଡ୍-୧୯ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ସିନେ ଶ୍ରମିକ ଯଥା - ଟେକ୍ନିସିଆନ୍, ସ୍ପଟ୍‌ବୟ, ମେକପ୍‌ମ୍ୟାନ୍ ପ୍ରଭୃତିଙ୍କୁ ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଂଟିନ୍ ଛକରେ ଅତ୍ୟାବଶ୍ୟକୀୟ ରାସନ୍ ବଂଟନ କରିଥିଲେ। ଚନ୍ଦନ ସେମାନଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯଥା - ଡାଲି, ଚାଉଳ, ତେଲ, ଲୁଣ, ମସଲା, ସାବୁନ ପ୍ରଭୃତି ସହ ମାସ୍କ ଓ ସାନିଟାଇଜର୍ ବଂଟନ କରିଥିଲେ। ସିନେ ଶ୍ରମିକମାନେ ନିର୍ମାଣ ଶ୍ରମିକ ଭାବେ ପଞ୍ଜିକୃତ ହୋଇ ନଥିବାରୁ ବିଭିନ୍ନ ସରକାରୀ ସହାୟତାରୁ ବଂଚିତ ହେଉଛନ୍ତି ଓ ଲକ୍‌ଡାଉନ୍ ପରଠାରୁ ସିନେମା ସୁଟିଂ ବନ୍ଦ ଥିବାରୁ ଏହି ଶ୍ରମିକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ ଚନ୍ଦନଙ୍କର ଏହି ମହତ୍ କାର୍ଯ୍ୟ ପାଇଁ ଶ୍ରମିକମାନେ କୃତଜ୍ଞତା ଜ୍ଞାପନ କରିବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ମିର ଅହମ୍ମଦ ଅଲ୍ଲୀ, ଶାନ୍ତି ସ୍ୱରୂପ, ଶେଖର ମହାନ୍ତି, ସୁଶାନ୍ତ ମଲ୍ଲିକ, ପ୍ରଦୀପ, ବୁଲୁ ପ୍ରମୁଖ ସହଯୋଗ କରିଥିଲେ।

# ଦୁଗ୍ଧ ବ୍ୟବସାୟୀ ଲମ୍ବୋଦର ମୁନି ହତ୍ୟା ଘଟଣା : ଦୁଇ ଅଭିଯୁକ୍ତ ଗିରଫ

## ମାମଲାରେ ଜଡ଼ିତ ଅନ୍ୟ ତିନି ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ - ଏସପି

ଗଞ୍ଜାମ,୧୭/୬ (ନି.ପ୍ର): ଗତ ଶନିବାର ଦିନ ବିଳମ୍ବିତ ରାତିରେ ଟେରିଟେରି ଡ଼ିଲର ତଥା ଦୁଗ୍ଧ ବ୍ୟବସାୟୀ ଲମ୍ବୋଦର ମୁନି (୬୦)ଙ୍କ ହତ୍ୟା ଘଟଣାରେ ଗୋଷାଣୀନୂଆଗାଁ ପୋଲିସ ଅଦ୍ୟାବଧି ଦୁଇ ଜଣଙ୍କୁ ଗିରଫ କରିଥିବା ବେଳେ ମାମଲାରେ ଜଡ଼ିତ ଅନ୍ୟ ତିନି ଅଭିଯୁକ୍ତ ବର୍ତମାନ ସୁଦ୍ଧା ଫେରାର୍ ଥିବା ଜଣାପଡିଛି। ଖୁବ୍ ଶୀଘ୍ର ମାମଲାରେ ଜଡ଼ିତ ଅନ୍ୟ ତିନି ଅଭିଯୁକ୍ତଙ୍କୁ ମଧ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ତଦନ୍ତରେ ବାଧା ଉପୁଜିବା ଆଶଙ୍କା କରି ପୋଲିସ ଏନେଇ ଗଣମାଧମ ସାମ୍ନାରେ ବିସ୍ତୃତ ବିବରଣୀ ରଖି ନାହିଁ। ଏହି ୫ ଅଭିଯୁକ୍ତଙ୍କ ମଧରେ ଲମ୍ବୋଦରଙ୍କ ନିକଟରେ ଜଣେ କାମ କରୁଥିବା କର୍ମଚାରୀ ସାମିଲ୍ ଥିବା ସୂଚନା ମିଳିଛି। ଲମ୍ବୋଦରଙ୍କୁ ହତ୍ୟା କରିବା ପରେ ତାଙ୍କ ଘରୁ ନଗଦ ୧୦ ଲକ୍ଷ ଟଙ୍କା ଏବଂ ୭ ଲକ୍ଷ ଟଙ୍କାର ସୁନାରୂପା ଅଳଙ୍କାର ଏମାନେ ଲୁଟି ନେଇଥିଲେ। ଏ ସମ୍ପର୍କରେ ଗୋଷାଣୀନୂଆଗାଁ ଥାନା କେସ୍ ନଂ ୮୭/୨୦ ରେ ଏକ ମାମଲା ରୁଜୁ ହେବା ସହ ଅପରାଧି ମାନଙ୍କୁ ଧରିବା ପାଇଁ ବ୍ରହ୍ମପୁର ଏସପି ଶ୍ରୀ ମିଶ୍ରଙ୍କଉତତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ବଡ଼ ବଜାର ଥାନା ଅଧିକାରୀ ପ୍ରଶାନ୍ତ ଭୂପତି, ଟାଉନ୍ ଥାନା ଅଧିକାରୀ ସୁରେଶ ତ୍ରିପାଠୀ, ବୈଦ୍ୟନାଥପୁର ଥାନା ଅଧିକାରୀ ସାରଦାପ୍ରଶନ୍ନ ଦାସ ଓ ଗୋଷାଣୀନୂଆଗାଁ ଥାନା ଅଧିକାରୀ ସୁମିତ୍ ସୋରେନ୍ ପ୍ରମୁଖ ସାମିଲ୍ ରହିଛନ୍ତି। ଏତଦ୍ ବ୍ୟତୀତ ବ୍ରହ୍ମପୁରର ସମସ୍ତ ଥାନା ଅଧିକାରୀ, ଏସଡ଼ିପିଓ ବିଷ୍ଣୁପ୍ରସାଦ ପତି ଓ ନିଜେ ଏସପି ଶ୍ରୀ ମିଶ୍ର ଘଟଣାର ତଦନ୍ତ ଜାରୀ ରଖିଛନ୍ତି।

# ବନ୍ଦେ ଉତ୍କଳ ଜନନୀ ସଙ୍ଗୀତକୁ ବିରୋଧ, କୋଶଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଦାବୀପତ୍ର ପ୍ରଦାନ

ନୂଆପଡା,୧୭/୬ (ନି.ପ୍ର): କୋଶଲ ରାଜ୍ୟ ସମନ୍ୱୟ ସମିତି ଖଡିଆଳ ନୂଆପଡା ଜିଲ୍ଲା ଶାଖା ପକ୍ଷରୁ ରାଜ୍ୟ ସଙ୍ଗୀତ ମାନ୍ୟତା ପାଇଥିବା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତକୁ ନେଇ ବିରୋଧ କରାଯାଇଛି। କୋଶଳ, ଉତ୍କଳ ଏବଂ କଳିଙ୍ଗକୁ ମିଶାଇ ଓଡିଶା ରାଜ୍ୟ ଗଠିତ, ହେଲେ ଏହି ସଙ୍ଗୀତ କୋଶଲାଂଚଳ ମଧ୍ୟରେ ଭେଦଭାବ ସୃଷ୍ଟି କରୁଛି ବୋଲି କୋଶଲ ରାଜ୍ୟ ସମନ୍ୱୟ ସମିତି ଅଭିଯୋଗ କରିଛି। ଏହାସହ ଓଡିଶାର ସବୁ ଅଂଚଳ ଉତ୍କଳ ରାଜ୍ୟରେ ନଥିବା ବେଳେ ଏହି ସଙ୍ଗୀତକୁ ରାଜ୍ୟ ସଙ୍ଗୀତ ମାନ୍ୟତାରୁ ବାଦ ଦେବାକୁ ଦାବୀ କରାଯାଇଛି।

# ରଜରେ ଆମ୍ବ ପାଇଁ ସ୍ତ୍ରୀକୁ ପିଟି ହତ୍ୟା କଲା ମଦୁଆ ସ୍ୱାମୀ

ଭଦ୍ରକ, ୧୭/୬ (ହି.ସ.) - ସାମାନ୍ୟ ଆମ୍ବ ଖାଇବାକୁ କେନ୍ଦ୍ର କରି ଜଣେ ନିଶାସକ୍ତ ସ୍ୱାମୀ ଶେଷରେ ଶେଷରଜ ଦିନ ନିଜର ପତ୍ନୀକୁ ପିଟି ପିଟି ହତ୍ୟା କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଏହି ଜିଲାର ଧାମନଗର ଥାନା ଅଧୀନସ୍ଥ ଜଳମଣ୍ଡୁଆ ପଂଚାୟତର ଜେନାସାହିରେ କାର୍ତିକ ଜେନାର ଘର। ୩ଟି ସନ୍ତାନ ସହ ପତ୍ନୀ ସସ୍ମିତାକୁ ନେଇ କାର୍ତିକଙ୍କ ସଂସାର। ସ୍ୱାମୀ କାର୍ତିକ ଦ୍ୱିତୀୟ ରଜରେ ନିଜର କେତେକ ସାଙ୍ଗଙ୍କ ସହ ମଦ ପିଇ ଘରକୁ ନିଶାସକ୍ତ ଅବସ୍ଥାରେ ଫେରିଥିଲେ। ଏବଂ ସ୍ତ୍ରୀଙ୍କୁ ରଜ ପାଇଁ ଆଣିଥିବା ଆମ୍ବ ଖାଇବାକୁ ମାଗିଥିଲେ। କିନ୍ତୁ ସେତବେଳକୁ ଘରେ ଥିବା ଆମ୍ବକୁ ୩ଟି ପିଲା ଖାଇ ଶେଷ କରିଦେଇଥିଲେ। ୩ଟି ଛୋଟ ଛୋଟ ପିଲା କଣ ଜାଣିଥିଲା ଆମ୍ବ ଗୁଡିକ ଖାଇଦେବା ପରେ ନିଶାସକ୍ତ ଅବସ୍ଥାରେ ପିତା ଶେଷରେ ତାଙ୍କର ମା'କୁ ପିଟି ପିଟି ହତ୍ୟା କରିବେ ବୋଲି। ଘରକୁ ଫେରିଥିବା କାର୍ତିକ ନିଶାରେ ଚୁର ହୋଇ ଆମ୍ବ ଖାଇବାକୁ ମାଗିଥିଲା। କିନ୍ତୁ ସସ୍ମିତା ପିଲାମାନେ ଆମ୍ବ ଖାଇଦେଇଥିବାର କହିବା ପରେ ଆରମ୍ଭ ହୋଇଗଲା ମହାଭାରତ। କାର୍ତିକ ରାଗରେ ଏକ କାଠ ଫାଳିଆରେ ପତ୍ନୀ ସସ୍ମିତାକୁ ପିଟି ପିଟି ହତ୍ୟା କରିଥିଲା। ମାଡମାରି ମନ ଶାନ୍ତ ହୋଇନଥିଲା। କାଠଫାଳିଆ ଛାଡି ଏକ ବାଉଁଶ ଠେଙ୍ଗାରେ ମଧ ସେ ସସ୍ମିତାକୁ ପିଟିବାରେ ଲାଗିଥିଲା। ବିଳମ୍ବିତ ରାତିରେ ନିଶା ଉତୁରିବା ପରେ ନିଜେ ସ୍ତ୍ରୀକୁ ଏକ ଅଟୋରେ ଆଣି ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହ ୍ଥିଲା କାର୍ତିକ। କିନ୍ତୁ ଡାକ୍ତରମାନେ ମୃତ ଘୋଷଣା କରିଥିଲେ। ଡାକ୍ତରଖାନାରେ ଖବର ପାଇ ଭଦ୍ରକ ପୁଲିସ୍ କାର୍ତିକଙ୍କୁ ଅଟକ ରଖି ପରବର୍ତୀ ସମୟରେ ଧାମନଗର ଥାନାକୁ ହସ୍ତାନ୍ତର କରିଥିବାର ସୂଚନା ମିଳିଛି। କାର୍ତିକ ପୁଲିସ୍ ନିକଟରେ ହତ୍ୟାକାଣ୍ଡର ସମସ୍ତ ଘଟଣା କହିବା ପରେ ତାହା ବିରୁଦ୍ଧରେ ଏକ ନରହତ୍ୟା ମାମଲା ରୁଜୁ ହୋଇ କୋର୍ଟ ଚାଲାଣ କରାଯାଇଥିବାର ଜଣାପଡିଛି।

# ବାଗ୍ ଗୁମ୍ଫାର ଇତିହାସ



ଭାରତୀୟ ଇତିହାସ କେବଳ ରାଜା-ରାଣୀଙ୍କର କାହାଣୀ ନୁହେଁ, ସେମାନଙ୍କର ଶାସନକାଳର ବିଶେଷତା ଓ କାରୁକାର୍ଯ୍ୟକୁ ନେଇ ଗର୍ବ କରାଯାଏ । ସେଥିମଧ୍ୟରୁ ଧାର ଜିଲ୍ଲାର ବାଗ୍ ଗୁମ୍ଫା ଅନ୍ୟତମ । ତା'ର ଚିତ୍ରକଳା ପାଇଁ ପ୍ରସିଦ୍ଧ ବାଗ୍ ଗୁମ୍ଫାର ଭିତ୍ତି ଚିତ୍ରକୁ ଅଜନ୍ତାରେ ଥିବା ଚିତ୍ରକଳାର ସମକାଳୀନ ବୋଲି କୁହାଯାଏ । ଦୁଇଟିସାରା ଚିତ୍ରକଳାର ଚିତ୍ରାଙ୍କନ ଶୈଳୀ ଏକ ପରି । ଏହି କଳା ବହୁତ ପୂର୍ବରୁ ଭାରତ ସହିତ ଦକ୍ଷିଣ ପୂର୍ବ ଏସିଆ ତଥା ଚୀନର କଳାକୁ ମଧ ପ୍ରଭାବିତ କରିଥିଲା । ସେଠାରେ ପୂର୍ଣ୍ଣ ବିକସିତ ଚିତ୍ରକଳାର ଚିହ୍ନ ଦେଖିବାକୁ ମିଳିଥାଏ । ଏହି ବାସ୍ତୁକଳା ଓ ଚିତ୍ରକାରୀର ଶୈଳୀର ଆଧାରରେ ଜଣାପଡୁଛି ଯେ ଏହା ସପ୍ତମ ଶତାବ୍ଦୀର ହୋଇପାରେ । ବାଗ୍ ଗୁମ୍ଫାର ଚିତ୍ରରେ ଲୌକିକ ଓ ଧାର୍ମିକ ଜୀବନ ସମ୍ବନ୍ଧିତ ପ୍ରସଙ୍ଗକୁ ଚିତ୍ରାଙ୍କିତ କରାଯାଇଛି । କିନ୍ତୁ ବର୍ତ୍ତମାନ ସମୟରେ ଏହି ଚିତ୍ରଗୁଡିକର ଅନେକ କ୍ଷତି ହୋଇଥିବାର ଦେଖାଯାଉଛି । ଦୁଇ ନମ୍ବର ଗୁମ୍ଫାକୁ ରଙ୍ଗ ମହଲ ବୋଲି କୁହାଯାଏ ଓ ସେଠାରେ ବେଲବୁଟେର ଚିତ୍ର ଥିଲା । ସେଠାରେ ୨ ମିଟର ଉଚ୍ଚ ସ୍ଥାନରେ ନୃତ୍ୟରତ ଘୋଡା ଓ ହାତୀମାନଙ୍କର ଶୋଭାଯାତ୍ରାର ଦୃଶ୍ୟର ଚିତ୍ର କରାଯାଇଛି । ସେଥିରେ ଏକ ମହିଳାକୁ ବିଳାପ କରୁଥିବା ତଥା ଅନ୍ୟ ମହିଳାଙ୍କୁ ସାନ୍ତ୍ୱନା ଦେଉଥିବାର ଚିତ୍ର ଅଙ୍କାଯାଇଛି । ଏପରି ଅନେକ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ଅଙ୍କିତ କରାଯାଇଥିଲା । କିନ୍ତୁ ଏହି ଦୁର୍ଲଭ ଚିତ୍ର ଏବେ ସହଜରେ ଦେଖାଯାଉନାହିଁ । କିଛି ଚିତ୍ରକୁ ସୁରକ୍ଷିତ ଭାବରେ ସଂରକ୍ଷିତ କରାଯାଇଛି ତ କେତେକ ନଷ୍ଟ ହୋଇଗଲାଣି ।

# ମୁଲତାନି ମାଟି

ତ୍ୱଚା ଓ କେଶର ରକ୍ଷଣାବେକ୍ଷଣ ତଥା ସୁରକ୍ଷା ପାଇଁ ମୁଲତାନି ମାଟିର ବ୍ୟବହାର ଏକ ପ୍ରାଚୀନ ପରମ୍ପରା । ଆମ ଦେଶର ମହିଳା ଓ ଯୁବତୀମାନେ କାହିଁ କେଉଁ କାଳରୁ ଏହାକୁ ବ୍ୟବହାର କରି ଆସୁଛନ୍ତି । ତ୍ୱଚା ଓ କେଶର ସୁରକ୍ଷା ପାଇଁ ଏହା ଅମୋଘ ଅସ୍ତ୍ର ପରି କାମ କରେ । ଏହାର ପ୍ରାକୃତିକ ଗୁଣ କୌଣସି ପ୍ରତିକ୍ରିୟା ସୃଷ୍ଟି କରେ ନାହିଁ । ସେଥିପାଇଁ ବର୍ତ୍ତମାନର ପପ୍ଲେଟିକ୍ ଯୁଗରେ ବି ଏହାର ଲୋକପ୍ରିୟତା ହ୍ରାସ ପାଇ ନାହିଁ ।

**ଫାଇଦା :**

୧. ମୁଲତାନି ମାଟିରେ ଥିବା ମ୍ୟାଗ୍ନେସିଅମ କ୍ଲୋରାଇଡ ତ୍ୱଚା ପାଇଁ ଅତ୍ୟନ୍ତ ଲାଭକାରୀ । ଏହା ତ୍ୱଚାରେ ଥିବା ଅତିରିକ୍ତ ତେଲକୁ ପ୍ରାକୃତିକ ଉପାୟରେ କମ୍ କରେ । ଫଳରେ ବ୍ରଣ ହୁଏ ନାହିଁ ।

୨. ଗାଜର ରସ ସହିତ ମୁଲତାନି ମାଟି ନିୟମିତ ଦାଗଯୁକ୍ତ ତ୍ୱଚାରେ ଲଗାଇଲେ ଦାଗ ସମସ୍ୟା ଦୂର ହୁଏ ।







୩. ମୁଲତାନି ମାଟି ସହ ଅଁଳାରସ ମିଶାଇ କେଶରେ ମାସ୍କ ପରି ଲଗାନ୍ତୁ । ୧୦ ମିନିଟ ପରେ ପରିଷ୍କାର ପାଣିରେ ଭଲ ଭାବରେ ଧୋଇ ଦିଅନ୍ତୁ । ଏହା ଉତ୍ତମ କଣ୍ଡିସନର ପରି କାମ କରିବ ।

୪. ସ୍ନାନ ପୂର୍ବରୁ ଶରୀରରେର ମୁଲତାନି ମାଟି ଲଗାନ୍ତୁ ଏବଂ ହାଲୁକା ମାଲିସ୍ କରି ସ୍ନାନ କରନ୍ତୁ । ଏହା ଦ୍ୱାରା କଳାଦାଗ ଦୂର ହେବ ।

୫. ମୁହଁକୁ ଦାଗମୁକ୍ତ ଏବଂ ଉଜ୍ଜ୍ୱଳ କରିବାକୁ ଚାହୁଁଥିଲେ ନିୟମିତ ମୁଲତାନି ମାଟି ଲଗାନ୍ତୁ ।

# କେଶର ଯତ୍ନ ପାଇଁ ଉପାୟ



ସ୍କିନ, ହାତ, ପାଦ ଓ ନଖ ପରି କେଶର ଯତ୍ନ ପାଇଁ ଆମେ ବହୁତ କିଛି କରିଥାଉ । ବଜାରର ଦାମୀ ସାମଗ୍ରୀ ଅପେକ୍ଷା ଘରୋଇ ଉପାୟରେ ଆମେ କେଶର ଯତ୍ନ ନେଇପାରିବା ।

- ସପ୍ତାହରେ ଦୁଇଥର କେଶରେ ତେଲ ଲଗାନ୍ତୁ । ଜୈତୁନ ତେଲକୁ ଗରମ କରି ତାହାକୁ କେଶ ଓ ସ୍କେଲ୍‌ପରି ମାଲିସ୍ କରନ୍ତୁ । ଏହା ପରେ କୌଣସି ଗାମୁଛାକୁ ଗରମ ପାଣିରେ ବୁଡାଇ ଚିପୁଡି ଦିଅନ୍ତୁ ଓ ଏହାକୁ ପଗଡି ପରି ୫ ମିନିଟ୍ ବାନ୍ଧି ଦିଅନ୍ତୁ । ଏହି ପ୍ରକ୍ରିୟାକୁ ସପ୍ତାହରେ ୩-୪ ଥର କରନ୍ତୁ ।
- ଅଣ୍ଡାର ଧଳା ଅଂଶ ତୈଳୀୟ କେଶ ପାଇଁ କ୍ଲିଂଜରର କାମ କରିଥାଏ । ସାମ୍ପୁ କରିବାର ଅଧ ଘଣ୍ଟା ପୂର୍ବରୁ ଅଣ୍ଡାର ଧଳା ଅଂଶ ଲଗାନ୍ତୁ । ପରେ ସ୍ୱଚ୍ଛ ପାଣିରେ ଧୋଇ ଦିଅନ୍ତୁ ।
- ଯଦି ଆପଣଙ୍କ କେଶ ରୁକ୍ଷ ତେବେ ସାମ୍ପୁ କରିବା ପୂର୍ବରୁ କଣ୍ଡିସନର ଲଗାନ୍ତୁ । ଏକ ଚାମଚ ସିର୍‌କାରେ ମହୁ ମିଶାଇ ସେଥିରେ ଅଣ୍ଡା ମିଶାନ୍ତୁ । ଏହି ମିଶ୍ରଣକୁ ଭଲ ଭାବରେ ଫେଣ୍ଟି ସ୍କେଲ୍‌ପରେ ଲଗାନ୍ତୁ । ଏହା ପରେ କେଶକୁ ଗରମ ଗାମୁଛାରେ ଗୁଡାଇ ଦିଅନ୍ତୁ । ପରେ ଥଣ୍ଡା ପାଣିରେ କେଶ ଧୋଇ ଦିଅନ୍ତୁ । କେଶର ଚମକ ଫେରି ଆସିବ ।
- ସାମ୍ପୁ କରିବା ପରେ ଚା ପାଣି ଓ ଲେମ୍ବୁ ରସ ମିଶାଇ କେଶକୁ ଧୋଇ ଦିଅନ୍ତୁ । ଚା କରିବା ପରେ ଚା ପତିକୁ ଫୁଟାଇ ଚା ପାଣି ପ୍ରସ୍ତୁତ କରନ୍ତୁ ଓ ଏହାକୁ ଥଣ୍ଡା କରି ଲେମ୍ବୁ ରସ ମିଶାଇ ଉପଯୋଗ କରନ୍ତୁ ।



# ମୁନ୍ ୱାକ୍

ପପ୍ କିଙ୍ଗ୍ ମାଇକେଲ ଜ୍ୟାକସନଙ୍କ ମୃତ୍ୟୁକୁ ୧୦ ବର୍ଷ ବିତି ଯାଇଥିଲେ ମଧ ତାଙ୍କ ପ୍ରତି ଲୋକମାନଙ୍କର ଶ୍ରଦ୍ଧା ଏବେ ମଧ କମ୍ ନାହିଁ । ସେଥିପାଇଁ ତାଙ୍କ ଡ୍ୟାନ୍ସ ଭଙ୍ଗୀକୁ ଲୋକମାନେ ଏବେ ମଧ କାର୍ଯ୍ୟ କରୁଥିବାର ଦେଖାଯାଉଛି । ଆଜିକାଲି ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାର ଦେଖାଯାଉଛି । ସେଥିରେ ଜଣେ ବ୍ୟକ୍ତି ମାଇକେଲ ଜ୍ୟାକସନ ପରି ମୁନଓ୍ୱାକ କରୁଥିବାର ନଜର ଆସୁଛି । ସେ ବ୍ୟକ୍ତି ଜଣକ ଜଣେ ରେସଲର । ସେ ରେସଲିଙ୍ଗ ଚମ୍ପିଆନସିପ୍‌ରେ ତାଙ୍କ ବିରୋଧୀ ଉପରେ ଆକ୍ରମଣ କରିବା ପୂର୍ବରୁ ମୁନ ୱାକ କରୁଥିବାର ଦେଖାଯାଉଛି । ଏହ ଭିଡିଓଟି ବ୍ରାଜିଲର ବୋଲି କୁହାଯାଉଛି । ଏହି ଭିଡିଓଟି ବ୍ରାଜିଲର ବୋଲି କୁହାଯାଉଛି । ବର୍ତ୍ତମାନ ପର୍ଯ୍ୟନ୍ତ ୮୦ ହଜାରରୁ ଅଧିକ ଲୋକ ଏହାକୁ ଦେଖି ସାରିଲେଣି । ରେସଲରର ଏହି ଅନୋଖା ଅନ୍ଦାଜ ଲୋକମାନଙ୍କୁ ଖୁବ୍ ପସନ୍ଦ ଆସୁଛି । ଲୋକମାନେ ଏହା ଉପରେ ପ୍ରତିକ୍ରିୟା ମଧ ଦେଉଛନ୍ତି । ପ୍ରତିକ୍ରିୟା କରୁଥିବା ଲୋକମାନେ ସେ ଜଣେ ବିପଦଜନକ ରେସଲର ବୋଲି କହୁଛନ୍ତି ।

# ଓଜନ ହ୍ରାସ ହେଉଥିଲେ ସାବଧାନ ରୁହନ୍ତୁ




- ଅବସାଦ ଯୋଗୁ ଭୋକ କମ୍ ଲାଗିଥାଏ । କମ୍ ଖାଇବା ଯୋଗୁ ଶରୀରକୁ ଜରୁରୀ ଇନ୍ଧନ ମିଳିପାରେ ନାହିଁ । ଏପରିସ୍ଥଳେ ଶରୀରରେ ଜମି ଯାଇଥିବା ଫ୍ୟାଟ୍ ତରଳି ଗ୍ଲୁକୋଜରେ ପରିବର୍ତ୍ତିତ ହୋଇଥାଏ ଓ ଶରୀର ଏହାକୁ ଇନ୍ଧନ ଭାବରେ ବ୍ୟବହାର କରିଥାଏ । ଏହି କାରଣରୁ ମଧ ଓଜନ କମ୍ ହୋଇଥାଏ ।
- କ୍ୟାନ୍‌ସରର ଏକ ତୃତୀୟାଂଶ ମାମଲାରେ ବିଶେଷ କରି ବୟସ୍କ ଲୋକମାନଙ୍କର ଓଜନ ହ୍ରାସ ପାଇଥାଏ । ଏହାର କାରଣ କ୍ୟାନ୍‌ସରର କୋଷିକାଗୁଡିକ ଦ୍ରୁତ ଗତିରେ ବଢୁଥାନ୍ତି ଓ ସେଥିପାଇଁ ବ୍ୟକ୍ତିକୁ ଅଧିକ ଶକ୍ତିର ଆବଶ୍ୟକତା ଥାଏ ।
- ଦ୍ରୁତଗତିରେ ଓଜନ ହ୍ରାସ ପାଉଥିଲେ ଏହା ମାନସିକ ସ୍ତରରେ ଦୁର୍ବଳତା ମଧ ହୋଇପାରେ । ଯଦି କୌଣସି ବ୍ୟକ୍ତି ମାନସିକ ସ୍ତରରେ ଚିନ୍ତିତ ଅଛି ବା ତାର ଚିକିତ୍ସା ଚାଲିଛି ତେବେ ସେହି ବ୍ୟକ୍ତିର ଓଜନ ଦ୍ରୁତ ଗତିରେ ବୃଦ୍ଧି ପାଇଥାଏ ବା ହ୍ରାସ ପାଇଥାଏ ।
- ଅନେକ ମାମଲାରେ ଚାପ ଯୋଗୁ ଓଜନ ହ୍ରାସ ପାଇଥାଏ । ଖରାପ ସ୍ଥିତିରେ ବା କଠିନ ପରିସ୍ଥିତିରେ ମଧ ବ୍ୟକ୍ତିର ଓଜନ ହ୍ରାସ ପାଇଥାଏ । ଯେତେବେଳେ ଆମେ କମ୍ ଖାଦ୍ୟ ଖାଉ ସେତେବେଳେ ଶରୀରକୁ କ୍ୟାଲୋରୀ ବା ଶକ୍ତି ମିଳିପାରେ ନାହିଁ । ଏପରି ସ୍ଥିତିରେ ପୋଷକ ତତ୍ତ୍ୱର ଅଭାବରେ ଆମର ପ୍ରତିଯୋଧକ କ୍ଷମତା କମ୍ ହୋଇଯାଏ । ଏହା ବ୍ୟତୀତ ଲିଭର ବା ହୃଦୟର ସମସ୍ୟାର କାରଣରୁ ଓଜନ ହ୍ରାସ ହୋଇଥାଏ । ସେଥିପାଇଁ ଓଜନ ହ୍ରାସ ପାଇଲେ ଅଣଦେଖା କରିବା ଉଚିତ୍ ନୁହେଁ ।

# ଛୋଟ ପାଦ ହେଲେ ସୁନ୍ଦରୀ !



ଚୀନର କେତେକ ଅଞ୍ଚଳରେ ଏବେ ବି ଛୋଟ ନାକ ଏବଂ ଛୋଟ ପାଦ ଥିବା ମହିଳାଙ୍କୁ ସୁନ୍ଦରୀ ଭାବେ ଗ୍ରହଣ କରାଯାଉଛି । ପୂର୍ବରୁ ଛୋଟ ପାଦ ପାଇବା ଲାଗି ପାଦକୁ ବାନ୍ଧି ରଖାଯାଉଥିଲା । ଏହା ସେଠାକାର ବହୁ ପ୍ରାଚୀନ ପରମ୍ପରା । ଏପରି ପାଦକୁ ସେମାନେ ପଦ୍ମପାଦ ବୋଲି କହୁଥିଲେ । ଏହା ପ୍ରତିପତ୍ତି ଏବଂ ସୌନ୍ଦର୍ଯ୍ୟର ଅନ୍ୟତମ ପ୍ରତୀକ ଥିଲା । ଏହି ପରମ୍ପରା ଅନୁସାରେ ମାତ୍ର ୪ ବୟସରୁ ହିଁ ଝିଅଙ୍କ ପାଦକୁ ଛୋଟ ଜୋତାରେ ବାନ୍ଧି ରଖାଯାଏ । ଏହାକୁ 'ଫୁଟ୍ ବାଇଣ୍ଡିଙ୍ଗ'ବୋଲି ମଧ କହନ୍ତି । ପ୍ରଥମେ ଏହି ପରମ୍ପରା ରାଜପରିବାର ଓ ଧନିକ ଶ୍ରେଣୀର ପରିବାରରେ ରହିଥିଲା । ସମୟ ବିତିବା ସହିତ ସାଧାରଣ ଲୋକ ବି ଏହାକୁ ଆପଣାଇ ନେଉଥିଲେ । ଏହା ବହୁତ କଷ୍ଟଦାୟକ ପଦ୍ଧତି । ଅନେକ ସମୟରେ ଏଥିରେ ଛୋଟ ଝିଅମାନଙ୍କର ମୃତ୍ୟୁ ଘଟୁଥିବା ବେଳେ କେହିକେହି ମାନସିକ ବିକୃତିରେ ମଧ ଆକ୍ରାନ୍ତ ହେଉଥିଲେ । ଶେଷରେ ୧୯୧୧ରେ ଚୀନ ସରକାର ଏହାକୁ ନିଷେଧ କରିଥିଲା ।

# ଚନ୍ଦ୍ର ମିଶନ ପାଇଁ ପ୍ରସ୍ତୁତି





ଆମେରିକା ଅନ୍ତରୀକ୍ଷ ଏଜେନ୍ସି ନାସା ୨୦୨୪ରେ ହେବାକୁ ଥିବା ଚନ୍ଦ୍ର ମିଶନ ପାଇଁ ପ୍ରସ୍ତୁତିର ଝଲକ ଦେଖାଇଛି । ଆଗାମୀ ମିଶନର ବିଶେଷ କରି ଦୁଇଟି ସ୍ପେସ ସୁଟର ପ୍ରୋଟୋଟାଇପ ପ୍ରସ୍ତୁତ କରିଛି । ଏହି ସ୍ପେସ ସୁଟ୍ ପୂର୍ବ ତୁଳନାରେ ଆରାମ ଦାୟକ, ଗତିଶୀତଳା ପ୍ରଦାନ କରିବା ଓ ଚନ୍ଦ୍ରର ବାତାବରଣ ଅନୁସାରେ ଅଧିକ ପ୍ରଭାବୀ ହେବ । ସେଥିପାଇଁ ଆମେରିକାର ଏହି ମିଶନ ବହୁତ ମହତ୍ତ୍ୱପୂର୍ଣ୍ଣ ହେବ । ଲାଲ୍, ଧଳା ଓ ନୀଳ ରଙ୍ଗର ପ୍ୟାଟର୍ଣ୍ଣ ସହିତ ଏହି ସ୍ପେସସୁଟକୁ ଅନ୍ୱେଷଣ ଅତିରିକ୍ତ ଗତିଶୀଳତା ୟୁନିଟ୍‌ର ନାମ ଚନ୍ଦ୍ରପୃଷ୍ଠରେ ଅନ୍ତରୀକ୍ଷ ଯାତ୍ରୀମାନଙ୍କୁ ଚାଲିବା, ନଇଁବା ଓ ମୋଡିବା ଇତ୍ୟାଦି ସହଜ ହେବ । ସେମାନେ ତାଙ୍କ ହାତକୁ ମୁଣ୍ଡ ଉପରକୁ ଉଠାଇବା ସହଜ ହେବ । ଦୁଇଟି ପୃଥକ ସୁଟ୍ ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ ତିଆରି କରାଯାଇଛି । ନୀଳ, ଧଳା ଓ ଲାଲ୍ ରଙ୍ଗର ସୁଟ୍ ଚନ୍ଦ୍ର ପୃଷ୍ଠରେ ଓହ୍ଲାଇବା ପାଇଁ ପିନ୍ଧି ପାରିବେ । ଅରେଞ୍ଜ ରଙ୍ଗର ସୁଟ୍ ଚନ୍ଦ୍ର ପୃଷ୍ଠରୁ ଫେରିବା ସମୟରେ ପିନ୍ଧାଯିବ । ଐତିହାସିକ ମୁନ ୱାକ ସମୟରେ କ୍ରିଷ୍ଟିନା କୋଚ ଓ ସାଥୀ ଜେସିକା ମିରଙ୍କୁ ପୁରୁଷମାନଙ୍କ ସୁଟ ପିନ୍ଧିବାକୁ ପଡିଥିଲା । କାରଣ ନାସା ମହିଳା ଅନ୍ତରୀକ୍ଷ ଯାତ୍ରୀମାନଙ୍କ ପାଇଁ ସୁଟ୍ ତିଆରି କରି ନଥିଲା ସେଥିପାଇଁ ଏହି ସୁଟ୍‌କୁ ୱାନ୍ ସାଇଜ ଫିଟ୍‌ସ ଅଲ ଭାବରେ ତିଆରି କରାଯାଇଛି । ଏହି ଦୁଇ ପ୍ରକାରର ସୁଟ ୧୨୧ ଡିଗ୍ରୀ ସେଲସିୟସରୁ ମାଇନସ ୧୫୬ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ତାପମାନ ସହ୍ୟ କରିପାରିବ । ଓରିୟନ କ୍ରୁ କ୍ୟାପସୁଲ ଯାନ ଏହି ମିଶନରେ ଅନ୍ତରୀକ୍ଷ ଯାତ୍ରୀଙ୍କୁ ନେବ । ୨୦୦୯ରେ ଚନ୍ଦ୍ରରେ ପାଣି ମିଳିବା ଖବର ପାଇବା ପରେ ନାସା ଏଇ ଥର ସାଉଥ ପୋଲରେ ଯାତ୍ରୀମାନଙ୍କୁ ଓହ୍ଲେଇବ ।

# ପିପର ମଶ୍‌ରୁମ



**ବ୍ୟସ୍ତ ଜୀବନରେ ରବିବାରର ଗୁରୁତ୍ୱ ଯଥେଷ୍ଟ ଅଧିକ । ଏହି ଦିନଟିକୁ ଆଉ ଟିକେ ବିଶେଷ କରିବା ଲାଗି କିଛି ପାଟି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରି ଦେଖନ୍ତୁ ତ !**

**ପ୍ରଣାଳୀ :**

ଛତୁକୁ ଭଲ ଭାବେ ବାଛି ଧୋଇବା ପରେ ସେଥିରୁ ପାଣି ଚିପୁଡି ଦେବେ । ଏବେ ଏକ କଡେଇରେ ତେଲ ନେଇ ଛତୁ ଭାଜନ୍ତୁ । ଭଲଭାବେ ଭାଜି ହୋଇଗଲେ ଏହାକୁ ଅନ୍ୟ ପାତ୍ରକୁ କାଢିଦିଅନ୍ତୁ । ଅନ୍ୟ ଏକ ପ୍ୟାନ୍‌ରେ ତେଲ ନେଇ ଗରମ କରନ୍ତୁ । ତେଲ ତାତିଲେ ସେଥିରେ ପିଆଜ, ରସୁଣକଟା, ଧନିଆପତ୍ର, ଲଙ୍କାଗୁଣ୍ଡ ଓ ହଳଦୀ ଗୁଣ୍ଡ ପକାଇ ୫ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ଚାଉଳ ଧୋଇ ପକାଇଦେବେ ଏବଂ ଚାଉଳ ଶିଝିବା ପର୍ଯ୍ୟନ୍ତ ଏହାକୁ ଧିମା ଆଞ୍ଚରେ ବସାନ୍ତୁ । ପାଖାପାଖି ୪୫ ମିନିଟ୍ ରାନ୍ଧିବେ । ଏହା ପରେ ଆଗରୁ ଭଜା ହୋଇଥିବା ଛତୁ ଏବଂ ଅବଶିଷ୍ଟ ସାମଗ୍ରୀସବୁ ମିଶାଇଦେବେ । ଏବେ ଚୁଲି ବନ୍ଦ କରିଦେବେ କିଛି କଟା ଧନିଆପତ୍ର ପକାଇ ୧୦ ମିନିଟ୍ ଢ଼ାଙ୍କୁଣୀ ଘୋଡାଇ ରଖନ୍ତୁ । ପ୍ରସ୍ତୁତ ହୋଇଗଲା ପିପର ମଶ୍‌ରୁମ୍ । ରୁଟି କିମ୍ବା ନାନ୍ ସହିତ ଗରମ ଗରମ ପରଷିଦେବେ ।

**ଆବଶ୍ୟକ ସାମଗ୍ରୀ :**

ଦେଢ କପ୍ ଧନିଆ ପତ୍ର, ଗୋଟିଏ ବଡ ପିଆଜ (ସରୁସରୁ କଟା ହୋଇଥିବ), ଚାରି-ଛ' ପାଖୁଡା ରସୁଣ କଟା, ୨ ଚାମଚ ଅଲିଭ ତେଲ, ୩ କପ୍ ପାଣି, ୧ କପ୍ ସରୁ ଉଷୁନା ଚାଉଳ, ୨ କପ୍ ଛତୁ, ସ୍ୱାଦ ଅନୁସାରେ ଲୁଣ, ଅଳ୍ପ ଲଙ୍କାଗୁଣ୍ଡ, ହଳଦିଗୁଣ୍ଡ ଏବଂ ଗୋଲମରିଚ ଗୁଣ୍ଡ ।



# ହେଲ୍‌ଥ୍ ଆଲର୍ଟ: ପେଟ ମାଡ଼ି ଶୋଉଥିଲେ

**ଶୋଇବାର ଶୈଳୀ ସମସ୍ତଙ୍କର ସମାନ ନୁହେଁ । କେହି କେହି ଚିତ୍ ହୋଇ ଶୁଅନ୍ତି ତ କେହି ଡାହାଣ କିମ୍ବା ବାମ କଡ଼ ମାଡ଼ି ଶୋଇବାକୁ ପସନ୍ଦ କରନ୍ତି, ଆଉ ପୁଣି କାହାକୁ ଭଲ ଲାଗେ ପେଟମାଡ଼ି ଶୋଇବା । ହେଲେ ଆପଣ ଜାଣନ୍ତି କି ପେଟମାଡ଼ି ଶୋଇବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କାକୁ ଏଡ଼ା ଯାଇ ନପାରେ...**

-ପେଟମାଡ଼ି ଶୋଇବା ଦ୍ୱାରା ପେଟ ଚାପି ହୋଇ ରହେ । ଫଳରେ ଖାଦ୍ୟ ଭଲ ଭାବେ ହଜମ ହେବାରେ କଷ୍ଟ ହୋଇଥାଏ । ବାରମ୍ବାର ଏପରି ହେଲେ ଧୀରେ ଧୀରେ ଗ୍ୟାସ୍ ବଦହଜମି ଭଳି ଅନେକ ସମସ୍ୟା ସୃଷ୍ଟି ହୋଇଥାଏ ।

-ପେଟମାଡ଼ି ଶୋଇବା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇପାରେ ନାହିଁ । ତା' ଛଡ଼ା ମାଂସପେଶୀଗୁଡ଼ିକ ଚାପି ହୋଇ ରହିବା ସହ ବଡି ପୋଜିଶନ ଠିକ୍ ଭାବେ ନ ରହିବା ଯୋଗୁ ଅନେକ ସମୟରେ ମସଲ୍ କ୍ରାମ୍ପ୍ ହେବା ସହ ଖୁବ୍ ଯନ୍ତ୍ରଣା ଅନୁଭୂତ ହୋଇଥାଏ ।

-ପେଟମାଡ଼ି ଶୋଇବା ଦ୍ୱାରା ମେରୁଦଣ୍ଡରେ ଚାପ ପଡ଼ିଥାଏ । ଫଳରେ କିଛିଦିନ ପରେ ଧୀରେର ଧୀରେ ପିଠି ଯନ୍ତ୍ରଣା ସମସ୍ୟା ଆରମ୍ଭ ହୋଇଥାଏ । ଏପରି ଶୋଇବା ଅଭ୍ୟାସରେ ଯଥା ସମୟରେ ପରିବର୍ତ୍ତନ ନ ଆଣିଲେ ବେକରୁ ଅଣ୍ଟା ପର୍ଯ୍ୟନ୍ତ ଯନ୍ତ୍ରଣା ଜଟିଳ ହେବାର ଆଶଙ୍କା ବୃଦ୍ଧି ପାଇଥାଏ ।

-ଏପରି ଶୋଇବା ଦ୍ୱାରା ହୃତ୍‌ପିଣ୍ଡରୁ ମସ୍ତିଷ୍କକୁ ଭଲ ଭାବେ ରକ୍ତ ସଞ୍ଚାଳନ ହେବାରେ ବାଧା ଉପୁଜିଥାଏ । ଫଳରେ ମୁଣ୍ଡ ବିନ୍ଧା ହୋଇଥାଏ ।

-କେବଳ ଏତିକି ନୁହେଁ, ଏହାଦ୍ୱାରା ମୁହଁ ଚାପି ହୋଇ ରହୁଥିବାରୁ ମୁହଁକୁ ପର୍ଯ୍ୟାପ୍ତ ପରିମାଣରେର ଅମ୍ଳଜାନ ମିଳିପାରେ ନାହିଁ । ଫଳସ୍ୱରୂପ ବ୍ରଣ, ଦାଗ ଭଳି ସମସ୍ୟା ସହ ଅଳ୍ପ ବୟସରୁ ଏଜ୍‌ଲାଇନ୍ ଏବଂ ରିଙ୍କିଲ୍ ମାର୍କ ଦେଖା ଦେଇଥାଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୮ ଜୁନ୍ ୨୦୨୦, ଗୁରୁବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ରୋଗକୁ ଘୃଣାକର ରୋଗୀକୁ ନୁହଁ...

କରୋନା ମହାମାରୀକୁ 'ମାନବସମାଜ ବିରୋଧୀ' ଭାବେ ଅଭିହିତ କରାଯାଇ ପ୍ରାଣଘାତୀ, ଭୟଙ୍କର, ଘାତକ ନାମ ଦିଆଯାଇଛି । ବିଗତ କିଛି ଘଣ୍ଟା ମଧରେ ଆମ ସଭ୍ୟ ସମାଜରେ କିନ୍ତୁ ଏଭଳି ଏକାଧିକ ଘଟଣା ଘଟିଛି, ଯାହା ମାନବିକତାର ପରିପନ୍ଥୀ ବା ମାନବ ହିଁ ମାନବର ଶତ୍ରୁ ବୋଲି କହିବା ଅତିଶୟୋକ୍ତି ହେବ ନାହିଁ । ମାନବ ସମାଜ ଆଜି ଏକ ଅଦୃଶ୍ୟ ଶତ୍ରୁ ବିରୋଧରେ ଲଢୁଛି, କିନ୍ତୁ ବିଗତ କିଛି ଘଣ୍ଟାର ହତଭାଗାମାନଙ୍କର ଶତ୍ରୁ ହେଉଛନ୍ତି ସେମାନଙ୍କ ଚାରିପାଖରେ, ଏପରିକି ନିବିଡ଼ ଭାବରେ ରହୁଥିବା ଆତ୍ମୀୟମାନେ । ମଣିଷ ସମାଜର 'ବିଶ୍ୱାସ-ଅବିଶ୍ୱାସ'ର ଏହି ଲଢ଼େଇ ଆବହମାନ କାଳରୁ ଚାଲିଆସିଛି । ଗତ ସୋମବାର ଜନୈକା ୭୦ ବର୍ଷୀୟା ମହିଳାଙ୍କୁ ତାଙ୍କ ୨୨ ବର୍ଷୀୟା ଭଣଜା ଗୁଣିଗାରେଡି ସନ୍ଦେହରେ ମୁଣ୍ଡକାଟି ହତ୍ୟା କରିଛି । ଏହା ପରେ କଟା ମୁଣ୍ଡ ସହିତ ଭଣଜା ଥାନାରେର ଆତ୍ମସମର୍ପଣ କରିଛି । ଏହି ବୀଭତ୍ସ ଓ ଲୋମଟାଙ୍କୁରା ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲାର ଖୁଣ୍ଟା ଥାନା ଅଧୀନ କରକଟିଆ ଗ୍ରାମରେ । ରାଜ୍ୟ କିମ୍ବା ସେହି ଜିଲ୍ଲାରେ ଏହି ଘଟଣା ପ୍ରଥମ ନୁହେଁ, ଅନ୍ଧବିଶ୍ୱାସଜନିତ ହତ୍ୟା ଇତିହାସର ଆଉ ଏକ କଳା ଅଧ୍ୟାୟ ମାତ୍ର । ସେହି ସମୟରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଞ୍ଚଳରେ ଗୁଣିଗାରେଡ଼ି ସନ୍ଦେହରେ ବାପା ଓ ଝିଅଙ୍କୁ ଗଛରେ ବାନ୍ଧି ଗାଁ ଲୋକ ନିଷ୍ଠୁକ ମାଡ଼ ମାରିବା ପରେ ଗୋବରପାଣି ପିଆଇଛନ୍ତି । ଏଭଳି ଅନେକ କୁତ୍ସିତ ଓ ଅସଭ୍ୟ ଘଟଣା ନିୟମିତ ଘଟିଚାଲୁଛି । କେବେ କ୍ୱଚିତ ଘଟଣା ଗଣମାଧମରେ ଦୃଷ୍ଟି ଆକର୍ଷଣ କରିପାରୁଛି । ଏପରିକି ରାଜ୍ୟର ଆଦିବାସୀ ଅଧୁଷିତ ଜିଲ୍ଲାଗୁଡ଼ିକରେ ଏହି ଘଟଣା ସ୍ଥାନୀୟ ଲୋକଙ୍କ ଦେହସୁହା ହୋଇଯାଇଥିବାରୁ ସେମାନଙ୍କ ପାଇଁ ଆଉ ଏହା ଅଭାବନୀୟ ଘଟଣା ବର୍ଗରେ ଆସୁନାହିଁ । ବିଡମ୍ବନା ହେଉଛି ଗୁଣିଗାରେଡ଼ି ବା ଡାହାଣୀ ସନ୍ଦେହରେ ହତ୍ୟା ଓ ଆକ୍ରମଣ ଭଳି ଅନ୍ଧବିଶ୍ୱାସ ଦୂର କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଅନେକ ପ୍ରୟାସ ହୋଇଛି । ଏହାର ନିରାକରଣ ପାଇଁ ରାଜ୍ୟ ସରକାର ଆଇନ୍ ପ୍ରଣୟନ କରିଛନ୍ତି, କିନ୍ତୁ ଆଇନ୍ କରିଦେଲେ ଯେ ଲୋକଙ୍କ ମାନସିକତା ବଦଳିବ ନାହିଁ, ତାହା ଏହି କ୍ଷେତ୍ରରେ ପୁଣି ଥରେ ପ୍ରମାଣିତ ହୋଇଛି । ଆଇନ୍ ବଳରେ ଅନେକ ମାମଲା ରୁଜୁ ହୋଇଛି, ଦଣ୍ଡବିଧାନ ମଧ ହୋଇଛି । ଅଥଚ ଆଇନକାନୁନ, ଦଣ୍ଡବିଧାନକୁ ଭ୍ରୁକ୍ଷେପ ନ କରି ଅନ୍ଧବିଶ୍ୱାସର ଭୂତାଣୁ ଲୋକଙ୍କ ମାନସିକତାରେ ସଂକ୍ରମିତ ହୋଇଚାଲିଛି । ଅନ୍ଧବିଶ୍ୱାସର ସଂକ୍ରମଣରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଅର୍ଦ୍ଧ-ବେସରକାରୀ ସଂସ୍ଥା ଓ ବ୍ୟକ୍ତିବିଶେଷ ବ୍ୟାପକ ସଚେତନତା ପାଇଁ ନିଜନିଜ ସ୍ତରରେ ଯଥାସାଧ ଉଦ୍ୟମ କରିଆସୁଛନ୍ତି । ତଥାପି ଅତ୍ୟାଧୁନିକ ବିଜ୍ଞାନ ଓ ସଭ୍ୟ ସମାଜକୁ ଉପହାସ କରି ଅନ୍ଧବିଶ୍ୱାସର ଭୂତାଣୁ ସଂକ୍ରମଣ ପରିସଂଖ୍ୟାନ ବଢ଼ିବାରେ ଲାଗିଛି । ସେହିପରି ଯୋଡ଼ା ବନାଞ୍ଚଳ ଅନ୍ତର୍ଗତ ଗୁରୁବେଡ଼ା ସଂରକ୍ଷିତ ଜଙ୍ଗଲରେ ୨ଟି ହାତୀକୁ ନିର୍ମମ ଭାବେ ହତ୍ୟା କରି ସେମାନଙ୍କ ଦାନ୍ତ ଲୁଟି ନେବା ପରି ଘଟଣା ସାମ୍ନାକୁ ଆସିଛି । ଏହାପୂର୍ବରୁ ଗତ ମେ' ୨୭ ତାରିଖରେ କେରଳରେ ଏକ ଗର୍ଭିଣୀ ହାତୀକୁ ବାରୁଦ ଭର୍ତ୍ତି ସପୁରି ଖାଇବାକୁ ଦେଇ ଅତି ନିଷ୍ଠୁର ଭାବେ ହତ୍ୟା କରାଯାଇଥିବା ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଥିଲା । ବିଗତ ଶନିବାର ଦିନ ଓଡ଼ିଶାର ହାତୀ ହତ୍ୟା ଘଟଣାକୁ ମିଶାଇଲେ ପ୍ରାୟ ତିନି ସପ୍ତାହ ମଧରେ ଲୋକଲୋଚନକୁ ଆସିଥିବା ଜାତୀୟ ସ୍ତରର ହାତୀ ହତ୍ୟାର ଏହା ଦ୍ୱିତୀୟ ଘଟଣା ଏବଂ ମାସକ ଭିତରେ ଓଡ଼ିଶାରେ ମଧ ଏହା ଦ୍ୱିତୀୟ ଘଟଣା । ଉପରୋକ୍ତ ଦୁଇଟି ଘଟଣାର ସଂଯୋଗ ହେଉଛି ନିହତମାନଙ୍କ ପାଇଁ ହତ୍ୟାକାରୀମାନେ କରୋନା ଭୂତାଣୁ ପରି ଅଦୃଶ୍ୟ କିମ୍ବା ଅଜଣା ନୁହନ୍ତି । ହତ୍ୟାର ପୂର୍ବ ମୁହୂର୍ତ୍ତ ପର୍ଯ୍ୟନ୍ତ ବୃଦ୍ଧାଙ୍କ ପାଇଁ ଭଣଜା ଆତ୍ମୀୟ ଥିଲା । ସେହି ଆତ୍ମୀୟଠାରେ ହିଁ ଅବିଶ୍ୱସନୀୟ ଓ ଅକଳ୍ପନୀୟ ଭାବେ ଅକସ୍ମାତ ବିଶ୍ୱାସଘାତର ରୂପ ଦେଖିବାକୁ ମିଳିଲା । ସେହିପରି ରାଜାରାଜୁଡ଼ା ଅମଳରୁ ମଣିଷ ସେବାରେ ନିୟୋଜିତ ହୋଇ ଆସୁଥିବା ହାତୀକୁ ମଣିଷ ଏବେ ନିଜର ସ୍ୱାର୍ଥ ପାଇଁ ନିର୍ମମ ଭାବେ ହତ୍ୟା କରିଚାଲିଛି । ଏହି ଘଟଣା କେବଳ ହାତୀ କ୍ଷେତ୍ରରେ କିମ୍ବା ଭାରତରେ ସୀମିତ ନୁହେଁ । ଭାରତରେ ହାତୀ ସମେତ ହରିଣ, ନୀଳଗାଇ, ବାରହା, ମାଙ୍କଡ଼ମାନଙ୍କୁ ନିର୍ମମ ଗଣହତ୍ୟାର ଦୃଷ୍ଟାନ୍ତ ଥିବା ବେଳେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ କଙ୍ଗାରୁମାନଙ୍କର ଗଣହତ୍ୟା ଦୃଶ୍ୟ ସମଗ୍ର ବିଶ୍ୱ ଦେଖିଛି । ଏହାବାଦ୍ ଜିହ୍ୱା ଲାଳସା ପାଇଁ ପ୍ରତ୍ୟେହ ଅଗଣିତ ପଶୁପକ୍ଷୀଙ୍କୁ ମଣିଷ ହତ୍ୟା କରୁଛି । ପୁଣି ସେଥିରୁ ଭୂତାରୁ ସଂକ୍ରମିତ ହେବା ପରେ ସେମାନଙ୍କୁ ହିଁ ଦୋଷ ଦେଉଛି । ହୁଏତ କୋଭିଡ୍‌ର ନିରାକରଣ ପାଇଁ ଆଜି ନ ହେଲେ କାଲି ପ୍ରତିଷେଧକ ଉଦ୍‌ଭାବନ ହେବ, କିନ୍ତୁ ମଣିଷର ମାନସିକତା ଭିତରେ ବସା ବାନ୍ଧିଥିବା ଭୟଙ୍କର ଭୂତାଣୁର ନିରାକରଣ ପାଇଁ ପ୍ରତିଷେଧକ ଏକପ୍ରକାର ଅସମ୍ଭବ ମନେହେଉଛି । ଏବେ କୁହାଯାଉଛି, କରୋନା ସହିତ ହିଁ ବଞ୍ଚିବାକୁ ପଡ଼ିବ । ଏହି ଅବଧି ହୁଏତ ବର୍ଷେ କିମ୍ବା ଦୁଇବର୍ଷ ପର୍ଯ୍ୟନ୍ତ ରହିପାରେ, କିନ୍ତୁ ଅନ୍ଧବିଶ୍ୱାସ ଓ ଅବିଶ୍ୱାସ ପରି କୁତ୍ସିତ, କ୍ରୂର ଓ ପାଶବିକ ମାନସିକତା ସହିତ ମଣିଷ ସମାଜ ସୃଷ୍ଟି ପ୍ରାରମ୍ଭରୁ ବଞ୍ଚି ଆସିଛି ଏବଂ ଚିରକାଳ ବଞ୍ଚିବାକୁ ପଡ଼ିବ । ମାନବ ସମାଜ ବାହାରେର ଯଦି କେବେ କୌଣସି ବିଚାର ବା ନ୍ୟାୟିକ ମଞ୍ଚ ମଣିଷ ସମାଜର ଜ୍ଞାତସାରରେ ଆୟୋଜିତ ହୁଏ ଏବଂ ସେଠାରେ ପ୍ରଶ୍ନ କରାଯାଏ- 'କିଏ ଅଧିକ ଭୟଙ୍କର- ମାନବ ନା ଭୂତାଣୁ ?' ତେବେ ମାନବ ସମାଜର ପ୍ରତିନିଧି ଭାବେ କାଠଗଡ଼ାରେ ଠିଆ ହୋଇଥିବା ସୁସ୍ଥ ମସ୍ତିଷ୍କଧାରୀ ସଚ୍ଚୋଟ ମଣିଷଟିଏ କେବଳ ମୁଣ୍ଡପାତି ନିରୁତ୍ତର ରହିବା ହିଁ ଶ୍ରେୟସ୍କର ହେବ ।




## କରୋନା ଏପରି କରନା

ସୁଧାକର ରାଉତ

କରୋନା ଏପରି କଲୁ ତୁ କିଆଁ
ସାରା ଦୁନିଆରେ ଲଗାଇ ନିଆଁ

ଉଡ଼ାଇ ଆତଙ୍କ ଧୂଆଁ
ସାମାନ୍ୟ ଭୂତାଣୁ ହୋଇ ତୋ ପାଖରେ
ସଭିଏଁ ଏବେ ଛାନିଆଁ

ଭୁଲି ତୋ ଲାଗି ସାଙ୍ଗସାଥୀ ମେଳ
ଘରେ ରହି ପାଶୋରି ଦେଲୁ ଖେଳ
କେମିତି କଟୁଛି ବେଳ

ସେ କଥା କେବଳ ଅନୁଭବୀ ଜାଣେ
ତୁ କିସ ଜାଣିବୁ କାଳ

ତୋ ଲାଗି ବନ୍ଦ ସବୁ ବିଦ୍ୟାଳୟ

ଘରେ ପଢ଼ି କରୁ ମନକୁ ଥୟ
ପରିସ୍ଥିତି ବିଷମୟ

ଏ ବିଷମ ସଙ୍କଟରୁ ଏ ଧରାକୁ
ଉଦ୍ଧରିବେ ଲୀଳାମୟ

ଦୋଳି ହୋଲି ପରି ଯେତେ ପରବ
ଛଡ଼ାଇନେଇ ଦେଖାଉ ଗରବ
ନୀତିରେ କୋହଳ ଭାବ

ଦେଖି ଭାବିଥିଲୁ ଏ ରଜ ପର୍ବ ଟି
ଭାରି ମଜାରେ କଟିବ ।

ମାତ୍ର ବେଳୁ ବେଳ ବଢ଼ି ତୋ ଦାଉ
ହଜାଇ ଦେଉଛି ରଜର ଭାଉ

ମନକୁ ଥୟ ଥରାଉ
ଯେନ ତେନ ପ୍ରକାରେଣ ଏ ପର୍ବକୁ
ତୋ ଲାଗି ଖାଲି କଟାଉ

ଆମେ ଯେତେକ କୁନି କୁନି ସେନା
ସବୁରି ମୁହଁରୁ ହସ ଛଡ଼ାନା

ଦେ'ନା ତୁ ମୃତ୍ୟୁର ବେଦନା
ହାତ ଧୁଆ, ମାସ୍କ ପିନ୍ଧା, ସଂଗରୋଧ
ବି କରୁଛୁ ତୁ ପଳାନା

+ ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

# ଛମାଣ ଆଠଗୁଣ୍ଠରେ ସମାଜର୍ ନିପୁଣ ବ୍ୟବଚ୍ଛେଦକ ଫକିର୍‌ମୋହନ:ଏକ ଆଲୋକପାତ

ଡାକ୍ତର ସୁରେନ୍ଦ୍ର ନାଥ ଦାଶ

"ଚିତ୍ରପ୍ରତିମା ପ୍ରାୟ ଦିଶେ ସୁନ୍ଦର, ଭିତର ଚିରି ଦେଖ କି ନାରଖାର।"

ଜଣେ ସାଧାରଣ ବ୍ୟକ୍ତି ଦୃଷ୍ଟିରେ ଏ ସମାଜ ଓ ସଂସାର ମଧୁମୟ ପ୍ରତୀୟମାନ ହୁଏ । ଏ ସଂସାରରେ ପ୍ରେମ, ସ୍ନେହର ଅମୃତ ଧାରା ସତ ପ୍ରବାହିତ ହୋଇ ମାନବ ମାନଙ୍କୁ ସ୍ୱର୍ଗ ସୁଖ ଦେଇଥାଏ । ସେଥିପାଇଁ ସେ ଗାଏ, "ମଧୁମୟ ସୃଷ୍ଟି, ସୁଧାମୟ ସୃଷ୍ଟି, ଏ ସୃଷ୍ଟି ଅମୃତ ମୟହେ" । ମାତ୍ର ନିଜର ଦୀର୍ଘ ଅନୁଭୂତି ଓ ଅନୁଭବ ଦ୍ୱାରା ସ୍ରଷ୍ଟା ଫକିର ମୋହନ ସମାଜକୁ ଅଣୁ ପ୍ରମାଣେ ବ୍ୟବଚ୍ଛେଦ କରି ସମାଜର କୁତ୍ସିତ ରୂପକୁ ପଦାକୁ ଆଣିଛନ୍ତି, ଯାହାକି ଏକ ହିଂସ୍ର ଶ୍ୱାପଦ ପୂର୍ଣ୍ଣ ଅରଣ୍ୟ ସମ ଅଟେ । ଯେଉଁଠି ଜଣେ ଅନ୍ୟ ଉପରକୁ ଲମ୍ଫ ଦେବାକୁ ବୁଦା ଉହାଡରେ ଛକି ବସେ । ଅତର୍କିତ ଆକ୍ରମଣ କରି ସଂହାର କରେ । ସ୍ୱାର୍ଥ ହିଁ ମଣିଷ ସମାଜର ଗତି କୁ ନିୟନ୍ତ୍ରଣ କରିଥାଏ । ଛଳନା ମଣିଷର ଧର୍ମ ହୋଇଯାଏ । ନିଜ ଜୀବନରେ ତାହା ତଳେ ତିଳେ ଅନୁଭବ କରିଛନ୍ତି ଫକିର ମୋହନ । ସବୁ ସ୍ତରର ଲୋକଙ୍କ ସାଙ୍ଗରେ ସେ ମିଶିଛନ୍ତି । ପିଲାଟି ଦିନରୁ ସେ ଦୁର୍ଭାଗ୍ୟର ଶୀକାର ହୋଇଛନ୍ତି । ତାଙ୍କୁ ସଂସାର ରୂପି ହିଂସ୍ର ଅରଣ୍ୟରେଏକା ଛାଡି ପିତା, ମାତା ଅମର ଧାମ କୁ ଚାଲିଯାଇଛନ୍ତି । ବଡବାପାଙ୍କ କୁତ୍ରିମ ସ୍ନେହ, "କାହିଁ ଆଜି ପିଠିରେ ତ ବେତ ଚିହ୍ନ ନାହିଁ ।" ବିଚରା ଅବଧାନ ଦରମା କେଇଟଙ୍କା ଲୋଭରେ ନିଷ୍ପାପ ଶିଶୁ ପିଠିରେ ବେତରେ ପିଟି ନୋଳା 'ଟେଇ ଦିଅନ୍ତି, ବଡ ବାପା ଙ୍କ ଖୁସି ପାଇଁ । ପିତାମହୀ କୋଚିଲା ଦେଇ ନୀରବ ରେ ଅଶ୍ରୁ ବିସର୍ଜନ କରି ଅନାଥ (ବ୍ରଜ)ଫକିର ପିଠିରେ ହାତ ବୁଲାଉଥାଆନ୍ତି

ସେନାପତି ଙ୍କର ଅମର ସୃଷ୍ଟି ଛମାଣ ଆଠଗୁଣ୍ଠରେ ସମାଜର ବ୍ୟବଚ୍ଛେଦ ଅତି ନିପୁଣ ଭାବେ ହୋଇଛି । ଫତେପୁର ସରଷଣ୍ଡ ତାଲୁକର ଜମିଦାର ରାମଚନ୍ଦ୍ର ମଙ୍ଗରାଜ । କଳ କୌଶଳ କରି ଜମିଦାର ଦିଲଦାର ମିଆଁ ଠାରୁ ସେ ଏହା ଆତ୍ମସାତ କରିଛନ୍ତି । ଜମିଦାର ହେଲା ପରେ ନିଜର ଜମି କୁ ବଢେଇବା ଏକ ନିଶାରେ ପରିଣତ ହୋଇଛି । ଏପରି କି ଶାସନୀ ବ୍ରାହ୍ମଣଙ୍କ ଜମି ମଧ୍ୟ ଛାଡ ପାଇନି । ମାତ୍ର ତାଙ୍କ ଭାଷାରେ, "ଗୋସେଇଁ ମାନଙ୍କର ଜମି ମୁଁ ସମ୍ଭାଳି ରଖିଛି ।"

ଭାରି ନିଷ୍ଠାରେ ଏକାଦଶୀ ପାଳନ କରନ୍ତି ମଙ୍ଗରାଜ ସାଆନ୍ତେ । କେବଳ ତୁଳସି ପତ୍ର ପାଣି ପାଟି କି ଯାଏ । ତାଙ୍କ କହିବାରେ ବର୍ଷକୁ ଚବିଶ ନହୋଇ ଚାଳିଶଟା ଏକାଦଶୀ ଥିଲେ ସେ ପାଳୁ ଥାଆନ୍ତେ । ଶୋଇବା ଘରେ ରାତିରେ ଜଗା ଭଣ୍ଡାରୀ ଦ୍ୱାଦଶୀ ପାରଣ ପାଇଁ ଦୁଧ, ନବାତ, ପାଚଲା କଦଳି ଥୋଇଦିଏ । ସକାଳୁ ତୁଚ୍ଛା ବାସନ ବାହାରେ । ନିନ୍ଦୁକ ମାନେ କହନ୍ତି, "ବୁଡିବୁଡି ପାଣି ପିଇଲେ ବ୍ରହ୍ମାଙ୍କ ବାପା ବି ଜାଣି ପାରିବ ନାହିଁ ।" ଦ୍ୱାଦଶୀ ଦିନ ଉପରବେଳି ସାଆନ୍ତ ବ୍ରାହ୍ମଣ ମାନଙ୍କ ଭୋଜନ ଦେବେ । ପଂଚଶାସନ ଗୋସେଇଁ ଶତାଧିକ ଜମା ହେବେ, ନଉତିଏ ଚୁଡା, ମେଂଚାଏ ଗୁଡ ରଖି ସାଆନ୍ତେ ବଡ ପାଟିରେ ଡାକଦେବେ, "ଗୋସେଇଁ ମାନେ ଆପଣ ମାନଙ୍କ ପେଟ ଛୋଟ, ଆଖି ବଡ, ଜଗିରଖି ନଖାଇଲେ ପେଟ ବିଗିଡି ଯିବ ।"

ଶ୍ୟାମ ମଲ୍ଲ ସାଆନ୍ତଙ୍କର ସଂପର୍କରେ ପୁତୁରା । ସହରକୁ ଯାଇ ପିଆଜ ଖାଇ ଜାତି ଭାଇ ମାନଙ୍କ ଦ୍ୱାରା ଆକଟ ହେଲା । ଦୟାଳୁ ମଙ୍ଗରାଜ ମାତ୍ର ୧୫ ମାଣ ଜମି ତାଠାରୁ ଆତ୍ମସାତ କରି ତାକୁ ଜାତି କରେଇ ଦେଲେ ଓ କହିଲେ,"ପୁତୁରା ବୋଲି ସେ ଅଳ୍ପରେ ସାରିଦେଲେ । ପୁରୋହିତଙ୍କୁ ବହୁତ ନେହୁରା ହେଲି ତୋ ପାଇଁ ହେଲେ ନିନ୍ଦୁକ କୁହନ୍ତି, "ପ୍ରତି ହାଟପାଳିରେ ଚମ୍ପା ସାଆନ୍ତଙ୍କ ଉଆସ ପାଇଁ ପିଆଜ କିଣି ଆଣେ ।"ସାଆନ୍ତଙ୍କର ପନ୍ଦର ବାଟି ଚାଷ ଜମି । ଗୁଡାଏ ହଳିଆ ଘରେ କାମ କରନ୍ତି । ସେମାନେ ସାଆନ୍ତ ଙ୍କ ଘରେ ଖରାବେଳେ ଖାଆନ୍ତି । ସାଆନ୍ତେ ଖାଇବା ଆଗରୁ କଂସାଏ ତୋରାଣି ପିଇବାକୁ ଉପଦେଶ ଦିଅନ୍ତି । ତୋରାଣି ପାଣି ବଳ ବର୍ଦ୍ଧକ ବୋଲି ଶାସ୍ତ୍ର କହିଛି । ବଳେଇ ବଳେଇ ପିଆନ୍ତି । ତାପରେ ପୁଞ୍ଜାଏ ଭାତ ଖାଇବାକୁ ଦିଅନ୍ତି । ସେତେବେଳକୁ ପେଟରେ ଯାଗା ନଥାଏ ।ସେଦିନ ସାଆନ୍ତେ ବିଲ ଦେଖି ବାହାରିଛନ୍ତି । ବାଟରେ ଶିବୁ ପଣ୍ଡିତ ଦେଖା ହେଲେ । ପଣ୍ଡିତ ହାତ ଉଠାଇ ଆର୍ଶୀବାଦ କଲେ, "କର୍ତାମାୟୁ ର୍ଯଶଃଶ୍ରୀୟଂ ।" ସାଆନ୍ତେ ଗଲା ପରେ ସେ ଶ୍ଳୋକ ବୋଲିଲେ, "ଅଦ୍ୟ ପ୍ରାତଃରେବ ଅନିଷ୍ଟ ଦର୍ଶନଂ ।" ଏହିତ ସଂସାର ମୁହଁରେ ପ୍ରଶଂସା ପଛରେ ନିନ୍ଦା ।

ସାଆନ୍ତେ ଚାଲୁଚାଲୁ ହଳିଆ କହିଲା, ଦେଢ ମାଣ ଜମିକୁ ତଳି ନିଅଁଟ । ଆଗରେ ଶାମ ଗୋଛାଅତର ଜମି, ବିଲ ବାଛୁଛି ଶାମ । ସାଆନ୍ତ ମୁରବିଆ ଢଙ୍ଗରେ କହିଲେ, "ଆରେ ଶାମ ତୁ ଟା ଓଲୁ, ଚାଷ କାମ ଜାଣିନୁ, ଏତେ ଗହଳିରେ ଧାନ ରୋପିଛୁ ,ଗଛ ନିଶ୍ୱାସ ନେବ କେମତି ? ଓପାଡ ଓପାଡ କହି ହଳିଆକୁ ଠାରି ଦେଲେ। ଚାହୁଁ ଚାହୁଁ ବିଲରୁ ଅଧା ତଳି ଓପାଡି ହଳିଆ ମାନେ ବିଡା ବାନ୍ଧି ସାଆନ୍ତଙ୍କ ବିଲ ଆଡେ ଚାଲିଲେ । ଶାମ ତଳେ ପଡି ଡକା ଛାଡୁ ଥାଏ । ସାଆନ୍ତ ଖପା ହୋଇ ତାକୁ ଫଜିତ କଲେ, "ତୋ ଭଲ ପାଇଁ କଲି, ନହେଲେ ନାହିଁ"କହି ଚାଲିଗଲେ । ସେହିପରି ଛତିଶ ପାଟକର ରଜା ଶାସ୍ତ୍ରୀୟ ନନା ମାନଙ୍କ ବିଷୟରେ ସେନାପତିଙ୍କ ବର୍ଣ୍ଣନା, ସି ଅକ୍ଷର ବିବର୍ଜିତ, ଚିତା ପଇତାଦି ଶୋଭିତ, ବିଲ ବାଛିବାକୁ ଆଗ, ଦହି ଚୁଡାକୁ ବାଘ,ସଂଧ୍ୟା ଗାୟତ୍ରୀ ହୀନ,ବିଲରୁ ଚିପନ୍ତି ମୀନ,ସଭାରେ ନଫିଟେ ପାଟି,ନାଁ ଟି ସୁନ୍ଦର ତ୍ରୀପାଠୀ ।

ନିଶା ଖାଇ ତାସ ଖେଳି ସବୁ ହରେଇ ନନା ମାନେ ଭିକାରୀ ହୋଇଗଲେଣି । ସମସ୍ତଙ୍କ ଜମି ମଙ୍ଗରାଜେ ବନ୍ଧା ରଖିଛନ୍ତି । ଆଉ ଫେରିବା ଆଶା ନାହିଁ। ଗୋବରା ଜେନା ଚଉକିଦାର, ବୁଲିବୁଲି ଡାକେ ହୁସିଆର । ଜେନା ପୁଅ ଭାରି ଦୟାଳୁ, ହେଲେ ମଧ୍ୟ କିଏ ଯଦି ଲାଉଟା ବା କଖାରୁ ତାକୁ ଭେଟି ଦେବାରେ ହେଳା କରେ, ସେ ସେଦିନ ରାତି ଜଗିବାରେ ଟିକେ ଢିଲା କରିଦିଏ, ଆଉ ଚୋରଗୁଡା ତା ଜାଣି ପାରି ସେଇ ରାତିରେ ତା ବାଡି ସଫା କରି ଦିଅନ୍ତି । ଚୋର ଆଉ ଚଉକିଆର ଅଭେଦ ପ୍ରିତି ।

ଚମ୍ପା ଦାସୀ ଓରଫ ସାଆନ୍ତାଣୀ, ସମସ୍ତ ଅବିଗୁଣର ସମାରୋହ । ସାଆନ୍ତ ଙ୍କର ସବୁ କୁକର୍ମର ମନ୍ତ୍ରଣା ଦାୟିନୀ । ନିରୀହ ଭଗିଆ ଓ ତା ସ୍ତ୍ରୀ ସାରୀଆର ସଂସାର ଉଜାଡି ଦେବାରେ ମୁଖ୍ୟ ନାୟିକା । ତାର ଦୋ ଫସଲି, ଉର୍ବର ଛଅମାଣ ଆଠଗୁଣ୍ଠ ଜମି ପାଇଁ ସେ ଚକ୍ରାନ୍ତର ଜାଲ ବିଛାଇଛି । ତନ୍ତୀ ଦମ୍ପତି ସନ୍ତାନ ହୀନ, ଗାଁର ବୁଢୀ ମଙ୍ଗଳା ଙ୍କ ମନ୍ଦିର ଭଗିଆ ତିଆରି କରିବ । ଛଅ ମାଣ ଆଠଗୁଣ୍ଠ ଜମି ଗୁଜ ରହିବ ସାଆନ୍ତଙ୍କ ପାଖରେ । ମା ଖୁସି ହେଲେ ତାର ଅପୁତ୍ରିକ ଦୋଷ ଦୂର ହେବ, ଧନ ରତ୍ନରେ ଘର ପୁରି ଯିବ,"ଯାହାର ପିଲାଝିଲା ନାହିଁ, ସକାଳୁ ତା ମୁହଁ ନ ଚାହିଁ ।"

ଶେଷକୁ ମାଆ ଖପା ହେଲେ, "ଭଗିଆ ମରିଯିବ" ବୋଲି ଅବ୍ୟର୍ଥ୍ୟ ବାଣ ପ୍ରୟୋଗ କରି କାମ ହାସଲ କରିଛି ଚମ୍ପା । ସାଆନ୍ତ ଙ୍କର ଜଣେ ଚାକର ଗାତ ଖୋଳି ଠାକୁରାଣୀ ପଛରେ ରହି ପୂଜାବେଳେ,"ସାରିଆ, ତୁ ମୋ ପାଇଁ ଦେଉଳ ତୋଳି ଦେ" ବୋଲି କହିଲା । ସରଳା ସାରିଆ ତାହା ଠାକୁରାଣୀଙ୍କ ଆଜ୍ଞା ବୋଲି ଭାବିଲା । ଛଅ ମାସ କଂଟ କବଳାରେ ଜମି ବନ୍ଧା ପଡିଲା ଓ ସାଆନ୍ତେ ନିଲାମ କରି ଜମି ନେଇଗଲେ । ଗାଈ ନେତକୁ ମଧ୍ୟ ଝିକି ନିଆଗଲା । ଦୁଃଖରେ ସାରିଆ ଦିନ ଦିନ ଧରି ସାଆନ୍ତଙ୍କ ଘର ଆଗରେ ପଡିଲା । ନଖାଇ ନପିଇ ମରିଗଲା । ଭଗିଆ ପାଗଳ ହେଲା । ଠେଙ୍ଗା ଗୋଟା ଧରି ଚାରିଆଡେ ବୁଲିଲା । "ମୋ ଛଅମାଣ ଆଠଗୁଣ୍ଠ ମୋ ନେତ" ବୋଲି କହି ରଡି ଛାଡି ମଙ୍ଗରାଜଙ୍କୁ ଗାଳି ଦେଲା ।

ଦୁଷ୍ଟା ଚମ୍ପା ଟାଙ୍ଗି ମାଉସୀ ହୋଇ ବାଘସିଂ ଘରକୁ ଯାଇ ତାଙ୍କ ଘରେ ନିଆଁ ଲଗାଇ ଦେଇଛି । ସେମାନେ ମଙ୍ଗ ରାଜ ଙ୍କର ଶତ୍ରୁ ଥିଲେ । ଜମିବାଡି ନେଇ ମକଦମା ଚାଲିଥାଏ । ଚାରି ବାଘସିଂ ଭାଇ ଙ୍କ ଠେଙ୍ଗାକୁ ସାଆନ୍ତ ଙ୍କ ପ୍ରାଣ ଡର । ସେଥିପାଇଁ ଚମ୍ପା କୌଶଳ କରି ମିଛି ମିଛିକା ବୋହୁର ମାଉସୀ ହୋଇ ତାଙ୍କ ଘରେ ପହଂଚି କୌଶଳରେ ଘରେ ନିଆଁ ଲଗାଇ ତାଙ୍କର ସର୍ବନାଶ କଲା ।

ସାଆନ୍ତାଣୀ (ମଙ୍ଗରାଜଙ୍କ ସ୍ତ୍ରୀ) ଲକ୍ଷ୍ମୀପ୍ରତିମା । ସଦା ଦୟାମୟୀ, ସମସ୍ତଙ୍କ ଦୁଖରେ ସେ ଦୁଖି ହୁଅନ୍ତି, ହାତ ଖୋଲି ସାହାଯ୍ୟ ଦିଅନ୍ତି । ତନ୍ତୀ ଦଂପତି ପ୍ରତି ଅବିଚାର ତାଙ୍କ ମନକୁ ବାଧିଛି । ସେ ଏଥିରୁ କ୍ଷାନ୍ତ ରହିବା ପାଇଁ ସ୍ୱାମୀଙ୍କୁ କହିବାକୁ ଯାଇଛନ୍ତି । ମାତ୍ର ଚମ୍ପା ଓ ସାଆନ୍ତଙ୍କ ଦ୍ୱାରା ସେହି କଠୋର ବାଣି, "ତୁମେ ଯାଅ,ସେ ଯିବେ ବାହାରକୁ, ପୋଇଲି ଘରେ ରହିବ ।" ଏହି କଠୋର କଥାରେ ସେ ଜୀବନ ହାରି ଦେଇଛନ୍ତି । ଲେଖକଙ୍କ ଭାଷାରେ, "ସର୍ବେ ଚଳିବେ କାଳବଳେ, ଯଶ ରହିବ ମହିତଳେ।" ଚିର ଅମୃତମୟ ଧାମକୁ ତାଙ୍କ ଆତ୍ମା ଧାବିତ ହେଲା ।

ଆରମ୍ଭ ହୋଇଛି ପ୍ରାୟଶ୍ଚିତର ପର୍ବ । "ଅଧର୍ମ ବିତ ବଢେ ବହୁତ ଗଲାବେଳେ ଯାଏ ମୂଳ ସହିତ ।" ଗୋବରା ଜେନାର ମିଥ୍ୟ ସାକ୍ଷୀରେ ସାଆନ୍ତ ସାରିଆ ମର୍ଡର କେଶରେ ଆରେଷ୍ଟ ହୋଇ କୋର୍ଟ ଚାଲାଣ ହେଲେ । ଗଲା ବେଳେ ମିଛ କାନ୍ଦଣା କରି ଚମ୍ପା ରଡି ଛାଡିଲା,"ଗଣ୍ଡା ଘରେ ମୁଷା ଖାଇଯିବେ ।" ସାଆନ୍ତ ବାଧ୍ୟ ହୋଇ ଚାବି ନେଥାଟା ତାଆଡକୁ ଫିଙ୍ଗି ଦେଲେ । ଚାବି ପାଇ ଚମ୍ପା ଓ ତା ସାଥି ଗୋବିନ୍ଦା ଭଣ୍ଡାରୀ ହସାହସି ହୋଇ ଫେରିଗଲେ । ଅସହାୟ ସାଆନ୍ତ ଜେଲରେ ତାଙ୍କ ଗାଁର ପାଣ ଙ୍କ ସହିତ ରହି ସେମାନଙ୍କ ଦ୍ୱାରା ଉପହାସିତ ହେଲେ । ଓକିଲ ରାମ ଲାଲା ଆସି ମିଛ ଲୁହ ଗଡାଇଲେ । "ଜଜ ସାହେବ ଙ୍କୁ କହି ଖଲାସ କରେଇ ଦେବେ" ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇ ଜମିଦାରୀ ବନ୍ଧକ ରଖି କେଶ୍ ଲଢିଲେ । କେଶରେ ସାଆନ୍ତଙ୍କୁ ଛଅ ମାସ ଜେଲ ହେଲା । ଠକ ଓକିଲ ମିଛରେ କହିଲେ "ମୁଁ ଢେର ଲଢିଲି, ଢେର ବହି ଆଣି ଜଜଙ୍କୁ ଦେଖାଇଲି, ଫାଶି ରୁ ଖସାଇଲି, ଏବେ ଅପିଲ କରିବି, ସେରେ ତେଲ ପେଡି ନଥିବ ମୁଁ ମୁକୁଳାଇ ଆଣିବି ।" ମାତ୍ର ବାସ୍ତବରେ ସେ ଆଉ କୌଣସି ପଦକ୍ଷେପ ନନେଇ ଜମିଦାରୀ ନିଲାମ କରେଇ ନିଜେ ନେଇଗଲେ ।

ଏଣେ ଚମ୍ପା ଓ ଗୋବିନ୍ଦା ଭଣ୍ଡାରୀ ସାଆନ୍ତଙ୍କ ଧନ ସଂପତି ହାତ କରି ଫେରାର ହୋଇ ଗଲେ । ନଈକୂଳରେ ଗୋପି ସାହୁ ଦୋକାନ ଘରେ ରାତି କଟାଇବାକୁ ସ୍ଥିର କଲେ । ରାତିରେ ଗୋବିନ୍ଦା ନିଜ ଭାଗ ମାଗିଲା, ସେ ଗାଁ କୁ ଫେରିଯିବ । ଚମ୍ପା ଚାହେଁ ସେ ସହରକୁ ଚାଲୁ, ବାବୁ ହୋଇ ରହିବା । ଚତୁର ଭଣ୍ଡାରୀ ଜାଣେ, କୁକୁରୀ ବାର ପତରରେ ମୁହଁ ମାରେ, ସହରରେ ପହଂଚିଲା ପରେ ତାକୁ ଆୟତ କରିବା କଷ୍ଟ ହୋଇପଡିବ । ଚମ୍ପାର ରୁକ୍ଷ କଥା, "ମୁଁ ସାଆନ୍ତାଣୀ, ଥିଲି ଯେଉଁଠି ଗଲେ ବି ସାଆନ୍ତାଣୀ ହେବି । ଅତି ନୁଉଛୁଣା ଅନ୍ଧାର ରାତି । ଅତି ନୁଉଛୁଣା ଭଣ୍ଡାରୀ ଜାତି, ସେଠି ଟଙ୍କା ଥିଲା ମୋର, ଏଠି ବି ମୋର । ତୋର କି ଭାଗ ? ତୁ ଛାଙ୍କୁ ଏତେ ମୁଦିନାହିଁ ଗୋଡ କଟାଡୁ କେତେ।"

ଅନୁତାପ ଓ କ୍ଷୋଭରେ ମନ ଜଳି ଉଠିଲା ଗୋବିନ୍ଦା ର । ରାତି ଗଭୀର ହେଲା । ପ୍ରତିହିଂସା ନିଆଁରେ ଜଳି ଗୋବିନ୍ଦା ସେହିରାତିରେ ତା ଖୁରରେ ଚମ୍ପାର ତଂଟି କାଟି ଦେଲା । ନିଜେ ଧନ ପୁଡିଆ ଧରି ପଳାଇବାକୁ ନଈ କୂଳରେ ପହଂଚିଲା । ଆର କଡରେ ନାଉରୀ ଶୋଇଛି, ନୁଆ ପାଣିର ତୋଡ, ଲକ୍ଷେ ଟଙ୍କା ଦେଲେ ବି ଯିବିନି କହୁଥିବା ନାଉରୀ ପାଂଚ ଟଙ୍କାର ଲୋଭରେ ନାଆ ଆଣିଲା । ନାଆରେ ଗୋବିନ୍ଦ ବସିଗଲା ବେଳେ ଆର କଡରେ ଡାକ ପହଂଚି ଗଲା । ସରକାରୀ ଡାକ, ଅନେକ କ୍ଷମତା ତାର, ନାଉରୀ ଡଙ୍ଗା ଫେରାଇଲା । ଏତିକିବେଳେ ଫରଚା ହେବାରୁ ସେ ଦେଖିଲା ବାଟୋଇର ଦେହ ଯାକ ରକ୍ତ । 'ତୁମେ କଣ ମଣିଷ ମାରିଚ'? 'ହଁ' କହି ନଈକୁ ଡେଇଁ ପଡିଲା ଭଣ୍ଡାରୀ । ବିରୁପା ନଈର ଗୋମୁହାଁ କୁମ୍ଭିର ମୁହଁରେ ସେ ଗଲା ।

ଏଣେ ଉଆସର ପୋଇଳି ମରୁଆ ବୃନ୍ଦାବନ ରୁ ଆସିଥିବା ଚିତାକଟା ଳଳିତା ଦାସ ବୈଷ୍ଣବ ସାଙ୍ଗରେ ପାର, ଉଆସର ଅଳଙ୍କାର ମାନଧରି ।

ଶେଷ ଅଙ୍କ ଆସିଗଲା । ଛଅ ମାସ ପରେ ଜେଲରେ ଅସୁସ୍ଥ ଅବସ୍ଥା ରୁ ଖଲାସ ହୋଇ ମଙ୍ଗରାଜ ଦେଖିଲେ ସେ ସଙ୍ଗହୀନ । ସମସ୍ତେ ସ୍ୱାର୍ଥ ହାସଲ କରି ଚାଲି ଯାଇଛନ୍ତି । ପୁଅ ମାନେ ଧାନ ଅମାର ବିକି ସାରିଦେଲେଣି । ପୁରୁଣା ହଳିଆ ମୁକୁନ୍ଦା ଶଗଡ ଗାଡି କରି ସାଆନ୍ତଙ୍କୁ ଆଣି ଚଉରା ମୂଳେ ଶୋଇଦେଲା । ଚେତା ନାହିଁ । ଘଡଘଡ ଶବ୍ଦ ହେଉଛି । ଅବଚେତନ ଅବସ୍ଥାରେ ସେ ଭାବୁଛନ୍ତି, ଭୟଙ୍କର ଲୋକମାନେ ବାଡି, ଖଣ୍ଡା ଛୁରି ଧରି ମାଡି ଆସୁଛନ୍ତି । ସାରିଆ ମାଡି ଆସି କହୁଛି, "ମୋ ଛଅ ମାଣ ଆଠଗୁଣ୍ଠ ଜମି ଦେ" ସାଆନ୍ତ ଥର ଥରି କହିଲେ,"ଥା ଆ ଗୁଁ ମୁଁ!" ଏସବୁର ଉର୍ଦ୍ଧରେ ଏକ ରତ୍ନ ସିଂହାସନରେ ଏକ ଅମୃତମୟୀ, ଶାନ୍ତିପ୍ରଦାୟନୀ, କରୁଣାମୟୀ ଉଜ୍ଜ୍ୱଳ ନାରୀ ମୂର୍ତ୍ତି ଦେଖି, ତା ସହିତ ମିଳିବା ପାଇଁ ଧାବିତ ହେଲେ । ସବୁଆଡୁ ଶୁଭିଲା "ରାମ ନାମ ସତ୍ୟହେ । କେତେ ଦିନକୁ ମନ ବାନ୍ଧିଛୁ ଅଂଟ, କି ନେଇ ଜିବୁ ସଂଗେ ଛୁଟିଲେ ଘଟ ।"

ସଂସାରରରେ ଆଲୁଅ ସାଙ୍ଗରେ ଅନ୍ଧାର ଅଛି । ଯେଉଁ ଦୁନିଆରେ ଚମ୍ପା, ମଙ୍ଗରାଜଙ୍କ ଭଳି କୁଚକ୍ରୀ ଅଛନ୍ତି, ସେହିଦୁନିଆରେ ଭଗିଆ, ସାରିଆ ଭଳି ସରଳ ଧର୍ମଭିରୁ ଅଛନ୍ତି । ସାଆନ୍ତାଣୀ ଙ୍କ ଭଳି କରୁଣାମୟୀ ଦେବୀ ରହିଛନ୍ତି । କୋଚିଲା ଦେଇ ଭଳି ସର୍ବସଂହା ଆଇବୁଢୀ ଅଛନ୍ତି, ମୁକୁନ୍ଦା ଭଳି ପ୍ରଭୂଭକ୍ତ ଚାକର ଅଛି । ସତ୍ୟର ପରାଜୟ ହେଲେ ମଧ୍ୟ ସେମାନେ ସଦା ଶାନ୍ତି ବିରାଜୁ ଥିବା ଅମର ଧାମକୁ ଯାତ୍ରା କରିବେ । ଆଉ ଖଳମାନେ କୁମ୍ଭିପାକ ରୈରବ ନର୍କରେ କାଳ ଶେଷ ପର୍ଯ୍ୟନ୍ତ ଘାଂଟି ହେବେ । ସତ୍ୟର ପରାଜୟ ପାଠକକୁ ଦୁଃଖ ଦେଲେ ମଧ୍ୟ ଅପୂର୍ବ ବ୍ୟଙ୍ଗ ଶୈଳୀରେ ଫକିରମୋହନ ପାଠକ ମନରେ ଅପାର ଆନନ୍ଦ ଭରି ଦେଇଛନ୍ତି । ଏହାହିଁ ତାଙ୍କ ଶୈଳୀର ବୈଶିଷ୍ଟ୍ୟ । ଶେଷରେ ଲୋକ ନ ଚିହ୍ନିବ ଖାଲି କଥାରୁ ବାବୁ ନଚିହ୍ନିବ ଛତା ଜୋତାରୁ, ବାବା ନ ଚିହ୍ନିବ ଚିତା କଟାରୁ ବୁଲିଆସ ଥରେ କଳିକତାରୁ।

+ ଉମରକୋଟ, ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬

# ଚୀନକୁ ପ୍ରତିହତ କରିବାରେ ସଫଳ ହେବ କି ମୋଦିଙ୍କ କୂଟନୀତି ?

ସୀତାରାମ ପାତ୍ର

ଚୀନ୍ ଓ ଭାରତ ମଧ୍ୟରେ ରହିଛି ଦୀର୍ଘଦିନର ଶତୃତା। ନେହେରୁଙ୍କ ସମୟରେ ହିନ୍ଦି-ଚୀନା ଭାଇ ଭାଇର ସ୍ଲୋଗାନ ଦେଇ ଚୀନ ଅଧିକାର କରିନେଇଚି ଭାରତର ବିଶାଳ ଭୂଖଣ୍ଡ। ତା'ପରେ ମଧ୍ୟ ଭାରତର ଭୂଖଣ୍ଡ ଉପରେ ଚୀନର ଆଖି ରହିଛି। ତେଣୁ ବିଭିନ୍ନ ସମୟରେ ସୀମାରେ ଉତ୍ତେଜନା ସୃଷ୍ଟି କରିଚାଲିଛି ଚୀନ୍। ସମ୍ପ୍ରତିକ ପରିସ୍ଥିତିରେ ବିଶ୍ୱ କରୋନା ମହାମାରୀ ସହିତ ଲଢୁଥିବା ବେଳେ ଚୀନ୍ ଭାରତସୀମାରେ ସୈନ୍ୟ ଠୁଳ କରିବାରେ ଲାଗିଛି। ଏପରିକି ଭାରତୀୟ ସୈନ୍ୟ ଓ ଚୀନ୍ ସୈନ୍ୟଙ୍କ ମଧ୍ୟରେ ହାତାହତି ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। କରୋନାର ଜନକ ଭାବେ ଚୀନ୍ ବିଶ୍ୱବାସୀଙ୍କ ଆଖିରେ ନ୍ୟୁନ ହୋଇଥିବା ବେଳେ ଚୀନ୍‌ର ସେଥିପ୍ରତି ଭୃକ୍ଷେପନକରି ପଡ଼ୋଶୀ ସୀମାରେ ଉତ୍ତେଜନା ସୃଷ୍ଟି କରିବାରେ ଲାଗିଛି। ଚୀନର ଏହି ବିସ୍ତାରବାଦୀ ଚିନ୍ତାଧାରାକୁ ବିଶ୍ୱର ଅନେକ ରାଷ୍ଟ୍ର କେବଳ ନିନ୍ଦା କରିନାହାନ୍ତି, ଚୀନର ପ୍ରଭାବକୁ ହ୍ରାସ କରିବା ପାଇଁ ୮ଟି ଦେଶ (ଆମେରିକା, ଜର୍ମାନୀ, ବ୍ରିଟେନ୍, ଜାପାନ, ଅଷ୍ଟ୍ରେଲିଆ, କାନାଡ଼ା, ସ୍ୱିଡେନ୍ ଓ ନରୱେ) ଆନ୍ତଃ - ସଂସଦୀୟ ମେଂଟ (ଆଇପିଏସି) ଗଠନ କରିଛନ୍ତି।

ଚୀନ୍, ତାର ବିସ୍ତାରବାଦୀ ଚିନ୍ତାଧାରାକୁ ବିଭିନ୍ନ ଉପାୟରେ ସଫଳ କରିବା ପାଇଁ ଉଦ୍ୟମ ଜାରୀ ରଖିଛି। କେଉଁଠାରେ ବଳ ପ୍ରୟୋଗକରି ତ' ପୁଣି କେଉଁଠି ପୁଞ୍ଜିନିବେଶ ଆଳରେ କବ୍‌ଜା କରିବା ପାଇଁ ଚେଷ୍ଟିତ। ହଂକ, ତାଇୱାନ ରେ ଚୀନ୍‌ର ଦାଦାଗିରି ଦେଖିବାକୁ ମିଳିଥିବା ବେଳେ ଭାରତ ସୀମାରେ ଉ ତ୍ତେଜନା ସୃଷ୍ଟିକରିବାରେ ଲାଗିଛି ଚୀନ୍। ଅନ୍ୟପକ୍ଷରେ ସାରା ବିଶ୍ୱ କରୋନା ସହିତ ଲଢୁଥିବା ସମୟରେ ଚୀନ ସମଗ୍ର ବିଶ୍ୱକୁ କିପରି କରାୟତ କରିବ ସେହି ରଣନୀତି ତିଆରୀ କରିବାରେ ଲାଗିଛି। ବିଶ୍ୱ ବିପତ୍ତି ସମୟରେ ଚୀନର ବିଭିନ୍ନ କମ୍ପାନୀର ମୁଖ୍ୟମାନଙ୍କ ସହିତ ଚୀନ ରାଷ୍ଟ୍ରପତିଙ୍କ ଆଲୋଚନାର ଭିଡିଓ ସମସ୍ତଙ୍କୁ ଚକିତ କରିଛି। ମାନବଜାତି ବଂଚିବା ପାଇଁ ବର୍ତ୍ତମାନ ଲଢ଼େଇ କରୁଥିବା ବେଳେ ସମଗ୍ର ବିଶ୍ୱକୁ କିଭଳି କରାୟତ କରିହେବ ସେହି ଷ୍ଟ୍ରାଟେଜି ତିଆରୀ କରିବାରେ ବ୍ୟସ୍ତ ଚୀନ୍ ରାଷ୍ଟ୍ରପତି। ଆର୍ଥିକ ଦୁର୍ବଳ ସଂସ୍ଥାରେ ପୁଞ୍ଜି ବିନିଯୋଗ କରି ପରିଶେଷରେ ସେ ସବୁକୁ କବ୍‌ଜା କରିବା ହେଉଛି ଚୀନା ବାଣିଜ୍ୟ ନୀତିର ଅଂଶ ବିଶେଷ, ଯାହା ଇଟାଲିରେ ଚୀନ କରିଛି। ଇଟାଲି ବହୁ ଗୁରୁତ୍ୱପୂର୍ଣ୍ଣ ବିତୀୟ ସଂସ୍ଥା, ବ୍ୟାଙ୍କ, କମ୍ପାନୀ ଗୁଡ଼ିକ ଏବେ ଚୀନ୍ କବ୍‌ଜାରେ। କରୋନା ପାଇଁ ଏବେ ବିଶ୍ୱ ଆର୍ଥିକ ଦୁର୍ଗତି ମଧ୍ୟରେ ଗତିକରୁଥିବା ବେଳେ ଏହାକୁ ଚୀନ ଏକ ସୁଯୋଗ ବୋଲି ଧରି ନେଇ, ଏହି ସମୟରେ ବିଶ୍ୱର ବିଭିନ୍ନ ଦେଶର କମ୍ପାନୀ ଗୁଡ଼ିକୁ କବ୍‌ଜା କରିବାର ରଣନୀତି ତିଆରି କରିଚାଲିଛି। ଚୀନର ଏଭଳି ମନୋଭାବକୁ ବହୁ ପାଶ୍ଚାତ୍ୟ ରାଷ୍ଟ୍ର ବୁଝିପାରି ତାହାକୁ ପ୍ରତିହତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା ବେଳେ ଆମର ପ୍ରଧାନମନ୍ତ୍ରୀ ମଧ୍ୟ ଚୀନ୍‌ର ମତିଗତିକୁ ଭଲଭାବେ ହୃଦୟଙ୍ଗମ କରି ପଦକ୍ଷେପ ଗ୍ରହଣ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଆମ ଦେଶରେ ବିଦେଶୀ ପୁଞ୍ଜି ନିବେଶ ନେଇ କେନ୍ଦ୍ର ସରକାର ନୂଆ ଆଇନ୍ ପ୍ରଣୟନ କରିଛନ୍ତି। ଏହି ଆଇନ୍ ଅନୁସାରେ ଭାରତର ପଡ଼ୋଶୀ ଦେଶଗୁଡ଼ିକ କେନ୍ଦ୍ର ସରକାରଙ୍କ ସ୍ୱୀକୃତି ବିନା ଆମ ଦେଶର କୌଣସି କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିପାରିବେ ନାହିଁ। ପୂର୍ବରୁ ଥିବା ନିୟମ ଅନୁସାରେ ପ୍ରତିରକ୍ଷା, ଟେଲିକମ୍, ମହାକାଶ ଗବେଷଣା, ଆଣବିକ ଶକ୍ତି, ଗଣମାଧମ ଭଳି କିଛି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ବାଦଦେଲେ ଅନ୍ୟାନ୍ୟ କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶରେ କୌଣସି ପ୍ରତିବନ୍ଧକ ନଥିଲା। (କ୍ରମଶଃ)

+ ସାମ୍ବାଦିକ ବାଲେଶ୍ୱର, ମୋ: ୯୪୩୭୩୪୦୫୮୦



# ଲେଗିଙ୍ଗ୍ସ ସହିତ ଫୁଟ୍‌ୱିଅର୍

ଆଜିକାଲି ଲେଗିଙ୍ଗ୍ସର ବ୍ୟବହାର ବହୁଳ ମାତ୍ରାରେ ହେଉଛି ଲେଗିଙ୍ଗ୍ସକୁ ସାର୍ଟ, ଟପ, କୁର୍ତ୍ତୀ ସହିତ ପିନ୍ଧି ହେବ ଓ ଯେ କୌଣସି ସ୍ଥାନକୁ ମଧ୍ୟ ଯାଇହେବ । ଲେଗିଙ୍ଗ୍ସକୁ ଭାରତୀୟ ଡ୍ରେସ ପରି ବା ପାଶ୍ଚାତ୍ୟ ଡ୍ରେସ ପରି ପିନ୍ଧିଲେ ମ୍ୟାଚ କରିବା ତାହା ଜାଣିହୁଏ ନାହିଁ । ନିମ୍ନରେ କେତୋଟି ଫୁଟ୍‌ୱିଅର ଦିଆଗଲା ଯାହାକୁ ଆପଣ ଲେଗିଙ୍ଗ୍ସ ସହିତ ପିନ୍ଧିଲେ ଭିନ୍ନ ଲୁକ ପାଇପାରିବେ ।





ୱେଜେସ୍- ଲେଗିଙ୍ଗ୍ ସହିତ ଯଦି ଭାରତୀୟ ଡ୍ରେସ ପେୟାର କରୁଛନ୍ତି ତେବେ ୱେଜେସ ଫୁଟୱିଅର ପିନ୍ଧି ପାରିବେ । କଳା ରଙ୍ଗର ୱେଜ ଯଦି ନେଉଛନ୍ତି ତେବେ ଏହା କେବଳ ଆରାମ ଦେବ ତାହା ନୁହେଁ, ପ୍ରତ୍ୟେକ ଡ୍ରେସ ସହିତ ଏହାକୁ ମ୍ୟାଚ କରି ପାରିବେ । କାକୁଆଲ ୱେଜେସକୁ ଆପଣ ଲେଗିଙ୍ଗ୍ ସହିତ କମ୍ପେୟାର କରନ୍ତୁ ।

ସ୍ନିକର୍ସ - ଯଦି କୌଣସି ପାଶ୍ଚତ୍ୟ ଆଉଟଫିଟ୍ ସହିତ ଲେଗିଙ୍ଗ୍‌କୁ ମ୍ୟାଚ ରଖୁଛନ୍ତି ଯେପରି ଲଙ୍ଗ ସାର୍ଟ ବା ଟପ ସହିତ ତେବେ ଆରାମ ପାଇଁ ୱାକିଙ୍ଗ୍ ସୁଜ ପିନ୍ଧି ପାରିବେ । ଏହା ଭିନ୍ନ ରଙ୍ଗର ଆସିଥାଏ ଓ ଆରାମଦାୟକ ମଧ୍ୟ । ଯଦି ୱାର୍କଆଉଟ୍ ପାଇଁ ଲେଗିଙ୍ଗ୍ସ ପିନ୍ଧୁଛନ୍ତି । ତେବେ ସ୍ନିକର୍ସ ଆପଣଙ୍କ ପାଇଁ ଉପଯୁକ୍ତ ।

ସ୍ୟାଣ୍ଡେଲ୍ - ଲେଗିଙ୍ଗ୍ସ ସହିତ ଭାରତୀୟ ବା ପାଶ୍ଚତ୍ୟ ଆଉଟଫିଟ୍ ପିନ୍ଧିଲେ ମଧ୍ୟ ତା ସହିତ ବ୍ଲାକ ହିଲ ଥିବା ସ୍ୟାଣ୍ଡେଲ ବହୁତ ବଢିଆ ଲାଗେ । ଆପଣ ଯଦି କୌଣସି ପାର୍ଟି ପାଇଁ ଯାଉଛନ୍ତି ତେବେ ପାର୍ଟି ଆଉଟ୍‌ଫିଟ୍ ସହିତ ବ୍ଲାକ୍ ହିଲ୍ସ ବଢିଆ ରହିବ । ଏହା ଆରାମ ଦେବ । ଲେଗିଙ୍ଗ୍ସ ବ୍ୟତୀତ ପାର୍ଶ୍ଚତ୍ୟ ଆଉଟ୍‌ଫିଟ୍‌ରେ ମଧ୍ୟ ଏହି ହିଲ୍ସ ସୁନ୍ଦର ଦେଖାଯିବ ।

ଲୋଫର୍ - ଲୋଫର ଆରାମଦାୟକ ଓ ଏହା ସବୁ ଆଉଫିଟ୍ ସହିତ ମ୍ୟାଚ କରିଯିବ ନିଜ ପାଇଁ ଲୋଫର୍ ଫୁଟୱିଅର କିଣନ୍ତୁ । ଏହା ଲେଗିଙ୍ଗ୍ସ ସହିତ ମ୍ୟାଚ କରି ପିନ୍ଧନ୍ତୁ ।

ଫ୍ଲାଟ ସ୍ୟାଣ୍ଡେଲ :- ଯଦି ଲେଗିଙ୍ଗ୍ସ ସହିତ କେଉଁ ପ୍ରକାର ଫୁଟୱିଅର ପିନ୍ଧିବେ ଜାଣିପାରୁନାହାନ୍ତି ତେବେ ଫ୍ଲାଟ ସ୍ୟାଣ୍ଡେଲ ସବୁଠାରୁ ବେଷ୍ଟ ଅଫସନ୍ । କୌଣସି ପ୍ରକାରର ଫ୍ଲାଟ ସ୍ୟାଣ୍ଡେଲ ପାଇଁ ଠିକ୍ ରହିବ ।

ପମ୍ପ ହିଲ୍ସ୍ :- ବେଲି ଶେପର ଫୁଟାୱିଅର ସହିତ ଛୋଟ ପମ୍ପ ହିଲ୍ସ ସୁନ୍ଦର ଦେଖାଯିବ । ଯେଉଁ ମାନଙ୍କୁ ହିଲସ ପାଇଁ ସମସ୍ୟା ହେଉଥିବ ତେବେ ପମ୍ପ ହିଲସ ଥିବା ଫୁଟୱିଅର ପିନ୍ଧନ୍ତୁ । ଏହା ବହୁତ ବଡ ହୋଇନଥାଏ ଓ ଆପଣଙ୍କ ପାଦକୁ ଆରାମ ମଧ୍ୟ ଦେବ ।

# ଆଣ୍ଠୁ ଯନ୍ତ୍ରଣାର ଉପଚାର



**ହଳଦୀ**

ଏକ ଛୋଟ ଚାମଚ ହଳଦୀ ପାଉଡର, ଏକ ଚାମଚ ଚିନି ପାଉଡର, ଏକ ଚୁଟ୍‌କି ଚୂନ, ମହୁ ଓ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଶୋଇବା ପୂର୍ବରୁ ଆଣ୍ଠୁରେ ଲଗାଇ ତା ଉପରେ କ୍ରେପ ବ୍ୟାଣ୍ଡେଜ ବା ପୁରୁଣା କପଡା ବାନ୍ଧି ଦିଅନ୍ତୁ । ରାତିସାରା ରହିବାକୁ ଦିଅନ୍ତୁ ଓ ସକାଳୁ ଧୋଇ ଦିଅନ୍ତୁ । ଦୁଇ ସପ୍ତାହ ପର୍ଯ୍ୟନ୍ତ ଏହିପରି କରିଲେ ଆଣ୍ଠୁ ଯନ୍ତ୍ରଣାରୁ ମୁକ୍ତ ମିଳିବ ।

**ଶୁଣ୍ଠି**

ଗୋଟେ ଛୋଟ ଚାମଚ ଶୁଣ୍ଠି ପାଉଡର ଓ ଅଳ୍ପ ଖସା ତେଲ ମିଶାଇ ଗାଢ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଯେ କୌଣସି ସମୟରେ ଆଣ୍ଠୁରେ ଲଗାଇ ପାରବେ । ଲାଗେଇବାର ୪-୬ ଘଣ୍ଟା ପର୍ଯ୍ୟନ୍ତ ଏହାର ପ୍ରୟୋଗ କରନ୍ତୁ ।

**ଖଜୁରି**

ଶୀତ ଦିନରେ ୭-୮ଟି ଖଜୁରି ପ୍ରତ୍ୟେକ ଦିନ ଖାଇଲେ ଲାଭ ମିଳିଥାଏ । ଖଜୁରିକୁ ରାତିରେ ଭିଜାଇ ଦିଅନ୍ତୁ । ସକାଳୁ ଖାଲି ପେଟରେ ଏହାକୁ ଖାଆନ୍ତୁ ଓ ଯେଉଁ ପାଣିରେ ଏହାକୁ ଭିଜାଯାଇଥିଲା ସେ ପାଣି ପିଅନ୍ତୁ । ସେ ପାଣି ପିଇଲେ ଆଣ୍ଠୁ ଓ ଅନ୍ୟ ଜଏଣ୍ଟ ସ୍ଥାନ ମଜଭୂତ ହେବ ।

**ଆକ୍ୟୁପ୍ରେସର**

ପାଦର ଆଙ୍ଗୁଳିକୁ ୧୦ ମିନିଟ୍ ପର୍ଯ୍ୟନ୍ତ ମାଲିସ କରିଲେ ଲାଭ ମିଳିବ । ପାପୁଲି ଓ ପାଦ ତଳେ ରୋଲର କରନ୍ତୁ ।

# ତରବରରେ ଖାଇଲେ ବଢିଥାଏ ଓଜନ



ଆପଣ ଯଦି ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଯେଉଁମାନେ ଖାଇବା ସମୟରେ ଖାଦ୍ୟକୁ ଭଲ ଭାବେ ନ ଚୋବାଇ ଥାଳି ସଫା କରିବାର ଚେଷ୍ଟା କରିଥାନ୍ତି ତେବେ ସାବଧାନ ହୋଇଯାଆନ୍ତୁ । ବର୍ତ୍ତମାନର କର୍ମବ୍ୟସ୍ତ ଜୀବନରେ ମହିଳାମାନେ ଖାଇବାକୁ ଅଧିକ ଗୁରୁତ୍ୱ ଦେଇନଥାନ୍ତି । ତରବରିଆ କ’ଣ ଦି’ ଖଣ୍ଡ ପାଟିରେ ଭର୍ତ୍ତି କରିବା ଉପରେ ଜୋର ଦେଇଥାନ୍ତି । ତେବେ ଏହି ଧଶରା ଅନେକ ସମସ୍ୟାକୁ ଜନ୍ମ ଦେଇଥାଏ । ବିଶେଷ କରି ଓଜନ ବଢିବା ଏବଂ ଡାଇବେଟିସ୍‌କୁ ଆମନ୍ତ୍ରଣ କରିବାରେ ଏହା ସହାୟକ ହୋଇଥାଏ । ବିଶେଷଜ୍ଞମାନଙ୍କ ଯୁକ୍ତି ହେଉଛି ଯେ, ଖାଇବା ପାଇଁ ଅତିକମ୍‌ରେ ୨୦ ମିନିଟ୍ ସମୟ ଥିବା ଦରକାର । ଏହି ସମୟରେ ଖାଇବାକୁ ଭଲ ଭାବେ ଚୋବାଇ ଗ୍ରହଣ କରି ଜାଣିପାରିଛନ୍ତି ଯେ, ଖାଦ୍ୟ ଜିନିଷକୁ ଅଧିକ ସମୟ ଖାଇବା ଦ୍ୱାରା ଆପଣ କମ୍ ଖାଦ୍ୟ ଖାଇଥାନ୍ତି । ଏହା ଶରୀର ପାଇଁ ଉପଯୋଗୀ । ତେବେ ସଠିକ୍ ଭାବରେ ତରବର ହୋଇ ଖାଇବା ଦ୍ୱାରା ପେଟକୁ ସିନା ଖାଦ୍ୟ ଯାଇଥାଏ, ହେଲେ ଏହା ହଜମ ପ୍ରକ୍ରିୟାକୁ ବାଧା ସୃଷ୍ଟି କରିଥାଏ । ଏହାଦ୍ୱାରା ଓଜନ ବୃଦ୍ଧି ପାଇଥାଏ । ସେହିପରି ତରବର ଭାବେ ଖାଦ୍ୟ ଖାଇଲେ ମସ୍ତିଷ୍କକୁ ସଠିକ୍ ବାର୍ତ୍ତା ଯାଇପାରିନଥାଏ । ଏହା ମଣିଷର ଇନସୁନ୍‌କୁ ପ୍ରଭାବିତ କରିଥାଏ ।

# କଫିନ୍‌ରୁ ଶୁଭୁଛି ‘ମମି’ର ସ୍ୱର

ବୁଢ଼ୀ ମା’ ଗପପେଡିରେ ଆପଣ ନିଶ୍ଚୟ ଭୂତପ୍ରେତର କାହାଣୀ ଶୁଣିଥିବେ । ସେହିପରି ହଜାର ହଜାର ବର୍ଷରୁ କଫିନ୍‌ରେ ଥିବା ମମି ହଠାତ୍ ଜିଅନ୍ତା ହୋଇଉଠେ ବା କଥା କହୁଥିବା ଭଳି ଘଟଣା ଫିଲ୍ମରେ ବି ଦେଖିଥିବେ । ଯଦି ଏହି ସବୁ ଘଟଣା ବାସ୍ତବ ଜୀବନରେ ଘଟେ, ନିଃସନ୍ଦେହ ଆପଣ ଡରିଯିବେ । ତେବେ ଏଭଳି କିଛି ଘଟଣା ଦେଖିବାକୁ ମିଳିଛି ବ୍ରିଟେନ୍‌ରେ । ସେଠାରେ କଫିନ୍‌ରେ ଥିବା ମମି ଅଜବ ଗଜବ ସ୍ୱର ବାହାର କରୁଥିବା ଜଣାପଡ଼ିଛି । ଘଟଣାଟି ପ୍ରଘଟ ହେବା ପରେ ବୈଜ୍ଞାନିକମାନେ ମମିର ସ୍ୱରକୁ ରେକର୍ଡ କରିବାକୁ ନିଷ୍ପତ୍ତି ନେଇଥିଲେ । ପ୍ରକୃତରେ ବ୍ରିଟେନ୍‌ର ଲୀଡ୍ ସହରସ୍ଥିତ ଏକ ମ୍ୟୁଜିୟମ୍‌ରେ ଏଭଳି ଘଟଣା ସାମ୍ନାକୁ ଆସିଛି । ସେଠାରେ ଏକ ମମି ରଖାଯାଇଛି, ଯାହାର ନାଁ ନିସିୟାମୁନ୍ ଅଟେ । ୩ ହଜାର ବର୍ଷ ପୁରୁଣା ଏହି ମମି ହେଉଛି ମିଶର ରାଜା ଫାରୋ ରାମ୍‌ସେସ୍-୧୧ଙ୍କ ପୂଜାରୀଙ୍କ ମରଶରୀର । ପୂଜାରୀ ଜଣକ ରାଜାଙ୍କ ପାଇଁ ଖବର ଓ ବାର୍ତ୍ତା ଆଣିବା ସହ ଧାର୍ମିକ ସଙ୍ଗୀତତ ପରିବେଷଣ କରି ମଧ୍ୟ ଶୁଣାଉଥିଲା । ସେ ରାଜାଙ୍କ ସଚ୍ଚା ସେବକ ଥିଲେ ବୋଲି କଫିନ୍‌ରେ ମଧ୍ୟ ଲେଖାହୋଇଥିବା ଜଣାପଡ଼ିଛି । ଏକ ଜାତୀୟ ଗଣମାଧ୍ୟମ ରିପୋର୍ଟ ଏବଂ ସୋସିଆଲ ମିଡିଆରେ ପ୍ରଘଟ ତଥ୍ୟାନୁଯାୟୀ ଏହା ଲୋକଲୋଚନକୁ ଆସିଛି । ତେବେ ବୈଜ୍ଞାନିକ ଡେଭିଡ୍ ହାୱାର୍ଡଙ୍କ କହିବା ଅନୁସାରେ “ଯେତେବେଳେ ମମିକୁ ଛୁଇଁ ପବନ ବହିବା ଆରମ୍ଭ ହୁଏ, ସେତେବେଳେ ଅଜବ ଗଜବ ସ୍ୱର ସୃଷ୍ଟି ହୋଇଥାଏ । ଏଥିପାଇଁ ମାରିବା ଭଳି ସ୍ୱର ସୃଷ୍ଟି ହୋଇଥିଲା । ଠିକ୍ ଯେପରି ପବନ ବହିଲେ ହାଲୁକା ଶବ୍ଦ ସୃଷ୍ଟି ହୋଇଥାଏ ।” ଏହି ସ୍ୱରକୁ ବୈଜ୍ଞାନିକମାନେ ରେକର୍ଡ କରିଥିବାବେଳେ ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ମଧ୍ୟ ଖୁବ୍ ଭାଇରାଲ ହୋଇଥିଲା । ସେ ଆହୁରି ମଧ୍ୟ କହିଛନ୍ତି, ସିଟି ସ୍କାନ୍ କରାଗଲା ପରେ ଜଣାପଡ଼ିଲା ଯେ, ମମିର ଜିଭର କିଛି ଅଂଶ ନାହିଁ । ତେବେ କାହିଁକି ଜିଭର କିଛି ଭାଗ ଗାଏବ ଥିଲା ତା’ର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ । ତେବେ ହଜାର ହଜାର ବର୍ଷ ଭିତରେ ମମିର ଜିଭ ହୁଏତ ଶଢ଼ିଯାଇ ଥାଇପାରେ ବୋଲି ଅନୁମାନ କରାଯାଉଛି ।



# ମଣିଷଙ୍କଠାରୁ ପ୍ରଖର ପାରାଙ୍କ ମସ୍ତିଷ୍କ



ଆମ ଦେଶରେ ପାରା ପାଳିବାର ପରମ୍ପରା ବହୁ ଦିନରୁ ଚଳି ଆସୁଛି । ଏମାନଙ୍କର ମସ୍ତିସ୍କ କ୍ଷମତାକୁ ଦେଖି ଆଗକାଳରେ ଲୋକମାନେ ଏମାନଙ୍କ ସାହାଯ୍ୟରେ ଦୂର ସ୍ଥାନକୁ ସନ୍ଦଶ ପଠାଉଥିଲେ । ଏବେ ଏହି କଥାକୁ ପ୍ରମାଣିତ କରିଛି ବୈଜ୍ଞାନିକ ଗବେଷଣା । ଅଧ୍ୟୟନରୁ ଜଣାଯାଇଛି ଯେ, ଏକ ସାଧାରଣ ପକ୍ଷୀ ପରି ଦେଖାଯାଉଥିବା ଏହି ପାରା ମଣିଷ ଠାରୁ ମଧ୍ୟ ଅଧିକ ବୁଦ୍ଧିମାନ । ମଣିଷ ପରି ଏହା ବିଜ୍ଞାନର ବିଭିନ୍ନ ସିଦ୍ଧାନ୍ତ ମଧ୍ୟ ବୁଝି ପାରିଥାଏ ବୋଲି ବୈଜ୍ଞାନିକମାନେ କହିଛନ୍ତି । ଆମେରିକାର ଲୋଭା ୟୁନିଭରସିଟିରେ ହୋଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ପାରାର ସସ୍ତିଷ୍କ ଏତେ ପ୍ରଖର ହୋଇଥାଏ ଯେ, ଏହା ସ୍ପେସ୍ ଓ ଟାଇମ୍ ପରି ସାଇନ୍ସର ମୂଳ ଚିନ୍ତାଧାରାକୁ ବୁଝି ପାରିଥାଏ । ତେବେ ବିଭିନ୍ନ ଜିନିଷକୁ ବୁଝିବା ପାଇଁ ମସ୍ତିଷ୍କ ପ୍ରକ୍ରିୟା ଠାରୁ ଭିନ୍ନ । ଗବେଷଣାରୁ ଜଣାପଡିଛି ଯେ, ପକ୍ଷୀ, ସରୀସୃପ, ମାଛ ଆଦି ପ୍ରାଣୀଙ୍କର ଅନ୍ୟମାନଙ୍କ ତୁଳନାରେ ବୁଝିବା କ୍ଷମତା ଅଧିକ ରହିଛି । ଏବେ ପକ୍ଷୀଙ୍କ ମସ୍ତିଷ୍କର କ୍ଷମତା ଏତେ ବଢିଯାଇଛି ଯେ, ଯାହା ମଣିଷର ଧୀଶକ୍ତି ସହ ପାଖାପାଖି ସମାନ ହେବାକୁ ବସିଛି । ମଣିଷ ମସ୍ତିଷ୍କର ବାହ୍ୟ ଅଂଶ ବିଭିନ୍ନ ବିଷୟରେ ଚିନ୍ତା କିରବା, ନିର୍ଣ୍ଣୟ ନେବା ଆଦି କାର୍ଯ୍ୟ କରିଥାଏ । କିନ୍ତୁ ପାରା କ୍ଷେତ୍ରରେ ଏସବୁ କରିବା ପାଇଁ ମସ୍ତିଷ୍କରା ଅଲଗା ଅଂଶ ସକ୍ରିୟ ହୋଇଥାଏ । ପାରାର ମସ୍ତିଷ୍କ କ୍ଷମତା ମାପିବା ପାଇଁ ଏମାନଙ୍କର ଏକ କମନ୍ ଟେଷ୍ଟ ନିଆଯାଇଥିଲା । ଏହି ଟେଷ୍ଟରେ ପାରାମାନଙ୍କୁ କମ୍ପ୍ୟୁଟର ସ୍କ୍ରିନରେ ୬ କିମ୍ବା ୨୪ ସେଣ୍ଟିମିଟରର ଲମ୍ବା ଲାଇନ୍ ୨ରୁ ୮ ସେକେଣ୍ଡ ପର୍ଯ୍ୟନ୍ତ ଦେଖାଯାଇଥିଲା । ଏହି ପରୀକ୍ଷା ପରେ ସାମ୍ନାକୁ ଆସିଥିଲା ଯେ, ପାରାଙ୍କ ମସ୍ତିଷ୍କରେ ଏକ ଭିନ୍ନ ସିଷ୍ଟମ କାମ କରୁଛି ଯାହା ସେମାନଙ୍କୁ ମହତ୍ତ୍ୱପୂର୍ଣ୍ଣ ବୈଜ୍ଞାନିକ ସିଦ୍ଧାନ୍ତ ବୁଝିବାକୁ ସହାୟତା କରିଥାଏ ।

# ପବନରୁ ପ୍ରସ୍ତୁତ ପାଣି




ତେଲେଙ୍ଗାନା ସିକନ୍ଦରାବାଦ ରେଲୱେ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୧ରେ ପବନରୁ ପ୍ରସ୍ତୁତ ପାଣି ବିକ୍ରୀ କରାଯାଉଛି । ମେଘଦୂତ ଟେକନିକ୍‌ରେ ପ୍ରସ୍ତୁତ ଏହି ପାଣିର ମୂଲ୍ୟ ବୋତଲ ସହିତ ୮ ଟଙ୍କା । ଗ୍ରାହକ ନିଜ ବୋତଲରେ ଏହାକୁ ମାତ୍ର ୫ ଟଙ୍କାରେ କିଣିପାରିବ । ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏହି ଟେକନିକ୍‌କୁ ସ୍ୱାସ୍ଥ୍ୟ ଅନୁକୂଳ ଓ ସୁରକ୍ଷିତ ଘୋଷଣା କରାଯିବା ପରେ ଦକ୍ଷିଣ କେନ୍ଦ୍ରୀୟ ରେଲୱେ ପକ୍ଷରୁ ଏଠାରେ କିୟୋସ୍କ ଇନଷ୍ଟଲ କରାଯାଇଛି । ଏହାର ଅଟୋମେଟିକ୍ ୱାଟର ଜେଜେରେଟର ଦୈନିକ ୧୦୦୦ ଲିଟର ପାଣି ପ୍ରସ୍ତୁତ କରୁଛି, ଯାହା ଷ୍ଟିଲ୍‌ର ଏକ ଟ୍ୟାଙ୍କରେ ଜମା ହୋଇଥାଏ । ଖାଦ୍ୟମାନକ ଅନୁଯାୟୀ ଏହା ଟ୍ୟାଙ୍କ ପାଣିକୁ ଖରାପ ହେବାକୁ ଦେଇ ନଥାଏ ଓ ସର୍ବଦା ଫ୍ରେଶ୍ ରଖିଥାଏ । ସାଉଥ୍ ସେଣ୍ଟ୍ରାଲ ରେଲୱେ ପକ୍ଷରୁ କିୟୋସ୍କକୁ ଜଳ ସଂରକ୍ଷଣ ଓ ସବୁଜ ପ୍ରୟାସ ଉଦ୍ଦେଶ୍ୟରେ ଆପଣା ଯାଇଛି । ପବନରୁ ପାଣି ପ୍ରସ୍ତୁତ କରିବାର ମେଘଦୂତ ନାମକ ଟେକ୍‌ନିକ୍‌କୁ ମୈତ୍ରୀ ଆକ୍ୱାଟେକ୍ ମେକ୍ ଇନ୍ ଇଣ୍ଡିଆ ଜରିଆରେ ବିକଶିତ କରିଛନ୍ତି । ଏସସିଆର୍ ଅଧିକାରୀଙ୍କ କହିବା ଅନୁଯାୟୀ ଏହି ମେସିନ୍ ପରିବେଶ ଅନୁକୂଳ । ଏହା କୌଣସି ପାଣିର ସ୍ରୋତ ଉପରେ ନିର୍ଭର କରେ ନାହିଁ । ଏହା କୌଣସି ବର୍ଜ୍ୟ ଉତ୍ପନ୍ନ କରେ ନାହିଁ ଓ ସବୁ ଋତୁରେ କାମ କରିବ । ଏହା କମ୍ ଶବ୍ଦ ବି କରିଥାଏ । ତାପମାତ୍ରା ଓ ମଇଶ୍ଚରକୁ ଏହା ଡିସପ୍ଲେରେ ପ୍ରଦର୍ଶିତ କରିଥାଏ । ମେସିନ୍ ବାୟୁମଣ୍ଡଳରୁ ସିଧା ପାଣି ଶୋଷି ନେଇଥାଏ । ତାପମାତ୍ରା ଓ ମଇଶ୍ଚରକୁ ଏହା ଡିସପ୍ଲେରେ ପ୍ରଦର୍ଶିତ କରିଥାଏ । ମେସିନ୍ ବାୟୁମଣ୍ଡଳରୁ ସିଧା ପାଣି ଶୋଷି ନେଇଥାଏ ଓ ବିଭିନ୍ନ ପର୍ଯ୍ୟାୟ ଦେଇ ଆସିବା ପରେ ପାଣି ଟ୍ୟାଙ୍କରେ ଜମା ହୋଇଯାଇଥାଏ ।

# ବିବାହ ପ୍ରବେଶ ଦେୟ ମାଗିଲେ ଯୁବତୀ

କେବଳ ଆମ ଦେଶର ନୁହେଁ, ବିଶ୍ୱର ଅନ୍ୟ ପ୍ରାନ୍ତରେ ମଧ୍ୟ ବିବାହ ଉତ୍ସବରେ ଯୋଗଦେବା ନିମନ୍ତେ ନିଜ ପ୍ରିୟଜନଙ୍କୁ ଖୋଜାପଡେ । ବନ୍ଧୁବାନ୍ଧବ, ସାଙ୍ଗସାଥୀ ଯେତେ ଦୂରରେ ଥିଲେ ମଧ୍ୟ ନିକଟତମ ଲୋକଙ୍କ ବିବାହରେ ଯୋଗ ଦେବା ପାଇଁ ଯଥାସାଧ୍ୟ ଚେଷ୍ଟା କରନ୍ତି । ବିବାହର ଭିନ୍ନଭିନ୍ନ ପରମ୍ପରାମାନ ପାଳିତ ହେଉଥିବାବେଳେ ପ୍ରଥମଥର ବାବାହ ପ୍ରବେଶ ଦେୟ ମାଗି ଜଣେ ଯୁବତୀ ଚର୍ଚ୍ଚା ପରିସରକୁ ଆସିଛନ୍ତି । ଯୁବତୀଙ୍କ ନାମ ଗୋପନ ରଖାଯାଇଥିବାବେଳେ ସେ ଆମେରିକା ନିବାସୀ ଓ ତାଙ୍କ ବୟସ ୨୬ ବର୍ଷ ବୋଲି ଜଣାପଡିଛି । ନ୍ୟୁୟର୍କରେ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ତାଙ୍କ ବିବାହ ସ୍ଥିରୀକୃତ ହୋଇଥିଲା । ତେବେ କାର୍ଡ ବାଣ୍ଟିବା ସମୟରେ ଓ ସୋସିଆଲ ସାଇଟ୍‌ରେ ନିଜ ବନ୍ଧୁମାନଙ୍କୁ ବିବାହ ପାଇଁ ନିମନ୍ତ୍ରଣ ଦେବାବେଳେ ଯୁବତୀଜଣକ ଏକ ସର୍ତ୍ତ ଉଲ୍ଲେଖ କରିଥିଲେ । ତାଙ୍କ ବିବାହକୁ ଆସିବାକୁ ଚାହୁଁଥିବା ଅତିଥି ବିବାହ ପ୍ରବେଶ ଦେୟ ବାଧ୍ୟତାମୂଳକ ବୋଲି ସେ ସ୍ପଷ୍ଟ ଲେଖିଥିଲେ । ବିବାହ ପ୍ରବେଶ ଦେୟ ମୂଲ୍ୟ ୩,୫୬୨ଟଙ୍କା ଧାର୍ଯ୍ୟ ହୋଇଥିଲା । ଏଭଳି ସର୍ତ୍ତ ସମ୍ପର୍କରେ ବନ୍ଧୁମାନେ ଜାଣିବା ପରେ କେତେଜଣ ସୋସିଆଲ ସାଇଟ୍‌ରେ ହିଁ ଉଲ୍ଲେଖ କରିଥିଲେ, ସେମାନେ ବିବାହରେ ଆସିବାକୁ ଆଦୌ ଆଗ୍ରହୀ ନୁହେଁ । ଯୁବତୀଜଣକ ଏଭଳି କରିବା ପଛରେ କାରଣ ହେଉଛି, ବିବାହରେ ଖର୍ଚ୍ଚ କରିଥିବା ଅର୍ଥକୁ ସେ ଏହିଭଳି ଉପାୟରେ ଫେରସ୍ତ ପାଇପାରିବେ । ଏବେ ନୂତନ ନିୟମ ‘ବିବାହ ପ୍ରବେଶ ଦେୟକୁ ନେଇ ଗଣମାଧ୍ୟମରେ ଖୁବ୍ ଚର୍ଚ୍ଚା ଚାଲିଛି ।

# ବାପା ଚଢ଼େଇ



ଜୀବଜଗତରେ ଅନେକ ଅଜବ ପ୍ରାଣୀ ଅଛନ୍ତି । ସେମିତି ଏକ ପ୍ରାଣୀ ହେଉଛି ଆଫ୍ରିକୀୟ ଜାକାନା ଚଢେଇ । ଏହା ସାଧାରଣତଃ ଆର୍ଦ୍ର ଅଞ୍ଚଳରେ ରହେ । ପାଣି ଉପରେ ତଥା ପାଣିରେ, ଭାସମାନ କଇଁ, ପଦ୍ମ ପତ୍ର ଉପରେ ଏହା ଚାଲିପାରେ । ଲମ୍ବା ଲମ୍ବା ପତଳା ଗୋଡ ସାଙ୍କୁ ୭ ସେ.ମି ଲମ୍ବର ପଞ୍ଝା ଯୋଗୁ ପାଣି ଉପରସ୍ଥ ପତ୍ର ଉପରେ ଏମାନେ ଚାଲିପାରନ୍ତି । ଅଧିକାଂଶ ସମୟ ଏହି ଚଢ଼େଇ ପାଣିରେ ରହୁଥିବାରୁ ଏହାକୁ ‘ଲିଲି ଟ୍ରଟର୍’ ବି କହନ୍ତି । ଏହାବାଦ ଏହି ଚଢ଼େଇ ଏକ ଭଲ ବାପା ମଧ୍ୟ, ଯେକି ଛୁଆଙ୍କ ସୁରକ୍ଷା କବଚ ପାଲଟିଥାଏ । ଆଉ ସେମାନଙ୍କର ସବୁ ଦାୟିତ୍ୱ ବାପା ହିଁ ତୁଲାଇଥାଆନ୍ତି । ବିପଦ ଆସୁଥିବା ଦେଖିଲେ ବାପା ଜାକାନ ପିଲାମାନଙ୍କୁ ନିଜ ଡେଣା ଭିତରେ ଲୁଚାଇ ରଖି ଦିଅନ୍ତି । ପିଲାଙ୍କର ଦେହ ଲୁଚି ଯାଉଥିବାବେଳେ ଗୋଡ ଝୁଲି ରହିଥିବା ଦେଖାଯାଏ । ଯଦ୍ଦାରା ବାପା ଚଢ଼େଇର ଅନେକ ଗୋଡ ଥିବା ପରି ଲାଗେ । ବାପା ଜାକାନାର ଛୁଆଙ୍କୁ ବିପଦରୁ ସୁରକ୍ଷା ଦେବାର ଏହି ଦୃଶ୍ୟ ବେଶ୍ ହୃଦୟସ୍ପର୍ଶୀ ହୋଇଥାଏ ।

# କଳିଙ୍ଗ ଷ୍ଟାଡ଼ିଅମରେ ପ୍ରତିଷ୍ଠା ହେବ ଖେଲୋ ଇଣ୍ଡିଆ ଷ୍ଟେଟ ସେଣ୍ଟର ଅଫ ଏକ୍ସଲେନ୍ସ

ନୂଆଦିଲ୍ଲୀ,୧୭।୬ (ନି.ପ୍ର): କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ଫ୍ଲାଗ ସିପ୍ କାର୍ଯ୍ୟକ୍ରମ "ଖେଲୋ ଇଣ୍ଡିଆ ଯୋଜନା" ମାଧ୍ୟମରେ ଦେଶର ବିଭିନ୍ନ ରାଜ୍ୟରେ ରାଜ୍ୟସ୍ତରୀୟ ଖେଲୋ ଇଣ୍ଡିଆ ଉତ୍କର୍ଷ କେନ୍ଦ୍ରମାନ ପ୍ରତିଷ୍ଠା କରାଯିବ । ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରରେ ଏଥିପାଇଁ ଗୋଟିଏ ଲେଖାଏଁ କେଆଇଏସିଇ ସ୍ଥାପନ ସକାଶେ ସ୍ଥାନ ଚିହ୍ନଟ କରାଯିବ । ପ୍ରଥମ ଚରଣରେ ମନ୍ତ୍ରଣାଳୟ ପକ୍ଷରୁ ଆଠଟି ରାଜ୍ୟରେ ଥିବା ରାଜ୍ୟସ୍ତରୀୟ କ୍ରୀଡ଼ା ସଂସାଧନ ସୁବିଧାକୁ ଚୟନ କରାଯାଇଛି ଏବଂ ସେଥିରେ ଓଡ଼ିଶା ସମେତ କର୍ଣ୍ଣାଟକ, କେରଳ, ତେଲଙ୍ଗାନା ଏବଂ ଉତ୍ତର ପୂର୍ବାଞ୍ଚଳର ଅରୁଣାଚଳ ପ୍ରଦେଶ, ମଣିପୁର, ମିଜୋରାମ ଓ ନାଗାଲାଣ୍ଡ ରାଜ୍ୟ ରହିଛି । ଏହିସବୁ ରାଜ୍ୟର କ୍ରୀଡ଼ା କେନ୍ଦ୍ରଗୁଡ଼ିକୁ ଖେଲୋ ଇଣ୍ଡିଆ ରାଜ୍ୟ ଉତ୍କର୍ଷ କେନ୍ଦ୍ର ଭାବେ ଉନ୍ନୀତ କରାଯିବ ବୋଲି କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଶ୍ରୀ କିରେନ ରିଜିଜୁ କହିଛନ୍ତି । କେନ୍ଦ୍ର ସରକାରଙ୍କ ଏହି ନିଷ୍ପତି ସଂପର୍କରେ ସୂଚନା ଦେଇ ଶ୍ରୀ ରିଜିଜୁ କହିଲେ ଯେ ଏହା ରାଜ୍ୟଗୁଡ଼ିକରେ କ୍ରୀଡ଼ା ସୁବିଧାକୁ ସୁଦୃଢ଼ କରିବ । ଅଲମ୍ପିକ କ୍ରୀଡ଼ାରେ କିଭଳି ଭାବେ ଭାରତୀୟ କ୍ରୀଡ଼ାବିତମାନଙ୍କ ପ୍ରଦର୍ଶନ ଉନ୍ନତ ମାନର ହୋଇପାରିବ ତାହା ସୁନିଶ୍ଚିତ କରିବା ସକାଶେ ସରକାର ରାଜ୍ୟମାନଙ୍କରେ ଏଭଳି ଖେଲୋ ଇଣ୍ଡିଆ ଉତ୍କର୍ଷ କ୍ରୀଡ଼ା କେନ୍ଦ୍ରମାନ ପ୍ରତିଷ୍ଠା କରିବେ । ଏହା ଫଳରେ ରାଜ୍ୟମାନଙ୍କରେ ଉନ୍ନତ ମାନର କ୍ରୀଡ଼ା ସଂସାଧନ ଉପଲବ୍ଧ କରାଯିବ ଯଦ୍ୱାରା କ୍ରୀଡ଼ାବିତମାନେ ସହଜରେ କ୍ରୀଡ଼ା ଅଭ୍ୟାସ କରିପାରିବେ । ସମସ୍ତ କ୍ରୀଡ଼ାବିତଙ୍କ ନିମନ୍ତେ ବିଶ୍ୱସ୍ତରୀୟ କ୍ରୀଡ଼ା ସଂସାଧନ ଉପଲବ୍ଧ କରାଇବା ସରକାରଙ୍କ ଉଦ୍ଦେଶ୍ୟ । ଏହାଦ୍ୱାରା ସେମାନେ ନିର୍ଦ୍ଦିଷ୍ଟ ଶୃଙ୍ଖଳାରେ କ୍ରୀଡ଼ାଭ୍ୟାସ କରିପାରିବେ । ସରକାରୀ କମିଟିରେ ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ପରେ ଏଭଳି ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଏହାଦ୍ୱାରା ଦେଶର ବିଭିନ୍ନ ରାଜ୍ୟରେ ଥିବା ନୂଆ ନୂଆ ତଥା ଲୁକ୍କାୟିତ କ୍ରୀଡ଼ା ପ୍ରତିଭାମାନଙ୍କୁ ଚିହ୍ନଟ କରିବା ଓ ସେମାନଙ୍କୁ କ୍ରୀଡ଼ାଭ୍ୟାସର ସକଳ ପ୍ରକାର ସୁବିଧାସୁଯୋଗ ଯୋଗାଇଦେବା ସମ୍ଭବପର ହୋଇପାରିବ । ଏହା ସେମାନଙ୍କୁ ସମସ୍ତ ପ୍ରମୁଖ ଆନ୍ତର୍ଜାତିକ କ୍ରୀଡ଼ା ପ୍ରତିଯୋଗିତା ଏବଂ ବିଶେଷ କରି ଅଲିମ୍ପିକ ପ୍ରତିଯୋଗିତାରେ ଦେଶପାଇଁ ପଦକ ବିଜୟୀ କରିବାରେ ସହାୟକ ହେବ ବୋଲି ଶ୍ରୀ ରିଜିଜୁ କହିଛନ୍ତି । ଶ୍ରୀ ରିଜିଜୁ କହିଛନ୍ତି ଯେ ଏହି କ୍ରୀଡ଼ାଙ୍ଗନ ସୁବିଧା ଚୟନ ପ୍ରକ୍ରିୟା ୨୦୧୯ ଅକ୍ଟୋବର ମାସଠାରୁ ଆରମ୍ଭ ହୋଇଥିଲା । ଏଥିପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରମାନଙ୍କୁ ସେମାନଙ୍କର ନିକଟରେ ଶ୍ରେଷ୍ଠ କ୍ରୀଡ଼ା ସୁବିଧା କ'ଣ, କି ପ୍ରକାର ଏଜେନ୍ସି ବା ଯୋଗ୍ୟ ଏଜେନ୍ସିମାନ ରହିଛି ତାହା ଜଣାଇବାକୁ କୁହାଯାଇଥିଲା । ବର୍ତ୍ତମାନ ଥିବା କ୍ରୀଡ଼ା କେନ୍ଦ୍ରଗୁଡ଼ିକୁ କେଆଇଏସସିଇକୁ ଉନ୍ନୀତ କରିବା ନିମନ୍ତେ କେନ୍ଦ୍ର ସରକାର ସମ୍ଭାବ୍ୟ ଆବଶ୍ୟକ ପାଣ୍ଠି ଯୋଗାଇଦେବେ ଯେଉଁଠାରେ କି ବିଶ୍ୱସ୍ତରୀୟ କ୍ରୀଡ଼ା ସୁବିଧାର ବିକାଶ କରାଯିବ । ସରକାରଙ୍କୁ ମିଳିଥିବା ୧୫ଟି ପ୍ରସ୍ତାବ ଉପରେ ତର୍ଜମା କରାଯିବା ପରେ ସେଥିରୁ ୮ଟିକୁ ସର୍ଟଲିଷ୍ଟ କରାଯାଇଥିଲା । ସେହି ଆଠଟି କେନ୍ଦ୍ର ହେଲା ଓଡ଼ିଶାର କଳିଙ୍ଗ ଷ୍ଟାଡ଼ିଅମ, ଅରୁଣାଚଳ ପ୍ରଦେଶର ସାଙ୍ଗେ ଲାହଡ଼ନେ ସ୍ପୋର୍ଟସ ଏକାଡ଼େମୀ, ଇଟାନଗର, କର୍ଣ୍ଣାଟକର ବାଙ୍ଗାଲୋରସ୍ଥିତ ଜୟପ୍ରକାଶ ନାରାୟଣ ନ୍ୟାସନାଲ ଯୁଥ ସେଣ୍ଟର, କେରଳର ଥିରୁଅନନ୍ତପୁରମସ୍ଥିତ ଜି ଭି ରାଜା ସିନିଅର ସେକେଣ୍ଡାରୀ ସ୍ପୋର୍ଟସ ସ୍କୁଲ, ମଣିପୁରର ଇମ୍ଫାଲସ୍ଥିତ ଖୁମାନ ଲାମ୍ପାକ ସ୍ପୋର୍ଟସ କମ୍ପ୍ଲେକ୍ସ, ମିଜୋରାମର ଆଇଜଲସ୍ଥିତ ରାଜୀବ ଗାନ୍ଧୀ ଷ୍ଟାଡ଼ିଅମ, ନାଗାଲାଣ୍ଡର କୋହିମାସ୍ଥିତ ଷ୍ଟେଟ ସ୍ପୋର୍ଟସ ଏକାଡ଼େମୀ, ଆଇଜି ଷ୍ଟାଡ଼ିଅମ ଏବଂ ତେଲଙ୍ଗାନାର ହକୀମପେଟସ୍ଥିତ ରିଜିଓନାଲ ସ୍ପୋର୍ଟସ ସ୍କୁଲ । ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରର ସରକାରମାନେ ଏହି କେନ୍ଦ୍ର ପରିଚାଳନା କରିବେ ଏବଂ ସେସବୁର ଦକ୍ଷତା ବୃଦ୍ଧି କରି ସେଗୁଡ଼ିକୁ ବିଶ୍ୱସ୍ତରୀୟ ସ୍ପୋର୍ଟିଂ ଫାସିଲିଟିରେ ପରିଣତ କରିବେ । ସେହିଭଳି ଏଭଳି କେନ୍ଦ୍ରର ସକଳ ପ୍ରକାର ପରିଚାଳନା ଯଥା ବୋର୍ଡ଼ିଂ, ଲଜିଂ ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ସଂପୃକ୍ତ ରାଜ୍ୟ ସରକାରମାନଙ୍କ ଉପରେ ନ୍ୟସ୍ତ ରହିବ । ତେବେ ଅତି ମାତ୍ରାରେ ଆବଶ୍ୟକ ପାଣ୍ଠି, ଯଥା ବିଶେଷଜ୍ଞ କୋଚ୍, ସପୋର୍ଟ ଷ୍ଟାଫ, ଉପକରଣ, ସଂସାଧନ ସକାଶେ ଖେଲୋ ଇଣ୍ଡିଆ ଯୋଜନା ମାଧ୍ୟମରେ ସେମାନଙ୍କୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ପାଣ୍ଠି ଯୋଗାଇ ଦିଆଯିବ । ତେବେ ବ୍ୟାପକ ବିଶ୍ଳେଷଣ ସଂପର୍କରେ ଆଲୋଚନା ପରେ ପ୍ରତ୍ୟେକ କେନ୍ଦ୍ରକୁ କେତେ ପରିମାଣର ପାଣ୍ଠି ଯୋଗାଇ ଦିଆଯିବ ତାହା ସ୍ଥିର କରାଯାଇଛି । ବ୍ୟାପକ ଭିତିରେ କ୍ରୀଡ଼ା ପ୍ରତିଭା ଚିହ୍ନଟ ସକାଶେ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ର ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ତେବେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏ ଦିଗରେ ବିଶେଷଜ୍ଞ ପରାମର୍ଶ, ସାଧନ ଓ ମନିଟରିଂ ବ୍ୟବସ୍ଥା ଯୋଗାଣ ସୁନିଶ୍ଚିତ କରିବେ ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି ।

# ବାଲେଶ୍ୱର ବିଧାୟକ ମଦନ ମୋହନ ଦତ୍ତଙ୍କ ବିୟୋଗରେ ବାଚସ୍ପତି ଓ ଉପବାଚସ୍ପତିଙ୍କ ଶୋକ

ଭୁବନେଶ୍ୱର,୧୭।୬ (ନି.ପ୍ର): ବାଲେଶ୍ୱର ବିଜେପି ବିଧାୟକ ମଦନ ମୋହନ ଦତଙ୍କ ଅକାଳ ବିୟୋଗରେ ବାଚସ୍ପତି ଡଃ ସୂର୍ଯ୍ୟ ନାରାୟଣ ପାତ୍ର ଓ ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହ ଗଭୀର ଶୋକ ପ୍ରକାଶ କରିଛନ୍ତି । ଡଃ ପାତ୍ର ଏକ ଶୋକବାର୍ତାରେ କହିଛନ୍ତି ଯେ, ସ୍ୱର୍ଗତ ଦତ ଜଣେ ବିଚକ୍ଷଣ ରାଜନେତା ଥିଲେ । ବିଧାୟକ ଭାବେ ତାଙ୍କର କାର୍ଯ୍ୟକାଳ ଗରିମାମୟ ଥିଲା । ଜଣେ ସମାଜସେବୀ, କ୍ରୀଡ଼ାପ୍ରେମୀ ଓ ଦରଦୀ ମଣଷ ଭାବେ ସେ ସମସ୍ତଙ୍କ ପ୍ରିୟଭାଜନ ଥିଲେ । ତାଙ୍କ ଅବର୍ତମାନରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଅପୂରଣୀୟ ରହିବ । ଆଗାମୀ ପିଢ଼ୀ ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହେବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଶ୍ରୀ ସିଂହ ଏକ ଶୋକବାର୍ତାରେ କହିଛନ୍ତି ଯେ, ସ୍ୱର୍ଗତ ଦତ ଜଣେ ଜନପ୍ରିୟ ସମାଜସେବୀ, ଦକ୍ଷ ସଂଗଠକ ଓ ପ୍ରବୀଣ ରାଜନେତା ଥିଲେ । ସେ ଦଳିତ, ବଂଚିତ ଓ ଅବହେଳିତ ଜନସାଧାରଣଙ୍କ ଉତ୍‌ଥାନ ନିମନ୍ତେ ସର୍ବଦା ଯତ୍ନପର ଥିଲେ । ବିଧାୟକ ଭାବେ ତାଙ୍କର କାର୍ଯ୍ୟକାଳ ଗରିମାମୟ ଥିଲା । ତାଙ୍କ ଅକାଳ ବିୟୋଗ ବାଲେଶ୍ୱର ଜିଲ୍ଲା ତଥା ରାଜ୍ୟ ନିମନ୍ତେ ଏକ ଅପୂରଣୀୟ କ୍ଷତି । ଶ୍ରୀ ପାତ୍ର ଓ ଶ୍ରୀ ସିଂହ ସ୍ୱର୍ଗତ ଦତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

# ଶରୀରର ରୋଗ ପ୍ରତିରୋଧ ଶକ୍ତିବୃଦ୍ଧି କରୋନା ପ୍ରତିହତରେ ସହାୟକ ହେବ

ବାଲେଶ୍ୱର,୧୭।୬ (ନି.ପ୍ର): ଓଡ଼ିଶା ସମେତ ଦେଶରେ ବଢୁଥିବା କରୋନା ସଂକ୍ରମଣ ସାଙ୍ଗକୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ଦେଶବାସୀଙ୍କ ପାଇଁ ମହାବିପତ୍ତିର ସମୟ ଉପନୀତ ହୋଇଛି । କରୋନା ଭୂତାଣୁ ପାଇଁ ଅଦ୍ୟାବଧି କୌଣସି ଭେକ୍ସିନ୍ ବାହାରି ନଥିବା ବେଳେ ଏହାକୁ ପ୍ରତିହତ ପାଇଁ ସାମାଜିକ ଦୂରତା ରକ୍ଷା, ବାରମ୍ବାର ହାତ ଧୋଇବା, ମାସ୍କ ପିନ୍ଧିବା ଓ ଜରୁରୀ କାମ ନଥାଇ ଘରୁ ନ ବାହାରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଦୀର୍ଘ ୩ ମାସ ଧରି ଲକ୍ ଡାଉନ୍ ଓ ସଟ୍ ଡାଉନ୍ ଆଦି ଲାଗ ହୋଇସାରିଲାଣି । ଏହା ସତ୍ତ୍ୱେ ବି କରୋନା ସମଗ୍ର ଦେଶରେ କାୟା ବିସ୍ତାର କରି ଚାଲିଛି । ତେବେ ଉଲ୍ଲେଖନୀୟ ବିଷୟ ହେଲା ଅଦ୍ୟାବଧି କରୋନାରେ ମୃତ୍ୟୁବରଣ କରିଥିବା ମଧ୍ୟରୁ ଅଧିକାଂଶ ବର୍ଷୀୟାନ ବ୍ୟକ୍ତି ଓ ସେମାନେ କୌଣସି ନା କୌଣସି ରୋଗରେ ପୀଡ଼ିତ ଥିଲେ । ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥିବା ବ୍ୟକ୍ତିଙ୍କ ତୁରନ୍ତ କରୋନା ସଂକ୍ରମଣ ହେଉଥିବା ବେଳେ ଛୋଟପିଲା ଓ ବୟସ୍କ ବ୍ୟକ୍ତିମାନେ ଅଧିକ ସତର୍କତା ଅବଲମ୍ବନ ପାଇଁ ସରକାରଙ୍କ ପକ୍ଷରୁ ବାରମ୍ବାର କୁହାଯାଉଛି । ଅନ୍ୟପକ୍ଷରେ ଯଥେଷ୍ଟ ରୋଗପ୍ରତିରୋଧ ଶକ୍ତି ଥିବା ବ୍ୟକ୍ତିଙ୍କ ଶରୀରକୁ କରୋନା ଭୂତାଣୁ ଏତେ ଶୀଘ୍ର ପ୍ରବେଶ କରିପାରେ ନାହିଁ, ସଂକ୍ରମିତ ସେହି ବ୍ୟକ୍ତିମାନେ ଅଳ୍ପଦିନ ମଧ୍ୟରେ ସୁସ୍ଥ ବି ହୋଇଯାଉଛନ୍ତି । ଅତଏବେ ସାମ୍ପ୍ରତିକ ସ୍ଥିତିରେ କରୋନା ମୁକାବିଲା ପାଇଁ ନିଜର ରୋକ ପ୍ରତିରୋଧ ଶକ୍ତି ବୃଦ୍ଧି ଏକାନ୍ତ ଆବଶ୍ୟକ ହୋଇପଡ଼ିଛି ବୋଲି ମତବ୍ୟକ୍ତ କରିଛନ୍ତି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବାନାର୍ଜି ପ୍ରସାଦ ଛୋଟରାୟ । ଏନେଇ ଔଷଧ ଦୋକାନରେ ମିଳୁଥିବା ବିଭିନ୍ନ ବର୍ଗର ଭଟାମିନ୍ , ସବୁଜ ପନିପରିବା ବ୍ୟବହାର ସାଙ୍ଗକୁ ନିୟମିତ ଶାରୀରିକ ପରିଶ୍ରମ ଓ ଯୋଗ ପ୍ରାଣାୟମ କରିବା ଉଚିତ ବୋଲି ସେ କହିଛନ୍ତି । ବିଶେଷ କରି ରୋଗ ପ୍ରତିରୋଧ ଶକ୍ତିବୃଦ୍ଧି ପାଇଁ ଅୟୁସ ମନ୍ତ୍ରାଳୟ ନିର୍ଦ୍ଦେଶିତ ହୋମିଓପାଥିକ୍ ଓ ଆୟୁର୍ବେଦିକ ଔଷଧ ବି ବ୍ୟବହାର କରାଯାଇ ପାରେ ବୋଲି ଡାକ୍ତର ଛୋଟରାୟ କହିଛନ୍ତି । କରୋନା ମୁକାବିଲା ପାଇଁ ମାସ୍କ ବ୍ୟବହାର ସାମଜିକ ଦୂରତା ରକ୍ଷା ଭଳି ଶରୀରର ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ଏକାନ୍ତ ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି ।

# ମଦନ ମୋହନ ଦତଙ୍କ ଅକାଳ ବିୟୋଗ ବିନା ମେଘେ ବଜ୍ରପାତ ଭଳି - ପ୍ରତାପ ଷଡଙ୍ଗୀ

ଭୁବନେଶ୍ୱର,୧୭।୬ (ନି.ପ୍ର): ବାଲେଶ୍ୱରର ବିଜେପି ବିଧାୟକ ମଦନ ମୋହନ ଦତଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ବାଲେଶ୍ୱରର ବିଧାୟକ ତଥା ପୂର୍ବତନ ଜିଲ୍ଲା ସଭାପତି ଶ୍ରଦ୍ଧେୟ ମଙ୍ଗୁ ଭାଇଙ୍କ ଅକାଳ ବିୟୋଗ ବିନା ମେଘରେ ବଜ୍ରପାତ ଭଳି ଆମ ସମସ୍ତଙ୍କୁ ମର୍ମାହତ କରିଛି । ଗରିବ ଲୋକଙ୍କ ହକ ପାଇଁ ସେ ସର୍ବଦା ଅନ୍ୟାୟ , ଅନିତି ଏବଂ ଶୋଷଣ ବିରୁଦ୍ଧରେ ସାଲିସ୍ ବିହୀନ ସଂଘର୍ଷ ଜାରି ରଖିଥିଲେ । ଏଭଳି ଏକ ଘଡିସନ୍ଧି ମୁହୂର୍ତରେ ପ୍ରଭୁ ଜଗନ୍ନାଥଙ୍କ ପାଖେ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ ପରିବାରକୁ ସମବେଦନା ଜଣାଉଛି ଏବଂ ବନ୍ଧୁ , ବାନ୍ଧବ ଓ ଶୁଭେଚ୍ଛୁମାନଙ୍କୁ ଏହି ଦୁଃଖକୁ ସହନ ନିମନ୍ତେ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ମୁଁ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ସେ କହିଛନ୍ତି ।

# ବାଲେଶ୍ୱର ବିଧାୟକ ମଦନ ମୋହନ ଦତ୍ତଙ୍କ ବିୟେଗରେ ରାଜସ୍ୱ ମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୧୭।୬ (ନି.ପ୍ର): ବାଲେଶ୍ୱର ସଦର ବିଧାୟକ ମଦନ ମୋହନ ଦତଙ୍କ ପରଲୋକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଗଭୀର ଶୋକପ୍ରକାଶ କରିଛନ୍ତି । ଏକ ଶୋକବାର୍ତାରେ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି କହିଛନ୍ତି ଯେ, ମଦନ ମୋହନ ଦତ ବିଚକ୍ଷଣ ରାଜନେତା ହେବା ସହିତ ଜଣେ ବଳିଷ୍ଠ ସଂଗଠକ, ଜନପ୍ରିୟ ସମାଜସେବୀ ଭାବେ ନିଜ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଜାରି ରଖିଥିଲେ । ତାଙ୍କର କର୍ତବ୍ୟନିଷ୍ଠା, ନିଃସ୍ୱାର୍ଥପର ସେବା ଓ ମିଷ୍ଟ ବ୍ୟବହାର ତାଙ୍କୁ ବିଶେଷ ଭାବେ ଲୋକମାନଙ୍କର ନିକଟବର୍ତୀ କରିପାରିଥିଲା । ସେ ଦଳିତ, ଅବହେଳିତ ଜନସାଧାରଣଙ୍କର ଉନ୍ନତିକଳ୍ପେ ସର୍ବଦା ଚେଷ୍ଟିତ ଥିଲେ । ତାଙ୍କର ବିୟୋଗ ବାଲେଶ୍ୱର ଜିଲ୍ଲା ତଥା ରାଜ୍ୟ ରାଜନୀତି କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି । ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ସ୍ୱର୍ଗତ ଦତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ଶିକ୍ଷକ ସଂଗଠକ ଶ୍ରୀନିବାସ ପାତ୍ରଙ୍କ ବିୟୋଗରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକ

ଜଳେଶ୍ୱର,୧୭।୬(ନିପ୍ର) : ଭୋଗରାଇର ଡୁମେଇପୁର ଗାଁର ଶ୍ରୀନିବାସ ପାତ୍ର ବାରବାଟିଆ ଗ୍ରାମର ନିମ୍ନ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠାତା ଶିକ୍ଷକଭାବେ କାର୍ଯ୍ୟ ଆରମ୍ଭ କରି ଦୀର୍ଘ ୩୩ବର୍ଷ ଚାକିରିକାଳ ମଧ୍ୟରେ ବାଲେଶ୍ୱର ଜିଲାର ଶିକ୍ଷକମାନଙ୍କର ବହୁ ସମସ୍ୟା, ଶିକ୍ଷାର ଅଗ୍ରଗତି ଏବଂ ଶିକ୍ଷାନୁଷ୍ଠାନ ଗୁଡିକର ବିକାଶ ଲାଗି ସତତ ଚେଷ୍ଟିତ ଥିଲେ ବୋଲି ଆଜି ଜଳେଶ୍ୱରର ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ଜଳେଶ୍ୱର ଶାଖାର ସଭାପତି ପ୍ରଦୀପ କୁମାର ଜେନା ଶୋକାଭିଭୂତ ଭାବେ ପ୍ରକାଶ କରିଛନ୍ତି । ତାଙ୍କ ଅଦ୍ୟକ୍ଷତାରେ ଆୟୋଜିତ ସଭାରେ ରାଜ୍ୟ ସଂପାଦକ ଖଗେନ୍ଦ୍ର ନାଥ ପାଳ, କାର୍ତ୍ତୀଚନ୍ଦ୍ର ଦେ, ସରୋଜ କୁମାର ପ୍ରଧାନ, ସତ୍ୟରଂଜନ ସାହୁ, ସୁଶାନ୍ତ କୁମାର ଦାସ, ଚିନ୍ତରଂଜନ ଘୋଷ, ଶ୍ରୀକାନ୍ତ ଧଳ, ମାଳବିକା ଗିରି, ମମତା ମହାନ୍ତି, ଦେବିଦାସ ଦେ ପ୍ରମୁଖ ବହୁ ଶିକ୍ଷକ ନେତା ଓ ଶିକ୍ଷକ ସଂଘ ପକ୍ଷରୁ ଶୋକ ପ୍ରକାଶ କରିଛନ୍ତି । ତାଙ୍କ ପ୍ରଚେଷ୍ଟାରେ ବିଳମ୍ବରେ ହେଲେ ମଧ୍ୟ ଜଳେଶ୍ୱରରେ ଡିଆଇ ଅଫିସ୍ ପ୍ରତିଷ୍ଠା ହୋଇପାରିଥିଲା । ବହୁ ଅନୁଷ୍ଠାନରେ ଥିବା ବାଦବିବାଦ ସମାଧାନ କରିବାରେ ସେ ପିତୃତୁଲ୍ୟ କାର୍ଯ୍ୟ ତୁଲାଇ ଆସୁଥିଲେ ।

# ବାଲେଶ୍ୱର ବିଧାୟକ ମଦନ ମୋହନ ଦତ୍ତଙ୍କ ବିୟୋଗରେ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୧୭।୬ (ନି.ପ୍ର): ବାଲେଶ୍ୱର ବିଧାୟକ ମଦନ ମୋହନ ଦତଙ୍କ ବିୟୋଗରେ ସଂସଦୀୟ ବ୍ୟାପାର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକ ବାର୍ତାରେ ସେ କହିଛନ୍ତି ଯେ, ମଦନ ମୋହନ ଦତ ଜଣେ ଜନପ୍ରିୟ ସମାଜସେବୀ, ସଂଗଠକ ଓ ରାଜନେତା ଥିଲେ । ୨୦୧୯ ମସିହାରେ ବାଲେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇ ସେ ଦଳିତ, ବଂଚିତ ଓ ଅବହେଳିତ ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ଉତ୍‌ଥାନ ପାଇଁ ବହୁ ପଦକ୍ଷେପ ଗ୍ରହଣ କରିଥିଲେ । ନିଜ ନିର୍ବାଚନ ମଣ୍ଡଳୀର ଉନ୍ନତିକଳ୍ପେ ସେ ବେଶ୍ ନିଷ୍ଠାପର ଉଦ୍ୟମ ଜାରି ରଖିଥିଲେ । ତାଙ୍କ ବ୍ୟବହାର ଓ କର୍ତବ୍ୟନିଷ୍ଠା ତାଙ୍କୁ ଜନପ୍ରିୟ କରିପାରିଥିଲା । ତାଙ୍କ ବିୟୋଗ ବାଲେଶ୍ୱର ଜିଲ୍ଲା ତଥା ସମଗ୍ର ରାଜ୍ୟର ରାଜନୀତି କ୍ଷେତ୍ରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ହୋଇ ରହିବ । ମନ୍ତ୍ରୀ ଶ୍ରୀ ଆରୁଖ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

# ବିଧାୟକ ମଦନ ମୋହନ ଦତ୍ତଙ୍କ ବିୟୋଗରେ ଜଳେଶ୍ୱର ବିଜେପିର ଶୋକ

ଜଳେଶ୍ୱର,୧୭।୬(ନିପ୍ର) : ଆଜି ପୂର୍ବାହ୍ନ ୯.୪୫ରେ ବାଲେଶ୍ୱର ସଦର ବିଧାୟକ ତଥା ଭାଜପାର ପୂର୍ବତନ ଜିଲା ସଭାପତି ଏବଂ ଦଳର ଜଣେ ଦକ୍ଷ ସଂଗଠନ କଦନମୋହନ ଦତ୍ତ (ମଂଗୁଭାଇ)ଙ୍କର ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଛି । ପଂଚାୟତ ସ୍ତରରୁ ରାଜନିତୀ ଜୀବନ ଆରମ୍ଭ କରି ରେମୁଣା ପଂଚାୟତ ସମିତି ଚେୟାରମ୍ୟାନ, ଜିଲାପରିଷଦର ଭାଇସ୍ ଚେୟାରମ୍ୟାନ ପଦବୀର ଅବସ୍ଥାପିତ ହୋଇ ଏକ ସଂବେଦନଶୀଳ ବାହେଳଶ୍ୱର ଜିଲାର ବିଜେପି ସଭାପତି ଓ ପରେ ବିଧାୟକ ଭାବେ ସେ ନିଜକୁ ସୁପ୍ରତିଷ୍ଠିତ କରାଇ ପରିଥିଲେ । ତାଙ୍କର ଅବର୍ତ୍ତମାନରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଭାଜପା କର୍ମୀବୃନ୍ଦ ଅମର ଆତ୍ମାର ସଦ୍‌ଗତି ନିମନ୍ତେ କାମନା କରିଛନ୍ତି । ବିଜେପିର ଛାମୁଆ ନେତା ଶାନ୍ତନୁ ପଟ୍ଟନାୟକ, ଫାଲ୍‌ଗୁନୀ ପାଣିଗ୍ରାହୀ, ଅନନ୍ତ କୁମାର ଦାସ, ପ୍ରଣବ ପଣ୍ଡା, ତପନ ବିଶ୍ୱାଳ, ପ୍ରତାପ ସେନାପତି, ମନୋଜ ସାସମଲ, ପ୍ରକାଶ ମହାନ୍ତି, ସୁବ୍ରତ କୁମାର ଘୋଷ, ସୁଖପଦ ସାମଲ, ରବିନ୍ଦ୍ର ପାତ୍ର, ଅଂଜନ କୁମାର ଦାସ, ନନ୍ଦନ କୁମାର ଦତ୍ତ ଓ ଅନ୍ୟ ବହୁ ବିଜେପି ସଦସ୍ୟ ବୃନ୍ଦ ଶୋକ ବ୍ୟକ୍ତ କରି ଶ୍ରଦ୍ଧା ସୁମନ ଜ୍ଞାପନ କରି ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ସେହିପରି ପୂର୍ବତନ ମନ୍ତ୍ରୀ ତଥା ଗତ ନିର୍ବାଚନରେ ବିଜେପିର ବିଧାନସଭା ପ୍ରାର୍ଥୀ ଏବଂ ରାଜ୍ୟ ପରିଷଦର ନିମନ୍ତ୍ରୀତ ସ୍ଥାୟୀ ସଦସ୍ୟ ରଘୁନାଥ ମହାନ୍ତି ମଦନ ମୋହନ ଦତ୍ତଙ୍କ ବିୟୋଗରେ ଶୋକବ୍ୟକ୍ତ କରିବା ସହିତ ବାଲେଶ୍‌ବର ଜିଲାର ଜଣେ ସଂଗଠକ, ସୁଖଦୁଃଖର ସାଥି ଲଢୁଆ ବିଧାୟକଙ୍କ ପରଲୋକରେ ବହୁ ଅପୂରଣୀୟ କ୍ଷତି ହେଲା ବୋଲି କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ଅନଲକ ୧.୦ ପରବର୍ତୀ ସ୍ଥିତି ....

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)
ଚିକିତ୍ସା ପରାମର୍ଶ ଦେବା ଲାଗି ବରିଷ୍ଠ ଡାକ୍ତରମାନଙ୍କୁ ନେଇ ଏକ ଟିମ ପ୍ରସ୍ତୁତ କରିବା ଉପରେ ଜୋର ଦେଇଥିଲେ । ସେ ମଧ ହେଲ୍ପଲାଇନଗୁଡ଼ିକ ଜରିଆରେ ଠିକଣା ସମୟରେ ଏବଂ ସଠିକ ସୂଚନା ପହଁଚାଇବା ବିଷୟରେ ଆଲୋଚନା କରିଥିଲେ । ଏହି ହେଲ୍ପଲାଇନଗୁଡ଼ିକର ପ୍ରଭାବୀ ପରିଚାଳନା ନିମନ୍ତେ ଯୁବ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ ଦଳ ଗଠନ କରିବା ନିମନ୍ତେ ଆଲୋଚନା କରିଥିଲେ । ଭୟ ଓ ଭେଦଭାବର ମୁକାବିଲା : ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଯେଉଁ ସବୁ ରାଜ୍ୟରେ ଆରୋଗ୍ୟ ସେତୁ ଆପ ବହୁସଂଖ୍ୟାରେ ଡାଉନଲୋଡ କରାଯାଇଛି ସେଠାରେ ସକାରାତ୍ମକ ଫଳାଫଳ ଦେଖିବାକୁ ମିଳିଛି । ଏହି ଆପର ପ୍ରସାର ବୃଦ୍ଧି ପାଇଁ ପ୍ରୟାସ କରାଯିବା ଆବଶ୍ୟକ ବୋଲି ସେ କହିଥିଲେ । ମୌସୁମୀ ଋତୁରେ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ସତର୍କ ରହିବା ଲାଗି ସେ ପରାମର୍ଶ ଦେଇଥିଲେ । ସେ ମଧ ଭୂତାଣୁ ମୁକାବିଲା କ୍ଷେତ୍ରରେ ରହିଥିବା ଭାବଗତ ଦିଗ ଉପରେ ଆଲୋକପାତ କରିଥିଲେ । ଅପବାଦ ଏବଂ ଭେଦଭାବର ଶିକାର ହେବା ନେଇ ରହିଥିବା ଭୟ ଦୂର କରିବା ନିମନ୍ତେ ଏହି ଭୂତାଣୁ ପରାସ୍ତ କରି ଆରୋଗ୍ୟ ଲାଭ କରୁଥିବା ଲୋକମାନଙ୍କ ବିଷୟରେ ଅଧିକ ମାତ୍ରାରେ ସଚେତନ କରିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ । ଆମର କରୋନା ଯୋଦ୍ଧା, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସହାୟତା ଓ ସମର୍ଥନ ଆମର ପ୍ରାଥମିକତା ହେବା ଉଚିତ । ସେ ଉଲ୍ଲେଖ କରିଥିଲେ ଯେ ଏହି ଭୂତାଣୁ ମୁକାବିଲାରେ ଜନଭାଗିଦାରୀ ଜରୁରି । ସେ କହିଥିଲେ ଯେ ଲୋକମାନଙ୍କୁ ମାସ୍କ, ମୁହଁଘୋଡ଼ା ବ୍ୟବହାର କରିବା ଓ ଶାରୀରିକ ଦୂରତା ରକ୍ଷା କରିବା ନିମନ୍ତେ ନିରନ୍ତର ସଚେତନ କରାଯିବା ଉଚିତ । ମୁଖ୍ୟମନ୍ତ୍ରୀମାନଙ୍କ ମତାମତ : ଆଜି ଥିଲା ଦୁଇ ଦିନିଆ ଆଲୋଚନାର ଦ୍ୱିତୀୟ ପର୍ଯ୍ୟାୟ । ଏହି ଆଲୋଚନାରେ ମହାରାଷ୍ଟ୍ର, ତାମିଲନାଡୁ, ଦିଲ୍ଲୀ, ଗୁଜରାଟ, ରାଜସ୍ଥାନ, ଉତରପ୍ରଦେଶ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ବିହାର, ଆନ୍ଧ୍ରପ୍ରଦେଶ, ହରିୟାଣା, ଜମ୍ମୁ ଓ କଶ୍ମୀର, ତେଲଙ୍ଗାନା ଏବଂ ଓଡ଼ିଶା ଆଦି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟମନ୍ତ୍ରୀ ତଥା ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀମାନଙ୍କୁ ତାଙ୍କର ନେତୃତ୍ୱ ପାଇଁ ମୁଖ୍ୟମନ୍ତ୍ରୀମାନେ ଧନ୍ୟବାଦ ଜଣାଇଥିଲେ ଏବଂ ସେମାନଙ୍କ ରାଜ୍ୟରେ କରୋନା ଭୂତାଣୁର ସ୍ଥିତି ଏବଂ ଏହାର ମୁକାବିଲା ଲାଗି ସେମାନେ କରିଥିବା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ମହାମାରୀ ମୁକାବିଲା ଲାଗି ଉପଲବ୍ଧ ସ୍ୱାସ୍ଥ୍ୟ ଭିତିଭୂମି, ଅଗ୍ରଣୀ ଯୋଦ୍ଧାମାନଙ୍କୁ ପ୍ରଦାନ କରାଯାଉଥିବା ସହାୟତା, ଅବରୋଧ ଅଂଚଳ ପରିଚାଳନା, ମାସ୍କ ବ୍ୟବହାର ଏବଂ ଅନ୍ୟ ସତର୍କତା ପଦକ୍ଷେପ ଗ୍ରହଣ କରିବା ଲାଗି ଅଭିଯାନ, ପରୀକ୍ଷା ସଂଖ୍ୟା ବୃଦ୍ଧି ଏବଂ ଘରକୁ ଫେରିଥିବା ପ୍ରବାସୀମାନଙ୍କୁ ଆୟଭିତିକ ନିଯୁକ୍ତି ସୁଯୋଗ ପ୍ରଦାନ ସମ୍ପର୍କରେ ସେମାନେ ଆଲୋଚନା କରିଥିଲେ । ଅନଲକ ୨.୦ : ପ୍ରଧାନମନ୍ତ୍ରୀ ମତାମତ ପାଇଁ ମୁଖ୍ୟମନ୍ତ୍ରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଆବଶ୍ୟକ ସତର୍କତା ଅବଲମ୍ବନ କରି ଆର୍ଥିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଆଲୋଚନା କରି, ଭୂତାଣୁ ମୁକାବିଲା କରିବା କ୍ଷେତ୍ରରେ ମିଳିତ ପ୍ରୟାସ ଆମମାନଙ୍କୁ ବିଜୟୀ କରାଇବ ବୋଲି ସେ ଉଲ୍ଲେଖ କରିଥିଲେ । ସେ ଲକଡାଉନ ସମ୍ପର୍କରେ ସୃଷ୍ଟି ହେଉଥିବା ଗୁଜବକୁ ଖଣ୍ଡନ କରିବାର ଆବଶ୍ୟକତା ରହିଛି ବୋଲି କହିବା ସହିତ ଦେଶ ବର୍ତମାନ ଅନଲକିଂ (ତାଲା ଖୋଲିବା) ପର୍ଯ୍ୟାୟରେ ରହିଛି ବୋଲି ପ୍ରକାଶ କରିଥିଲେ । ଆମେ ବର୍ତମାନ ଅଲଲକର ଦ୍ୱିତୀୟ ପର୍ଯ୍ୟାୟ ବିଷୟରେ ଚିନ୍ତା କରିବା ଏବଂ ଆମ ଲୋକମାନଙ୍କ କ୍ଷତି ହ୍ରାସ କରିବା ସମ୍ପର୍କରେ ଚିନ୍ତା କରିବା ଉଚିତ ବୋଲି ସେ କହିଥିଲେ । ସେ ଉଲ୍ଲେଖ କରିଥିଲେ ଯେ କଟକଣା ହ୍ରାସ କରାଯିବା ଫଳରେ ଅର୍ଥନୈତିକ ପ୍ରଦର୍ଶନର ସୂଚକାଙ୍କଗୁଡ଼ିକର ସଙ୍କେତକ ପୁନରୁଦ୍ଧାର ସଙ୍କେତ ଦେବା ଆରମ୍ଭ କରିଛି । ମୁଦ୍ରାସ୍ଫିତୀକୁ ମଧ ନିୟନ୍ତ୍ରଣ ମଧରେ ରଖାଯାଇଛି । ଭିତିଭୂମି ଏବଂ ନିର୍ମାଣ ସଂକ୍ରାନ୍ତ କାର୍ଯ୍ୟ ବଢ଼ାଇବା ଦିଗରେ ପଦକ୍ଷେପ ନେବାକୁ ସେ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଥିଲେ । ଏମଏସଏମଇ, କୃଷି ଏବଂ କୃଷି ବିପଣନ କ୍ଷେତ୍ରକୁ ପ୍ରୋତ୍ସାହନ ଲାଗି ଆତ୍ମନିର୍ଭର ଭାରତ ଅଭିଯାନ ଅନ୍ତର୍ଗତ ଗ୍ରହଣ କରାଯାଇଥିବା ପଦକ୍ଷେପର ତାଲିକା ସେ ଦେଇଥିଲେ । ଆଗାମୀ ମାସଗୁଡ଼ିକରେ ପ୍ରବାସୀ ଶ୍ରମିକମାନେ ସମ୍ମୁଖୀନ ହେବାକୁ ଥିବା ସମସ୍ୟାର ପ୍ରଭାବୀ ଢଙ୍ଗରେ ମୁକାବିଲା କରିବା ନିମନ୍ତେ ସତର୍କ ରହିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଗୃହମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବର୍ତମାନସୁଦ୍ଧା ଆମେ ଭୂତାଣୁର ମୁକାବିଲା କରିବା ଦିଗରେ ସଫଳ ହୋଇଛୁ, କିନ୍ତୁ ସଂଘର୍ଷ ଆହୁରି ବାକି ଅଛି । ଆମେ ଅନଲକ ଆରମ୍ଭ କରିଦେଇଥିବାରୁ ଆମକୁ ସତର୍କ ରହିବାକୁ ହେବ ବୋଲି ସେ ଗୁରୁତ୍ୱ ଦେଇ କହିଥିଲେ । ଆତ୍ମସୁରକ୍ଷା ପାଇଁ ଆରୋଗ୍ୟ ସେତୁ ଆପ ଡାଉନଲୋଡ କରିବାକୁ ପ୍ରୋତ୍ସାହନ ଦେବା ନିମନ୍ତେ ସେ ସମସ୍ତ ମୁଖ୍ୟମନ୍ତ୍ରୀମାନଙ୍କୁ ଅନୁରୋଧ କରିଥିଲେ । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସ୍ୱତନ୍ତ୍ର ଅଧିକାରୀ ଲକଡାଉନର ବିଭିନ୍ନ ପର୍ଯ୍ୟାୟ ଏବଂ ଅନଲକ ୧.୦ରେ ମାମଲା ହାର ନିରନ୍ତର ହ୍ରାସ ପାଇବା ସମ୍ପର୍କରେ ସୂଚନା ଦେଇଥିଲେ । ଲକଡାଉନର ସକାରାତ୍ମକ ଫଳାଫଳ କାରଣରୁ ବହୁସଂଖ୍ୟକ ସଂକ୍ରମଣ ମାମଲାକୁ ଏଡ଼ାଇ ଦିଆଯାଇପାରିଛି ଏବଂ ଜୀବନ ରକ୍ଷା କରାଯାଇପାରିଛି । ସଚେତନତା ବୃଦ୍ଧି ତଥା ସ୍ୱାସ୍ଥ୍ୟ ଭିତିଭୂମି ପ୍ରସ୍ତୁତ କରାଯିବା ସମ୍ଭବ ହୋଇପାରିଛି । ଭାରତରେ ପ୍ରତି ୧ଲକ୍ଷ ମାମଲାରେ ମୃତ୍ୟୁ ହାର ବିଶ୍ୱର ଅନ୍ୟ ରାଷ୍ଟ୍ର ତୁଳନାରେ ଖୁବ କମ ବୋଲି ସେ ସୂଚନା ଦେଇଥିଲେ ।

### ପରଲୋକରେ ବାଲେଶ୍ୱର....

ଦଳମତ ନିର୍ବିଶେଷରେ ସହର ସମେତ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଆସନ୍ତାକାଲି ଅର୍ଥାତ ୧୮ ତାରିଖ ସକାଳ ୬ଟାରେ ବାସଭବନରୁ ଏକ ଶୋଭାଯାତ୍ରାରେ ତାଙ୍କର ପାର୍ଥିବ ଶରୀରକୁ ସହରର ମୋତିଗଞ୍ଜ, ସିନେମାଛକ ଦେଇ ବିଜେପି ସଦର କାର୍ଯ୍ୟାଳୟକୁ ନିଆଯିବ । ସହଯୋଗୀ, ଦଳୀୟ କାର୍ଯ୍ୟକର୍ତ୍ତା, ସମର୍ଥକ ଓ ସାଧାରଣ ଲୋକଙ୍କ ଶେଷ ଦର୍ଶନ ତଥା ଶ୍ରଦ୍ଧାଞ୍ଜଳି ପ୍ରଦାନ ପାଇଁ କାର୍ଯ୍ୟାଳୟ ସମ୍ମୁଖ ଜିଲ୍ଲାସ୍କୁଲ ପଡ଼ିଆରେ ତାଙ୍କ ମର ଶରୀରକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରଖାଯିବ । ପରେ ବିରାଟ ପଟୁଆରରେ ବାଲିଘାଟ ଶ୍ମଶାନକୁ ନେଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯିବାକୁ ନିଷ୍ପତି ନିଆଯାଇଥିବା ବିଜେପି ଜିଲ୍ଲା କର୍ମକର୍ତ୍ତା ସୂଚନା ଦେଇଛନ୍ତି । ତେବେ ସଦର ବିଧାୟକଙ୍କର ଆକଳ ବିୟୋଗକୁ ନେଇ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ ଜରିଆରେ ଶୋକ ପ୍ରକାଶ କରିଥିବା ବେଳେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଶୋକବାର୍ତ୍ତା ପଠାଇବା ସହ ରାତିରେ ବାଲେଶ୍ୱର ପହଞ୍ଚି ବିଧାୟକଙ୍କ ପରିବାରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ସେହିଭଳି ଶ୍ରୀ ଦତ୍ତଙ୍କର ଦେହାନ୍ତକୁ ନେଇ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ମନମୋହନ ସାମଲ ଓ ପଦ୍ମଲୋଚନ ପଣ୍ଡା, ପୂର୍ବତନ ବିଧାୟକ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜୀବନ ପ୍ରଦୀପ ଦାଶ, ସମାଜସେବୀ ସୁବାସିନୀ ଜେନା ପ୍ରମୁଖ ଗଭୀର ଶୋକ ପ୍ରକାଶ ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଜଣେ ଦକ୍ଷ ସଂଗଠକ ଭାବେ ବାଲେଶ୍ୱରରେ ବିଜେପିର ସାଂଗଠନିକ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ରାଜନୀତିରେ ପାଦ ଥୋଇ ପ୍ରଥମେ ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପରେ ରେମୁଣା ବ୍ଲକ ଅଧ୍ୟକ୍ଷ ଓ ଗତ ସାଧାରଣ ନିର୍ବାଚନରେ ସଦର ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ସେ । ନିଜକୁ ଜଣେ ନେତା ପରିବର୍ତ୍ତେ କର୍ମୀ ଭାବେ ଭାବି ସଂଗଠନକୁ ଆଗକୁ ନେବା ସହିତ ସାଧାରଣ ଲୋକଙ୍କର ଅତି ନକଟତର ହୋଇପାରିଥିଲେ ସେ । ସାଧାରଣ ଲୋକଙ୍କର କୌଣସି କାର୍ଯ୍ୟ କରିବା ପାଇଁ ସେ ଅନ୍ୟାନ୍ୟ ରାଜନେତାଙ୍କ ଭଳି ପ୍ରତିଶ୍ରୁତି ଦେଉନଥିଲେ, ବରଂ କାର୍ଯ୍ୟଟିକୁ ଖୁବଶୀଘ୍ର କରି ଦେଖାଉଥିଲେ । ପ୍ରଥମ ଥର ପାଇଁ ବିଧାନସଭା ନିର୍ବାଚନରେ ଜୀବନ ପ୍ରଦୀପ ଦାଶଙ୍କୁ ବିଜେପି ଟିକେଟରେ ବିଜୟୀ କରି କରିବାରେ ମଦନ ମୋହନ ଦତ୍ତଙ୍କର ଉଲ୍ଲେଖନୀୟ ଭୂମିକା ଥିଲା । ଗତ ନିର୍ବାଚନରେ ଶ୍ରୀ ଦାଶଙ୍କୁ ହରାଇ ନିଜେ ବିଧାୟକ ଭାବେ ନିର୍ବାଚିତ ହେବା ସହ ସେ ତାଙ୍କର ସାଂଗଠନିକ ଦକ୍ଷତା ଓ ଲୋକପ୍ରିୟତାର ପ୍ରମାଣ ଦେଇ ପାରିଥିଲେ । ତେବେ ବିଧିର ବିଧାନ ଆଗରେ ତାଙ୍କର ସମସ୍ତ ଉଦ୍ୟମ ବ୍ୟର୍ଥ ହୋଇଛି । ବିଧାୟକ ହେବାର ୬ ମାସ ମଧ୍ୟରେ ରୋଗାକ୍ରାନ୍ତ ହୋଇ ଆଜି ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଜଣେ ମେଳାପୀ, ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତିତ୍ୱ ଭାବେ ତାଙ୍କର ଦେହାନ୍ତ ବାଲେଶ୍ୱର ରାଜନୀତିରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି ।

### ଶତ୍ରୁକୁ କଡା ଜବାବ୍....

ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ଆମ ପାଇଁ ସର୍ବୋଚ୍ଚ ଏବଂ ଏହାକୁ ସୁରକ୍ଷା ଦେବାରେ ଆମକୁ କେହି ରୋକି ପାରିବେ ନାହିଁ । ଭାରତ ଶାନ୍ତି ଚାହୁଁଛି କିନ୍ତୁ ଉସକାଇବାପରେ ପ୍ରତ୍ୟେକ ପରିସ୍ଥିତିରେ ଭାରତ ସଠିକ୍ ଉତର ଦେବାକୁ ସକ୍ଷମ । ସେ କହିଛନ୍ତି ଯେ ଆମର ଧୈର୍ଯ୍ୟକୁ କେହି ପରୀକ୍ଷା କରିବା ଉଚିତ୍ ନୁହେଁ । ପରିସ୍ଥିତି ଯାହା ବି ହଉ , ଯେତେବେଳେ ବି ଭାରତ ଉସକାଯାଏ, ଭାରତ ଏହାର ଜବାବ ଦେଇଛି ।

### ପ୍ରତି ପଂଚାୟତରେ ....

ପାଇଁ ପ୍ରତି ପଂଚାୟତରେ ଆମେ ଟିଏମ୍‌ସି କରିଛୁ, ସେଠାରେ ସେମାନଙ୍କର ଉପଯୁକ୍ତ ଯତ୍ନ ନିଆଯିବା ସହିତ ପ୍ରୋତ୍ସାହନର ବ୍ୟବସ୍ଥା ମଧ କରାଯାଇଛି । ଟିଏମ୍‌ସିର ପରିଚାଳନାରେ ଆମର ସରପଂଚମାନଙ୍କର ସହଯୋଗ ଓ ଦାୟିତ୍ୱବୋଦ ପ୍ରଶଂସନୀୟ । ସେମାନଙ୍କର ପରିଶ୍ରମ ଓ ତ୍ୟାଗ ରୋଗକୁ ନିୟନ୍ତ୍ରଣ ଭିତରେ ରଖିବାରେ ବଡ଼ ଭୂମିକା ନେଇଛି । ସେ କହିଛନ୍ତି ଯେ ଜୁନ୍ ମାସ ଆମମାନଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଲକ୍‌ଡାଉନ୍ ଧିରେଧିରେ ଖୋଲୁଛି । ଧିରେ ଧିରେ ଗମନାଗମନ ବଢୁଛି । ଆଗକୁ ଲୋକଙ୍କ ଯାତାୟତ ବଢ଼ିବ । ଜୀବନ ସହିତ ଜୀବିକା ଉପରେ ମଧ ଆମକୁ ଜୋର୍ ଦେବାକୁ ପଡୁଛି । ତେଣୁ ବର୍ତମାନ ଆମକୁ ଅଧିକ ସତର୍କ ରହିବାକୁ ପଡ଼ିବ । ପରିବର୍ତିତ ପରିସ୍ଥିତିରେ ଆମକୁ ଆମ ରଣକୌଶଳ ବଦଳାଇବାକୁ ପଡ଼ିବ । ଗୋଷ୍ଠୀ ସଚେତନତା ସହିତ ପରିଚାଳନାର ବିକେନ୍ଦ୍ରିକରଣ ବର୍ତମାନ ଖୁବ୍ ଜରୁରୀ ହୋଇପଡ଼ିଛି । ପ୍ରବାସୀମାନଙ୍କ ଆଗମନ ଧିରେ ଧିରେ କମୁଛି । ଅନେକ ଟିଏମ୍‌ସିର କାର୍ଯ୍ୟ ମଧ ଶେଷ ହୋଇଆସିଲାଣି । ତେଣୁ କେତେକ କ୍ଲଷ୍ଟରରେ ଟିଏମ୍‌ସି ଖୋଲା ରଖାଯାଇଛି । ଯଦି କେହି ପ୍ରବାସୀ ଆସନ୍ତି ତେବେ ସେମାନଙ୍କୁ ସେଠାରେ ରଖାଯିବ । କରୋନା ସହିତ ଆମର ଯୁଦ୍ଧ ଏକ ଲମ୍ବା ଲଢ଼େଇ । ଆମେ ସମସ୍ତେ ସଚେତନ ହେଲେ ହିଁ ଏହାକୁ ଦୂରେଇ ଦେଇପାରିବା । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ୍ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟିପାଇଁ ଆମେ ଅଭିଯାନ ଆରମ୍ଭ କରିଛୁ । ତା' ସହିତ ଘରକୁ ଘର ବୁଲି ସର୍ଭେ କାମ ଆରମ୍ଭ ହୋଇଛି । ସେ ଆହୁରି କହିଛନ୍ତି ଯେ, କରୋନା ମୁକାବିଲାର ନୂତନ ରଣକୌଶଳର ଅଂଶ ସ୍ୱରୂପ ଆମେ ପ୍ରତି ପଂଚାୟତରେ କୋଭିଡ କେୟାର ହୋମ୍ ଫାସିଲିଟି କରିବା ପାଇଁ ବ୍ୟବସ୍ଥା କରିଛୁ । ଏଥିରେ ୧୦ରୁ ୨୦ଜଣ ବ୍ୟକ୍ତି ରହିବାର ବ୍ୟବସ୍ଥା କରାଯିବ । ଏହାଦ୍ୱାରା ଆମେ ସାରା ରାଜ୍ୟରେ ଗ୍ରାମାଂଚଳରେ ପ୍ରାୟ ୭୦ ହଜାର ଲୋକଙ୍କର ରହିବା ପାଇଁ ବ୍ୟବସ୍ଥା କରିପାରିବା । ଥଣ୍ଡା, ଜ୍ୱର ଓ କାଶ ଲକ୍ଷଣ ଥିବା ବ୍ୟକ୍ତିମାନଙ୍କୁ ସିଧାସଳଖ ହସ୍‌ପିଟାଲ ନିଆନଯାଇ ପ୍ରଥମେ କୋଭିଡ୍ କେୟାର୍ ହୋମ୍‌କୁ ଅଣାଯିବ ।

# ସହରାଂଚଳ ଲୋକଙ୍କୁ ମିଳିବ ଆକ୍ୱାଗାର୍ଡ ମାନର ପିଇବା ପାଣି

ଭୁବନେଶ୍ୱର,୧୭।୬ (ନି.ପ୍ର): ରାଜ୍ୟର ଚାରିଟି ମହାନଗର ନିଗମରେ ଖୁବଶୀଘ୍ର ଟ୍ୟାପ୍ ଯୋଗେ ୨୪ ଘଂଟିଆ ବିଶୁଦ୍ଧ ପାନୀୟଜଳ ଯୋଗାଣ ଉପଲବ୍ଧ ହେବ । ଲୋକେ ସିଧାସଳଖ ଏହି ଟ୍ୟାପରୁ ଆକ୍ୱାଗାର୍ଡ ମାନର ପାଣି ପିଇପାରିବେ । ଭୁବନେଶ୍ୱର ମହାନଗର ନିଗମର କେତେକ ୱାର୍ଡରେ ପ୍ରଥମ ପର୍ଯ୍ୟାୟରେ ଏଭଳି ଜଳଯୋଗାଣ ଆରମ୍ଭ ହୋଇଥିବାବେଳେ ବ୍ରହ୍ମପୁର, ପୁରୀ ଓ କଟକରେ ମଧ ବିଶୁଦ୍ଧଜଳ ଯୋଗାଇ ଦିଆଯିବ । ଏହି ତାଲିକାରେ ସମ୍ବଲପୁର ମହାନଗର ନିଗମକୁ ଅର୍ନ୍ତଭୁକ୍ତ ଲାଗି ସରକାରୀ ସ୍ତରରେ ମତପ୍ରକାଶ ପାଇଛି । ରାଜ୍ୟ ପଂଚାୟତିରାଜ ଓ ପାନୀୟଜଳ, ଗୃହ ଓ ନଗର ଉନ୍ନୟନ ଓ ଆଇନ୍ ମନ୍ତ୍ରୀ ପ୍ରତାପ ଜେନା ଆଜି ସହରାଂଚଳରେ ୱାଟ୍ କୋର ପାନୀୟ ଜଳଯୋଗାଣ ସଂକ୍ରାନ୍ତରେ ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ୱାଟକୋର ପରିଚାଳନା ନିର୍ଦ୍ଦେଶକ ପି.କେ.ସ୍ୱାଇଁଙ୍କ ସମେତ ଅନ୍ୟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ । ସମୀକ୍ଷା ସମୟରେ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ୱାଟକୋ ପକ୍ଷରୁ ଜଳଯୋଗାଣ ସଂକ୍ରାନ୍ତରେ ଶ୍ରୀ ସ୍ୱାଇଁ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । କଟକ ମହାନଗର ନିଗମରେ ୱାଟକୋ ପକ୍ଷରୁ ଜଳଯୋଗାଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବାକୁ ଥିବାବେଳେ ପୁରୀରେ ଲୋକେ ଖୁବଶୀଘ୍ର ବିଶୁଦ୍ଧଜଳ ପାଇପାରିବେ ବୋଲି ଅଧିକାରୀମାନେ ମନ୍ତ୍ରୀଙ୍କୁ ଅବଗତ କରିଛନ୍ତି । ଉଲ୍ଲେଖନୀୟ ଯେ ସହରାଂଚଳରେ ଲୋକଙ୍କୁ ପାଇପ୍ ଯୋଗେ 'ଆକ୍ୱାଗାର୍ଡ' ମାନର ବିଶୁଦ୍ଧ ଜଳଯୋଗାଣ ଲାଗି ୱାଟକୋ ପକ୍ଷରୁ ପଦକ୍ଷେପ ନିଆଯାଉଛି । ଏଥିପାଇଁ ସ୍ୱତନ୍ତ୍ର ଭାବେ ପାଇପ୍ ବିଛାଯିବା ସହିତ ପ୍ରତ୍ୟେକ ଲୋକଙ୍କ ଘରକୁ ଉନ୍ନତମାନର କଳଙ୍କବିହୀନ ପାଇପ୍ ସଂଯୋଗ ହେଉଛି ।

# ଲଦାଖ ସୀମା ପରିସ୍ଥିତି ନେଇ ମିଳିତ ପ୍ରତିରକ୍ଷା ସେବା ମୁଖ୍ୟ ଓ ତିନି ସେନା ମୁଖ୍ୟଙ୍କ ସହ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ସମୀକ୍ଷା



ନୂଆଦିଲ୍ଲୀ,୧୭।୬ (ନି.ପ୍ର): ପ୍ରତିରକ୍ଷା ମନ୍ତ୍ରୀ ଆଜି ଲଦାଖ ସୀମା ପରିସ୍ଥିତି ନେଇ ନୂଆଦିଲ୍ଲୀଠାରେ ଏକ ବୈଠକରେ ସମୀକ୍ଷା କରିଛନ୍ତି । ବୈଠକରେ ପ୍ରତିରକ୍ଷା ସେବା ମୁଖ୍ୟ ତଥା ସାମରିକ ବ୍ୟାପାର ବିଭାଗ ସଚିବ ଜେନେରାଲ ବିପିନ ରାୱତ, ସ୍ଥଳସେନା ଅଧକ୍ଷ ଜେନେରାଲ ଏମ ଏମ ନରବଣେ, ନୌସେନା ଅଧକ୍ଷ ଆଡମିରାଲ କରମବିର ସିଂହ ଓ ବାୟୁ ସେନାଧକ୍ଷ ଏୟାର ଚିଫ ମାର୍ଶାଲ ଆର. କେ. ଏସ. ଭାଦୌରିଆ ଉପସ୍ଥିତ ଥିଲେ । ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ପରେ ଏକ ଟ୍ୱିଟ ଯୋଗେ ସୀମା ସଂଘର୍ଷରେ ପ୍ରାଣବଳି ଦେଇଥିବା ଜବାନମାନଙ୍କ ଉଦ୍ଦେଶ୍ୟରେ ଗଭୀର ଶୋକ ପ୍ରକାଶ କରିଥିଲେ । ସେ କହିଥିଲେ ଯେ, "ଗଲୱାନରେ ସୈନିକମାନଙ୍କ ପ୍ରାଣବଳି ଖୁବ ହୃଦୟ ବିଦାରକ ଓ ଯନ୍ତ୍ରଣା ଦାୟକ । ଆମର ବୀର ଜବାନମାନେ ଦୃଷ୍ଟାନ୍ତମୂଳକ ସାହସିକତା ଓ ଅସାଧାରଣ କର୍ତବ୍ୟନିଷ୍ଠା ପ୍ରଦର୍ଶନ କରି ଭାରତୀୟ ସେନାର ପରମ୍ପରା ଅନୁସାରେ ସେମାନଙ୍କର ପ୍ରାଣ ଉତ୍ସର୍ଗ କରିଛନ୍ତି । ସେମାନଙ୍କର ଏହି ସାହସ ଓ ତ୍ୟାଗକୁ ଦେଶ କେବେ ଭୁଲିପାରିବ ନାହିଁ । ପ୍ରାଣବଳି ଦେଇଥିବା ଏହି ସୈନିକମାନଙ୍କ ପରିବାର ବର୍ଗଙ୍କୁ ମୁଁ ଗଭୀର ସମବେଦନା ଜଣାଉଛି । ଏଭଳି କଠିନ ପରିସ୍ଥିତିରେ ସମଗ୍ର ଦେଶ ସେମାନଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ଠିଆ ହୋଇଛି । ଭାରତର ଏହି ବୀର ସୈନିକମାନଙ୍କ ଅସୀମ ସାହସ ପାଇଁ ଆମେ ଗର୍ବିତ," ବୋଲି ସେ କହିଛନ୍ତି ।

# ଭୁବନେଶ୍ୱରରୁ ପୁଣି ୧୭ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୧୭।୬ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରେ ବୁଧବାର ୧୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୪ ହୋମ୍ କ୍ୱାରେଂଟିନରୁ ଚିହ୍ନଟ ହୋଇଥିବା ବେଳେ ୩ ଜଣ ଲୋକାଲ୍ କଂଟାକ୍ଟ କେସ୍ ଥିବା ଟ୍ୱିଟ୍ କରି ସୂଚନା ଦେଇଛିବିଏମସି । ୧୪ ଟି କେସ୍ ମଧ୍ୟରେ ୭ ଜଣ ରେଲୱେ କର୍ମଚାରୀ ରହିଛନ୍ତି । ସେହିପରି ୩ ଲୋକାଲ କଂଟାକ୍ଟ କେସ୍ ରୁ ୨ ପୁରୁଷ ଏବଂ ଜଣେ ମହିଳା ରହିଛନ୍ତି । ବିଏମସିର ସୂଚନା ଅନୁଯାୟୀ ୭ ଜଣ ପୁରୁଷ ରେଲୱେ କର୍ମଚାରୀଙ୍କ ବୟସ ଯଥାକ୍ରମେ ୩୬, ୪୦,୩୧,୪୦,୩୫ ,୩୬ ଓ ୩୬ ରହିଛି । ସେମାନେ ଦିଲ୍ଲୀରୁ ଫେରିଥିବା ସୂଚନା ମିଳିଛି । ସେହିପରି ଏୟାରପୋର୍ଟ ନିକଟ ଭୀମପୁର ଅଂଚଳରେ ଗୋଟିଏ ପରିବାରର ୨ ଜଣ ପଜିଟିଭ୍ ବାହାରିଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ୩୪ ବର୍ଷୀୟ ପୁରୁଷ ଓ ୬୨ ବର୍ଷୀୟ ମହିଳା । ସେମାନଙ୍କ ପରିବାରର ଅନ୍ୟ ଜଣେ ସଦସ୍ୟ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ଏବଂ ସେ ଦିଲ୍ଲୀରୁ ଫେରିଥିଲେ । ସେହିପରି ମା ଶକ୍ତି ହସ୍ପିଟାଲ ନିକଟ ଭୀମପୁରର ଜଣେ ୬୪ ବର୍ଷୀୟ ପୁରୁଷ କରୋନା ପଜିଟିଭ୍ ବାହାରିଛନ୍ତି । ସେ ମଧ୍ୟ ଦିଲ୍ଲୀରୁ ଫେରିଥିଲେ । ଡୁମଡୁମା ହାଉସିଂ ବୋର୍ଡ କଲୋନୀରୁ ଜଣେ ୨୫ ବର୍ଷୀୟ ଦିଲ୍ଲୀ ଫେରନ୍ତା ଯୁବକ , ନୟାପଲ୍ଲୀ ଶବର ସାହିର ୨୦ ବର୍ଷୀୟ ମହିଳା ଓ ୧୫ ବର୍ଷୀୟ ଯୁବକ ଦିଲ୍ଲୀରୁ ଫେରି ପଜିଟିଭ୍ ହୋଇଥିବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି । ସେହିପରି ଅନ୍ୟ ଜିଲ୍ଲାର ଜଣେ ୨୪ ବର୍ଷୀୟ ମହିଳା ଭୁବନେଶ୍ୱରରେ ପେଡ୍ କ୍ୱାରେଂଟାଇନ୍ ରେ ରହି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଅପରପକ୍ଷରେ ଲୋକାଲ କେସ୍ ମଧ୍ୟରେ ଜଣେ ପୁରୀ କେନାଲ ନିକଟ ନହରକଂଟା ଅଂଚଳର ୨୭ ବର୍ଷୀୟ ପୁରୁଷ ରହିଛନ୍ତି । ଅନ୍ୟଜଣେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ହସ୍ପିଟାଲର ୩୨ ବର୍ଷୀୟ ପୁରୁଷ କର୍ମଚାରୀ ଏବଂ ଜୟଦେବ ବିହାର ଅଂଚଳରେ ରହୁଥିବା ତଥା ଘରୋଇ ହସ୍ପିଟାଲର ୩୭ ବର୍ଷୀୟ ମହିଳା କର୍ମଚାରୀ ରହିଛନ୍ତି । ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪୯ ଥିବା ବେଳେ ସେଥିମଧ୍ୟରୁ ୮୨ ସୁସ୍ଥ ଓ ୩ ଜଣଙ୍କର ମୃତ୍ୟୁ ହୋଇଛି । ୬୪ ଜଣ ଏବେବି ଚିକିତ୍ସିତ ହେଉଛନ୍ତି । ଆଜି ମଧ ୭ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ନେଇ ଟ୍ୱିଟ୍ କରିଛି ବିଏମ୍ସି ।

# ଯବାନଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୭।୬ (ନି.ପ୍ର): ଗତ ସୋମବାର ଦିନ ଚୀନ ଓ ଭାରତ ସୀମା ଲଦାଖର ଗାଲୱାନ ଉପତ୍ୟାକାଠାରେ ନିଜର ସୀମାକୁ ରକ୍ଷା କରିବାକୁ ଯାଇ ଚୀନ ସେନାଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଦୁଇ ଓଡ଼ିଆ ଯବାନଙ୍କ ପରିବାରକୁ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୫ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ସହାୟତା ରାଶି ଦିଆଯିବ । ମୃତ୍ୟୁବରଣ କରିଥିବା ଓଡ଼ିଆ ଯବାନ ହେଲେ କନ୍ଧମାଳ ଜିଲ୍ଲାର ରାଇକିଆ ଅଂଚଳର ଚନ୍ଦ୍ରକାନ୍ତ ପ୍ରଧାନ ଏବଂ ମୟୁରଭଂଜ ଜିଲ୍ଲା ବିଜାତଳା ବ୍ଲକ ଅଚଂଳର ନନ୍ଦୁରାମ ସୋରେନ୍ । ଶହୀଦ ପ୍ରଧାନ ସେନାରେ ୨ ବର୍ଷ ପୂର୍ବରୁ ଯୋଗ ଦେଇଥିଲା ବେଳେ ଶହୀଦ ସୋରେନ୍ ୬ ବର୍ଷ ପୂର୍ବରୁ ସେନାରେ ଯୋଗ ଦେଇଥିଲେ ।

# ଧୋକାବାଜ ଚୀନ ଉପରେ ଭାରତ ଖପ୍ପା : ଜୋର ଧରିଲା ଧାରଣା

ନୂଆଦିଲ୍ଲୀ,୧୭।୬ (ନି.ପ୍ର): ଲାଇନ ଅଫ୍ ଏକଚୁଆଲ କଂଟ୍ରୋଲ (ଏଲଏସି) ଉପରେ ଚୀନର ଧୋକାବାଜି ଦ୍ୱାରା ୨୦ ଭାରତୀୟ ଯବାନଙ୍କ ଶହୀଦ ହେବା ପରେ ଦେଶ ଖପ୍ପା ହୋଇଛି । ଏହାକୁ ନେଇ ଜାଗା ଜାଗାରେ ଧାରଣା ଆରମ୍ଭ ହୋଇଯାଇଛି ଏବଂ କେତେକ ସ୍ଥାନରେ ଚୀନ ସାମଗ୍ରୀରେ ନିଆଁ ଲଗାଇଦେଇଛନ୍ତି । ଚୀନର ଧୋକାବାଜର ବଦଳା ନେବା ପାଇଁ ଦାବି ହେଉଛି । ଦିଲ୍ଲୀରେ ଥିବା ଚୀନର ଦୂତାବାସ ଉପରେ ସ୍ୱଦେଶୀ ଜାଗରଣ ମଂଚର କାର୍ଯ୍ୟକର୍ତାମାନେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥିରେ ସେନାର ରିଟାର୍ଡ଼ ଜବାନ ମଧ୍ୟ ସାମିଲ ଥିଲେ । ପୋଲିସ ପ୍ରଦର୍ଶନକାରୀଙ୍କୁ ରୋକିବାକୁ ଚେଷ୍ଟା କରିଥିଲା । କିନ୍ତୁ ସେମାନେ ମାନି ନଥିବାରୁ ତାଙ୍କୁ ଅଟକ ରଖାଯାଇଥିଲା । ସେହିପରି କୋଲକତାରେ ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ (ଏବିଭିପି) କାର୍ଯ୍ୟକର୍ତାମାନେ ପ୍ରଦର୍ଶନ କରିଥିଲେ । ଗୁଜୁରାଟ, ଉତର ପ୍ରଦେଶ, ରାଜସ୍ଥାନ ଓ ମଧ୍ୟପ୍ରଦେଶ ଆଦି କେତେକ ଜିଲ୍ଲାରେ ଚୀନର ଧୋକାବାଜିକୁ ନେଇ ଧାରଣା ପ୍ରଦର୍ଶନ କରିଥିଲେ । ୨୦ ଜବାନଙ୍କ ମୃତ୍ୟୁର ବଦଲା ନେବାକୁ କହିଥିଲେ । ଚୀନର ଚାଲବାଜିକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏକ ଉଚ୍ଚସ୍ତରୀୟ ମିଟିଂ ଜାରି ରଖିଥିଲେ ଯାହାକି ଚୀନକୁ ମୁହଁତୋଡ଼ ଜବାବ ଦିଆଯାଇପାରିବ । କିଛି ଟେଲିଭିଜନ ଚେନାଲ ଚାଇନିଜ କମ୍ପାନୀର ବିଜ୍ଞାପନ ଦେଖାଇବାକୁ ବନ୍ଦ କରିଛନ୍ତି । ଧୋକାବାଜ ଚୀନ ସୋମବାର ରାତିରେ ଭାରତୀୟ ସୈନିକ ଉପରେ ଗଲୱାନ ଘାଟିରେ କରିଥିବା ହାମଲା ଏକ ଯୋଜନା ଥିଲା । ଲୁହା ରଡ଼ରେ ଚୀନର କାଡିଲ ଯବାନ ୧୬ ବିହାର ରେଜିମେଂଟ ଜବାନଙ୍କ ଉପରେ ପ୍ରହାର କରିଥିଲେ । ଏଥିରେ କମାଣ୍ଡିଂ ଅଫିସର କର୍ଣ୍ଣେଲ ସନ୍ତୋଷ ବାବୁଙ୍କ ସହିତ ୨୦ ଯବାନ ଶହୀନ ହୋଇଛନ୍ତି । ଜଣାପଡ଼ିଛି ଯେ, ଚୀନର ସୈନିକମାନ ଭାରତୀୟ ସୈନିକ ମାନଙ୍କ ଉପରକୁ ଉଚାରୁ ବଡ଼ ବଡ଼ ପଥର ମାନ ପିଙ୍ଗିଥିଲେ । କେତେକ ଭାରତୀୟ ସୈନିକ ଚୀନର ସୈନିକ ମାନଙ୍କୁ ସାମନା କରିଥିଲେ । କିନ୍ତୁ ହଠାତ୍ ଭାରତୀୟ ସୈନ୍ୟଙ୍କ ପାଖରେ ସୁରକ୍ଷା ପାଇଁ ମୌକା ନଥିଲା । ଏହି ସଂଘର୍ଷରେ ଚୀନର ୪୦ ଜଣ ସୈନିକଙ୍କ ମୃତ୍ୟୁ ଘଟିଛି ବୋଲି କୁହାଯାଉଛି । ରିପୋର୍ଟ ଅନୁସାର ଏହି ସଂଘର୍ଷରେ ଚୀନର କମାଣ୍ଡିଂ ଅଫିସର ମଧ୍ୟ ମୃତ୍ୟୁବରଣ କରିଥିବା କୁହାଯାଉଛି ।

# ବିଧାୟକ ମଦନମୋହନ ଦତ୍ତଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର,୧୭।୬ (ନି.ପ୍ର): ବାଲେଶ୍ୱର ସଦର ବିଜେପି ବିଧାୟକ ମଦନମୋହନ ଦତଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ ନାଏକ ଗଭୀର ଶୋକ ପ୍ରକାଶ କରିବା ସହ ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି । ସ୍ୱର୍ଗତଃ ଦତ ଜଣେ ଦକ୍ଷ ସଙ୍ଗଠକ ଏବଂ ଲୋକପ୍ରିୟ ଜନନେତା ଭାବେ ବେଶ ଜଣାଶୁଣା ଥିଲେ । ସବୁ ସମୟରେ ସେ ଲୋକଙ୍କ ସୁଖ ଦୁଃଖରେ ସାମିଲ ହେଉଥିଲେ । ନିଜ ବିଧାନସଭାର ପ୍ରତିଟି ବ୍ୟକ୍ତି ପାଇଁ ସେ ପୂରା ସମର୍ପିତ ଥିଲେ । ସାଧାରଣ ଗରୀବ ଲୋକଟିଏ କିପରି ସରକାରୀ ଯୋଜନାର ଲାଭ ଉଠାଇ ପାରିବ ସେ ନେଇ ସ୍ୱର୍ଗତଃ ଦତ ଅହରହ ଉଦ୍ୟମ ଚଲାଇଥିଲେ । ତାଙ୍କ ବିୟୋଗ ଓଡିଶା ରାଜନୀତିରେ ଏକ ଅପୂରଣୀୟ କ୍ଷତି । ମୃତ୍ୟୁ ବେଳକୁ ତାଙ୍କୁ ୬୩ ବର୍ଷ ବୟସ ହୋଇଥିଲା । ସ୍ୱର୍ଗତଃ ଦତଙ୍କ ବିୟୋଗରେ ଶ୍ରୀ ମହାନ୍ତି ଏବଂ ଶ୍ରୀ ନାଏକ ଅତ୍ୟନ୍ତ ମର୍ମାହତ ବୋଲି କହିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

# ଦୁଇ ଶହୀଦ ଓଡିଆ ଯବାନଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ,୧୭।୬ (ନି.ପ୍ର): ଭାରତ ଓ ଚୀନ ସୀମାରେ ସଂଘର୍ଷ ଯୋଗୁଁ ଶହୀଦ ହୋଇଥିବା ଓଡିଶାର କନ୍ଧମାଳ ଓ ରାଇରଙ୍ଗପୁରର ୨ ଓଡିଆ ବୀର ଯବାନଙ୍କୁ ସାମାଜକି ଗଣମାଧମରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ କରି କହିଛନ୍ତି ଯେ, ଭାରତ ଓ ଚୀନ ସୀମାରେ ସଂଘର୍ଷ ଯୋଗୁଁ ଓଡିଶାର କନ୍ଧମାଳ ଓ ରାଇରଙ୍ଗପୁରର ୨ ଓଡିଆ ବୀର ଯବାନ ଚନ୍ଦ୍ରକାନ୍ତ ପ୍ରଧାନ ଓ ନନ୍ଦୁରାମ ସୋରେନ ଶହୀଦ ହେବା ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ । ଉଭୟଙ୍କୁ ମୋର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଜଣାଉଛି । ଦେଶ ମାତୃକା ପାଇଁ ସେମାନଙ୍କ ବଳଦାନ ବ୍ୟର୍ଥ ଯିବ ନାହିଁ, ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ତୈଳ ଦର ବୃଦ୍ଧି ବୋଝ ଉପରେ ନଳିତା ବିଡ଼ା ସଦୃଶ : ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର,୧୭।୬ (ନି.ପ୍ର): ବର୍ତମାନ ତୈଳ ବ୍ୟାରେଲ ପିଛା ୩୦ ଟଙ୍କା କମ ଦର ଥିବା ସତ୍ୱେ ପ୍ରତିଦିନ ଡିଜେଲ ଓ ପେଟ୍ରୋଲ ଦର ବଢ଼ି ବଢ଼ି ଯାଉଛି । ପ୍ରତି ଲିଟର ପିଛା ପ୍ରାୟ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ରସରକାର ମିଶି ୬୦ ଟଙ୍କାରୁ ଉର୍ଦ୍ଧ କମଉଛନ୍ତି । କରୋନା ନାଁରେ ଏ ଦେଶକୁ ଓ ସାଧାରଣ ଲୋକଙ୍କୁ ଶୋଷଣ କରିବାରେ ଲାଗିଛନ୍ତି ।

# ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ପୂର୍ବତନ ସିଡ଼ିଏମଓ କୋର୍ଟ ଚାଲାଣ

ଭୁବନେଶ୍ୱର,୧୭।୬ (ନି.ପ୍ର): ଜଣେ ମହିଳାଙ୍କୁ ଅସଦାଚାରଣ କରିଥିବା ଅଭିଯୋଗରେ ଖୋର୍ଦ୍ଧା ସଦର ପୋଲିସ ଖୋର୍ଦ୍ଧାର ପୂର୍ବତନ ସିଡ଼ିଏମଓ ବୈଦ୍ୟନାଥ ନାୟକଙ୍କୁ ଗିରଫ କରିବା ସଂଗେ ସଂଗେ କୋର୍ଟ ଚାଲାଣ କରିଛନ୍ତି । ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନାୟକଙ୍କ ପାଖକୁ ଚିକିତ୍ସା ପାଇଁ ସମ୍ପୃକ୍ତ ମହିଳା ଏକୁଟିଆ ଆସିଥିଲେ । ତାର ସୁଯୋଗ ନେଇ ତାଙ୍କ ପ୍ରତି ସେ ଅସଦାଚରଣ କରିଥିଲେ । ଏ ସମ୍ପର୍କରେ ଟାଉନ ଥାନାରେ ଅଭିଯୋଗ ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା ।

# ଗ୍ରାମାଂଚଳରେ ୨୬.୧୮ ଲକ୍ଷ ପକ୍କାଘର ନିର୍ମାଣ ପୂର୍ଣ୍ଣାଙ୍ଗ

## ସମସ୍ତ ଭୂମିହୀନ ଲୋକଙ୍କୁ ଘରଡିହ ଯୋଗାଇବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର,୧୭।୬ (ନି.ପ୍ର): ଗ୍ରାମାଂଚଳର ସମସ୍ତ ଗରୀବ ପରିବାରଙ୍କ କଚ୍ଚା ଘରକୁ ପକ୍କା ଘରରେ ପରିଣତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ଗତ ୫ ବର୍ଷ ମଧରେ ୨୫ ଲକ୍ଷ ୧୮ ହଜାର ୪ ଶହ ୯୭ ପକ୍କା ଗୃହ ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇଛି । ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଗ୍ରାମୀଣ ଗୃହ ନିର୍ମାଣ ସମ୍ବନ୍ଧିତ ଏକ ଉଚ୍ଚସ୍ତରୀୟ ବୈଠକରୁ ଏହା ଜଣା ପଡ଼ିଛି । ରାଜ୍ୟ ଲୋକସେବା ଭବନ ସଭାଗୃହଠାରେ ଅନୁଷ୍ଠିତ ଏହି ବୈଠକରେ ପଂଚାୟତ ଓ ପାନୀୟ ଜଳ ଯୋଗାଣ ପ୍ରମୁଖ ଶାସନ ସଚିବ ଦେଓ ରଂଜନ କୁମାର ସିଂ ଏ ସମ୍ବନ୍ଧୀୟ ବିଷୟବସ୍ତୁ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ । ଚଳିତ ମାସ ପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତି ସମୀକ୍ଷା କରି ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର କାର୍ଯ୍ୟାନ୍ୱୟନକୁ ଅଧିକ ହିତାଧିକାରୀ-କେନ୍ଦ୍ରିକ କରିବା ପାଇଁ ମୁଖ୍ୟ ଶସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ । ପକ୍କା ଘର ପାଇବା ପାଇଁ ଅପେକ୍ଷାରତ ତାଲିକା ଅନ୍ତର୍ଭୁକ୍ତ ସମସ୍ତ ଭୂମିହୀନ ପରିବାରଙ୍କୁ ଘରଡ଼ିହ ଯୋଗାଇବା ପାଇଁ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ, ଭୂମିହୀନ ପରିବାରମାନେ ହିଁ ପ୍ରକୃତରେ ଦରିଦ୍ରତମ । ସେମାନଙ୍କୁ ପକ୍କାଘର ଯୋଗାଣ ଯୋଜନାର ମୌଳିକ ଲକ୍ଷ୍ୟ ହୋଇଥିବାରୁ ପ୍ରଚଳିତ ନିୟମକୁ କୋହଳ କରି ସେମାନଙ୍କୁ ଘରଡିହ ଯୋଗାଇବାକୁ ହେବ । ଆବଶ୍ୟକ ହେଲେ ଏଥିପାଇଁ ନିୟମରେ ସଂଶୋଧନ ପ୍ରସ୍ତାବ ପ୍ରସ୍ତୁତ କରିବା ନିମନ୍ତେ ମୁଖ୍ୟ ଶଶସନ ସଚିବ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଜଙ୍ଗଲ ଓ ପରିବେଶ ଏବଂ ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରି ସ୍ୱତନ୍ତ୍ର ପ୍ରକଳ୍ପ ସମୂହ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ କହିଥିଲେ ଯେ ଗ୍ରାମୀଣ ଗୃହ ଯୋଗାଣ ପାଇଁ ପ୍ରସ୍ତୁତ ହୋଇଥିବା ଅପେକ୍ଷାରତ ତାଲିକାରେ ପ୍ରାୟ ୫୭,୨୫୭ ଭୂମିହୀନ ପରିବାର ଅଛନ୍ତି । ସେଥି ମଧରୁ ଚଳିତ ମାସ ସୁଦ୍ଧା ୮,୦୬୯ ପରିବାରଙ୍କୁ ଘରଡିହ ଯୋଗାଇ ଦିଆଯାଇଛି ।

# ପ୍ରଧାନମନ୍ତ୍ରୀଙ୍କ ପାଖରେ ମୁଖ୍ୟମନ୍ତ୍ରୀଙ୍କ ୩ଟି ଦାବି

ଭୁବନେଶ୍ୱର,୧୭।୬ (ନି.ପ୍ର): ଯୁକ୍ତ ଦୁଇ ପରୀକ୍ଷା ସରିବା ପରେ ଜାତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କ ଠାରେ ଦାବି କରିଛନ୍ତି । ଆଜି ଅପରାହ୍ନରେ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମାନଙ୍କ ସହିତ ଭିଡ଼ିଓ କନଫରେନସିଂ ମାଧ୍ୟମରେ ଆଲୋଚନା କରିବା ସମୟରେ ମୁଖ୍ୟମନ୍ତ୍ରୀ ଏହି ଦାବି ଉଠାଇଥିଲେ । ଟ୍ରେନ୍ ଓ ବିମାନ ସେବାରେ ପୂର୍ବଭଳି କଟକଣାକୁ ବଳବତର ରଖିବାକୁ ମଧ ଉଲ୍ଲେଖ କରିଛନ୍ତି । ଜୁନ୍ ମାସ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହି ସେବା ବଳବତର ରହିବାର ଆବଶ୍ୟକତା ରହିଛି । ଅନ୍ୟପକ୍ଷରେ ଉପସାଗରୀୟ ଦେଶରେ ଅଟକ ରହିଥିବା ପ୍ରବାସୀ ଓଡ଼ିଆ ମାନଙ୍କୁ ଆଣିବା ପାଇଁ କେନ୍ଦ୍ର ବ୍ୟବସ୍ଥା କରିବାକୁ ଦାବିରେ ଦର୍ଶାଇଛନ୍ତି ।

# ଆଜି ସନ୍ଧ୍ୟାରେ ବସିବ ମନ୍ତ୍ରୀମଣ୍ଡଳ ବୈଠକ

ଭୁବନେଶ୍ୱର,୧୭।୬ (ନି.ପ୍ର): ଆସନ୍ତା କାଲି ସନ୍ଧ୍ୟା ୭.୪୫ରେ ଲୋକସେବା ଭବନରେ ରାଜ୍ୟ ମନ୍ତ୍ରୀମଣ୍ଡଳର ବୈଠକ ବସିବ । ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ରଥଯାତ୍ରା ପ୍ରସଂଗ ସମେତ ଆଉ କେତେକ ବିଷୟ ଉପରେ ନିଷ୍ପତି ନିଆଯିବ ବୋଲି ଜଣାପଡ଼ିଛି ।

# ବରିଷ୍ଠ ନାଗରିକ ମଞ୍ଚର ବୈଠକ : ସରକାରଙ୍କ ସୋସାଇଟି ରେଜିଷ୍ଟ୍ରେସନ ଆଇନ୍ ସଂଶୋଧନକୁ ବିରୋଧ




ବାଲେଶ୍ୱର,୧୭।୬ (ନି.ପ୍ର): ବରିଷ୍ଠ ନାଗରିକ ମଞ୍ଚ ତରଫରୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ସୋସାଇଟି ପଞ୍ଜୀକରଣ ଆଇନ୍ ସଂଶୋଧନ ନିଷ୍ପତ୍ତିକୁ ଦୃଢ଼ ବିରୋଧ କରାଯାଇଛି । ଫକୀରମୋହନ ଗୋଲେଇସ୍ଥିତ କାର୍ଯ୍ୟାଳୟରେ ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଆଜି ଆୟୋଜିତ ଏକ ବୈଠକରେ ସରକାରଙ୍କ ନିଷ୍ପତି ପ୍ରତ୍ୟାହାର ପାଇଁ ଦାବି ହୋଇଥିଲା । ୧୮୬୦ ମସିହାରେ ପ୍ରଣୀତ ସୋସାଇଟି ପଞ୍ଜିକରଣ ଆଇନ୍ ଅନୁଯାୟୀ ଆମ ରାଜ୍ୟରେ ଶହଶହ ସୋସାଇଟି ପଞ୍ଜୀକୃତ ହୋଇ ବହୁ ସାମାଜିକ ସେବାକାର୍ଯ୍ୟ କରୁଛନ୍ତି । ଅନେକ ସୋସାଇଟି ରାଜ୍ୟ ଓ କେନ୍ଦ୍ର ସରକାର କିମ୍ବା କୌଣସି ବିଦେଶୀ ସଂସ୍ଥାରୁ କୌଣସି ଅର୍ଥ ଗ୍ରହଣ ନକରି ନିଜସ୍ୱ ଉଦ୍ୟମରେ ସେବାକାର୍ଯ୍ୟ କରୁଛନ୍ତି । କିନ୍ତୁ ସେହି ସୋସାଇଟିମାନଙ୍କର ପ୍ରତି୫ବର୍ଷରେ ନବୀକରଣ ପାଇଁ ଆଇନଗତ ବାଧ୍ୟବାଧକତାକୁ ମଞ୍ଚ ଦୃଢ଼ ବିରୋଧ କରିଛି । ରାଜ୍ୟସରକାର ଏହି ଉଦ୍ୟମରୁ ବିରତ ହେବାକୁ ମଞ୍ଚ ତରଫରୁ ସର୍ବସମ୍ମତ ନିବେଦନ କରାଯାଇଛି । କରୋନା ମହାମାରୀ ଯୋଗୁଁ ବହୁ ବରିଷ୍ଠ ନାଗରିକ ଗୃହବନ୍ଦୀ ଭାବେ ପାରିବାରିକ ଓ ସାମାଜିକ ଅବହେଳାର ଶୀକାର ହେଉଛନ୍ତି । ବହୁ ବୟସ୍କ ବ୍ୟକ୍ତି ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଭତ୍ତା ପାଇଁ ଆବେଦନ କରିଥିଲେ ମଧ ଜିଲ୍ଲା ପ୍ରଶାସନ ସେ ଦିଗରେ ଗୁରୁତ୍ୱ ଆରୋପ କରୁନଥିବାରୁ ଅନେକ ସଦସ୍ୟ ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ । କେତେକ ପୋଲିସ୍ ଷ୍ଟେସନ୍‌ରେ ବରିଷ୍ଠ ନାଗରିକ ସେଲ୍ ସଠିକ୍ କାର୍ଯ୍ୟ କରୁନଥିବାର ବହୁ ସଦସ୍ୟ ଅଭିଯୋଗ କରିଥିଲେ । ଜିଲ୍ଲାର ସମସ୍ତ ପୋଲିସ୍ ଷ୍ଟେସନ୍‌ରେ ଏହି ସେଲ୍ ପ୍ରତିଷ୍ଠା କରି କାର୍ଯ୍ୟକ୍ଷମ କରିବାକୁ ବୈଠକରେ ଦାବି କରାଯାଇଛି । ଏ ସଂପର୍କରେ ବାଲେଶ୍ୱରରେ ନୂତନ ଭାବେ ଯୋଗ ଦେଇଥିବା ଆରକ୍ଷୀ ଅଧୀକ୍ଷକଙ୍କ ସହ ସାକ୍ଷାତ ଆଲୋଚନା କରିବାକୁ ଆଜିର ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ମଞ୍ଚର ସାଧାରଣ ସଂପାଦକ ଲକ୍ଷ୍ମୀଧର ବେହେରା ଆଲୋଚନାର ବିଷୟ ଓ ଶୋକପ୍ରସ୍ତାବ ଆଗତ କରିଥିଲେ । ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅର୍ଜ୍ଜୁନ ଚରଣ ସେଠୀ, ଗଣ ଆନ୍ଦୋଳନର ନେତା ଗଣନାଥ ପାତ୍ର, ବିଶିଷ୍ଟ ଶିକ୍ଷାବିତ୍ ଡଃ ଲକ୍ଷ୍ମଣ ମହାପାତ୍ର, ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଯୁବ ଅଭିନେତା ସୁଶାନ୍ତ ସିଂ ରାଜପୁତ ଓ ଗତ ଦୁଇଦିନରେ ଚୀନ୍ ସୀମାନ୍ତରେ ସହିଦ ହୋଇଥିବା ସେନାମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଏକମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ବୈଠକରେ ଜିଲ୍ଲା କମିଟିର ୩୮ଜଣିଆ କର୍ମକର୍ତ୍ତା ମଣ୍ଡଳୀ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲି । ଗିରୀଶ ଚନ୍ଦ୍ର ଦାଶ, ହରମୋହନ ଦାଶ, ଶରତ ଚନ୍ଦ୍ର ଦାଶ, ଡଃ ପଦ୍ମଲୋଚନ ପାତ୍ର, ଗୌରାଙ୍ଗ ପାଣିଗ୍ରାହୀ, ଦେବେନ୍ଦ୍ର ଚୌଧୁରୀ, ମଧୁସୂଦନ ଜେନା, ନିରୁପମା ସେଠୀ, ମନୋରଞ୍ଜନ ପାଲ୍ ଓ ବ୍ରଜସୁନ୍ଦର ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ନବନିର୍ବାଚିତ ଅନ୍ୟତମ ସଂପାଦକ ଦେବବ୍ରତ ପାଣିଗ୍ରାହୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo